
# ଧରିତ୍ରୀ DHARITRI

51 Years


ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, September 1/2025 | Page 14 | ₹ 7.00 | BERHAMPUR

୫୧ଶ ଭାଗ ୨୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 277 | ମୂଲ୍ୟ ₹୭/-





## ଦିଲ୍ଲୀରେ ଆଜି



ଦିଲ୍ଲୀର ଲାଲକିଲ୍ଲା ମଇଦାନରେ ଦଶହରାରେ ହେବାକୁ ଥିବା ରାମଲୀଳା ପାଇଁ ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଯୋଗ ଦେଇଛନ୍ତି। ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଜୋଷୀ ଉପସ୍ଥିତ ଅଛନ୍ତି। (ଫଟୋ-ଚମନ ଗୌତମ)

# ସର୍ବସାଧାରଣ ସ୍ଥାନରେ ଯାନ ବ୍ୟବହାର ହେଉ ନ ଥିଲେ ଟିକସ ଆଦାୟ ବନ୍ଦ ହେଉ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୧।୮(ପି.ଟି.)

ଯାନ ଯଦି ବ୍ୟବହୃତ ହେଉ ନ ଥାଏ କିମ୍ବା ସର୍ବସାଧାରଣ ସ୍ଥାନରେ ବ୍ୟବହାର ପାଇଁ ରଖାଯାଇ ନ ଥାଏ, ତେବେ ଏହାର ମାଲିକଙ୍କ ଉପରେ ସମ୍ପୃକ୍ତ ସମୟ ପାଇଁ ମୋଟରଯାନ ଟିକସ ବୋଝ ପକାଯିବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ୨୦୨୪ ଡିସେମ୍ବରର ଏକ ରାୟକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନ ଉପରେ ଜଷ୍ଟିସ୍ ମନୋଜ ମିଶ୍ରା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ଉପରୋକ୍ତ ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ମୋଟରଯାନ ଟିକସ ପ୍ରତିପୂରକ ପ୍ରକୃତିର। ଶେଷ ବ୍ୟବହାର ସହ ଏହାର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ଯଦି ଜଣେ ବ୍ୟକ୍ତି ରାସ୍ତା, ରାଜପଥ ଆଦି ସର୍ବସାଧାରଣ ସ୍ଥାନ ବ୍ୟବହାର କରୁଥିବେ, ତେବେ ତାଙ୍କ ଉପରେ ମୋଟରଯାନ ଟିକସ ଧାର୍ଯ୍ୟ କରାଯିବ ଓ ସେ ଏଭଳି ବ୍ୟବହାର ପାଇଁ ଟିକସ ପୈଠ କରିବେ। ଆନ୍ଧ୍ରପ୍ରଦେଶ ମୋଟରଯାନ ଟିକସ ଆଦାୟ ଆଇନ, ୧୯୬୩ର ଧାରା ୩ରେ ଥିବା ବ୍ୟବସ୍ଥାରେ ବ୍ୟବସ୍ଥାପିକା 'ସର୍ବସାଧାରଣ ସ୍ଥାନ' ଶବ୍ଦକୁ ସଚେତନତାର ସହ ବ୍ୟବହାର କରାଯାଇଛି। ସର୍ବସାଧାରଣ ସ୍ଥାନରେ ଯଦି ମୋଟରଯାନ ବ୍ୟବହାର ହେଉନାହିଁ କିମ୍ବା ରଖାଯାଇ ନାହିଁ, ତେବେ ସମ୍ପୃକ୍ତ ବ୍ୟକ୍ତି ସର୍ବସାଧାରଣ ଭିତ୍ତିଭୂମିର ଲାଭ ପାଉ ନାହାନ୍ତି। ତେଣୁ ତାଙ୍କ ଉପରେ ଉକ୍ତ ସମୟ ପାଇଁ ଟିକସ ବୋଝ ପକାଯିବା ଉଚିତ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

# ସେପ୍ଟେମ୍ବରରେ ବନ୍ୟା, ଭୂସ୍ଖଳନ ନେଇ ଆଇଏମ୍‌ଡିର ସତର୍କତା

ନୂଆଦିଲ୍ଲୀ, ୩୧।୮(ପି.ଟି.)

ଅଗଷ୍ଟ ମାସରେ ଦେଶର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ଅନେକ ବିପର୍ଯ୍ୟୟ ଘଟିଥିବା ବେଳେ ସେପ୍ଟେମ୍ବର ମାସରେ ମଧ୍ୟ ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ବନ୍ୟା, ଭୂସ୍ଖଳନ ପରି ପ୍ରାକୃତିକ ବିପର୍ଯ୍ୟୟ ଘଟିପାରେ ବୋଲି ରବିବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସତର୍କତା ଜାରି କରିଛି। ସେହିପରି ସେପ୍ଟେମ୍ବରରେ ଦେଶର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ ହେବ ବୋଲି ଆଇଏମ୍‌ଡି ସୂଚନା ଦେଇଛି। ସେପ୍ଟେମ୍ବର ମାସର ହାରାହାରି ବର୍ଷା ସ୍ୱାଭାବିକ ବର୍ଷା ୧୬୭.୯ ମି.ମି. ତୁଳନାରେ ୧୦୯%ରୁ ଅଧିକ ରହିବ ବୋଲି ଆଇଏମ୍‌ଡି ଆକଳନ କରିଛି। ଆକଳନ ଅନୁଯାୟୀ, ସେପ୍ଟେମ୍ବରରେ ଦେଶର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ ହେବ। ତେବେ ଉତ୍ତର-ପୂର୍ବ, ପୂର୍ବ ଭାରତର କିଛି ଅଞ୍ଚଳ, ଦକ୍ଷିଣ ଉପଦ୍ୱୀପ ଭାରତର ଅନେକ ଅଞ୍ଚଳ ଏବଂ

## ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ

ଉତ୍ତର-ପଶ୍ଚିମ ଭାରତର କିଛି ସ୍ଥାନରେ ସ୍ୱାଭାବିକଠାରୁ କମ୍ ବର୍ଷା ରେକର୍ଡ ହେବ। ସେପ୍ଟେମ୍ବରରେ ପ୍ରବଳ ବର୍ଷା ଯୋଗୁ ଉତ୍ତରାଖଣ୍ଡରେ ଭୂସ୍ଖଳନ ଓ ବନ୍ୟା ସ୍ଥିତି ସୃଷ୍ଟି ହେବା ସହ ଦକ୍ଷିଣ ହରିୟାଣା, ଦିଲ୍ଲୀ ଏବଂ ଉତ୍ତର ରାଜସ୍ଥାନରେ ସାଧାରଣ ଜନଜୀବନ ପ୍ରଭାବିତ ହୋଇପାରେ ବୋଲି ରବିବାର ଏକ ଅନ୍‌ଲାଇନ ଖବରଦାତା ସମ୍ମିଳନୀ କରି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସତର୍କତା ଜାରି କରିଛନ୍ତି। ଅନେକ ନଦୀର ଉତ୍ପତ୍ତି ଉତ୍ତରାଖଣ୍ଡରୁ ହୋଇଛି। ତେଣୁ ପ୍ରବଳ ବର୍ଷାରେ ନଦୀଗୁଡ଼ିକ ଫୁଲିବା ସହ ତଳି ଅଞ୍ଚଳରେ ଥିବା ସହରଗୁଡ଼ିକରେ ବନ୍ୟା ସ୍ଥିତି ସୃଷ୍ଟି ହୋଇପାରେ। ଛତିଶଗଡ଼ରେ ମହାନଦୀ ଉପର ମୁଣ୍ଡରେ ଥିବା ଅଞ୍ଚଳଗୁଡ଼ିକରେ ମଧ୍ୟ ପ୍ରବଳ ବର୍ଷା ହେବା ସମ୍ଭାବନା ଥିବା ସେ କହିଛନ୍ତି।

# ଭାରତ ଆସିବେନି ଟ୍ରମ୍ପ୍

ନ୍ୟୁୟର୍କ, ୩୧।୮

ବର୍ଷ ଶେଷ ଭାଗରେ ଭାରତରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଡ୍ ସମିଟ୍‌ରେ ଯୋଗଦେବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନୂଆଦିଲ୍ଲୀ ଗସ୍ତରେ ଆସିବାର ଯୋଜନା ନାହିଁ। ଦି ନ୍ୟୁୟର୍କ ଟାଇମ୍ସ ପକ୍ଷରୁ ଶନିବାର ସନ୍ଧ୍ୟାରେ ଏଭଳି ଖବର ପ୍ରକାଶ ପାଇଛି। ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆକୁ ନେଇ କ୍ୱାଡ୍ ଗଠିତ। ମୁକ୍ତ ଓ ଅବାଧ ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳ ସୁନିଶ୍ଚିତ କରିବା ଏହାର ଲକ୍ଷ୍ୟ। ରୁଷିଆରୁ ତେଲ କିଣୁଥିବାରୁ ଭାରତ ଉପରେ ଟ୍ରମ୍ପ୍‌ଙ୍କ ଅତ୍ୟଧିକ ଟାରିଫ୍‌କୁ ନେଇ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଦେଖାଦେଇଛି।

# ସିବିଆଇ ତଦନ୍ତ କରିଥିବା ୭ ହଜାର ଦୁର୍ନୀତି ମାମଲା କୋର୍ଟରେ ବିଚାରାଧୀନ

ନୂଆଦିଲ୍ଲୀ, ୩୧।୮(ପି.ଟି.)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଦ୍ୱାରା ତଦନ୍ତ କରାଯାଇଥିବା ୭,୦୭୨ ଦୁର୍ନୀତି ମାମଲା ଏବେ ବିଭିନ୍ନ କୋର୍ଟରେ ବିଚାରାଧୀନ ରହିଛି। ସେଥିମଧ୍ୟରୁ ୩୭୯ଟି ମାମଲା ୨୦ ବର୍ଷରୁ ଅଧିକ ଦିନଧରି ବିଚାରାଧୀନ ଥିବା ନେଇ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ(ସିଭିସି)ର ସଦ୍ୟତମ ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ୨୦୨୪ ଡିସେମ୍ବର ୩୧ ସୁଦ୍ଧା ୧୫୦୬ଟି ଦୁର୍ନୀତି ମାମଲା ୩ ବର୍ଷରୁ କମ୍ ସମୟ ଧରି ବିଭିନ୍ନ କୋର୍ଟରେ ବିଚାରାଧୀନ ଥିବା ବେଳେ ୭୯୧ ମାମଲା ୩ ବର୍ଷରୁ ଅଧିକ ଏବଂ ୫ ବର୍ଷରୁ କମ୍, ୨୧୧୫ ମାମଲା ୫ ବର୍ଷରୁ ଅଧିକ ଏବଂ ୧୦ ବର୍ଷରୁ କମ୍, ୨୨୮୧ ମାମଲା ୧୦ ବର୍ଷରୁ ଅଧିକ ଏବଂ ୨୦ ବର୍ଷରୁ କମ୍ ସମୟ ଧରି କୋର୍ଟରେ ବିଚାରାଧୀନ ଥିବା ନେଇ ରିପୋର୍ଟରେ କୁହାଯାଇଛି।

# ସୀମାରେ ଶାନ୍ତି ବୀମା ନୀତି ସଦୃଶ

## ମତଭେଦକୁ ବିବାଦରେ ପରିଣତ ହେବାକୁ ଦିଆ ନ ଯାଉ

ତିଆଞ୍ଜିନ୍,୩୧।୮

ଭାରତ ଓ ଚାଇନା ସୀମାରେ ଶାନ୍ତି ତଥା ସ୍ଥିରତା ବଜାୟ ରଖିବା ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ଏକ ବୀମା ନୀତି ସଦୃଶ ବୋଲି ରବିବାର ନୂଆଦିଲ୍ଲୀ ପକ୍ଷରୁ ବେଜିଂକୁ କୁହାଯାଇଛି। ତିଆଞ୍ଜିନ୍‌ରେ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ଆଲୋଚନାବେଳେ ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ବିକ୍ରମ ମିସ୍ରି ଗଣମାଧ୍ୟମକୁ ଅବଗତ କରାଇଛନ୍ତି।

ପୂର୍ବ ଲଦାଖରେ ସୀମା ବିବାଦକୁ ନେଇ ଭାରତ ଓ ଚାଇନା ସୈନ୍ୟ ମଧ୍ୟରେ ରକ୍ତାକ୍ତ ସଂଘର୍ଷର ପ୍ରାୟ ୪ ବର୍ଷ ପରେ ୨୦୨୪ ଅକ୍ଟୋବରରେ ପ୍ରଧାନମନ୍ତ୍ରୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍।

ମୋଦି ଓ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ରୁଷିଆରେ ପରସ୍ପରକୁ ଭେଟିଥିଲେ। ଏହା ପରେ ରବିବାର ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ ସୀମା ବିବାଦ ସମେତ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସୀମାପାର ଆତଙ୍କବାଦକୁ ନେଇ ରହିଥିବା ଆହ୍ୱାନ ପ୍ରସଙ୍ଗ ଉଠାଇବା ସହ ଭାରତ ଓ ଚାଇନା ଏହାର ମୁକାବିଲା ପାଇଁ ପରସ୍ପରକୁ ସହଯୋଗ କରିବା ଉଚିତ ବୋଲି ମତ ଦେଇଛନ୍ତି। ମୋଦି କହିଛନ୍ତି, ସୀମାପାର ଆତଙ୍କବାଦ ପରିପ୍ରେକ୍ଷୀରେ ବର୍ତ୍ତମାନର ଏସ୍‌ସିଓ ସମିଟ୍ ପରିପ୍ରେକ୍ଷୀରେ ଆମେ ଚାଇନାଠାରୁ ସହଯୋଗ ପାଇଛୁ। ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ଉଭୟ ପକ୍ଷଙ୍କ ସିଦ୍ଧାନ୍ତ ଭବିଷ୍ୟତରେ ସହାୟକ ହେବ। ଏହି ସମ୍ପର୍କ ଭାରତ ଓ ଚାଇନାର ୨.୮ ବିଲିୟନ୍ ଲୋକଙ୍କୁ ସୁବିଧା ଦେବ। ଏହି ଅବସରରେ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ସମ୍ପର୍କ ବୃଦ୍ଧି ପାଇଁ ୪ଟି ପ୍ରସ୍ତାବ ଦେଇଛନ୍ତି। ସେଗୁଡ଼ିକ ହେଲା ରଣନୈତିକ ଯୋଗାଯୋଗକୁ ସୁଦୃଢ଼ କରି ପାରସ୍ପରିକ ଆସ୍ଥାକୁ ମଜଭୁତ କରିବା, ପାରସ୍ପରିକ ଲାଭ ହାସଲ ପାଇଁ ବିନିମୟ ଓ ସହଯୋଗକୁ ବିସ୍ତାର କରିବା, ପରସ୍ପରର ଅସୁବିଧା ଦୂରକରିବା ଏବଂ ସମାନ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ପାରସ୍ପରିକ ସହଯୋଗକୁ ଆଗକୁ ବଢ଼ାଇବା। ଏହି ସମସ୍ତ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ମୋଦି ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି। ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସୀମାରେ ଶାନ୍ତି ଓ ସ୍ଥିରତା ଆଣିବା ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଭାରତ ଓ ଚାଇନା ମଧ୍ୟରେ କୌଣସି ମତଭେଦକୁ ବିବାଦରେ ପରିଣତ ହେବାକୁ ଦିଆଯିବା ଅନୁଚିତ ବୋଲି ଦୁଇନେତା ସହମତି ପ୍ରକାଶ କରିଥିବା ମିସ୍ରି କହିଛନ୍ତି।

# ୩୮ ବର୍ଷୀୟା ଅଭିନେତ୍ରୀ ପ୍ରିୟା ମରାଠେଙ୍କ ପରଲୋକ



ମୁମ୍ବାଇ, ୩୧।୮ (ପି.ଟି.)

ଟିଭି ଅଭିନେତ୍ରୀ ପ୍ରିୟା ମରାଠେ(୩୮)ଙ୍କର ରବିବାର ପରଲୋକ ହୋଇଯାଇଛି। ମୁମ୍ବାଇର ମୀରା ରୋଡ଼ସ୍ଥିତ ନିଜ ବାସଭବନରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଗତ ୨ ବର୍ଷ ଧରି ସେ କର୍କଟ ରୋଗ ସହ ଲଢ଼େଇ କରୁଥିଲେ। ବିଭିନ୍ନ ହିନ୍ଦୀ ଏବଂ ମରାଠୀ ଧାରାବାହିକରେ ପ୍ରିୟା ଅଭିନୟ କରିଥିଲେ। 'ପବିତ୍ର ରିସ୍ତା', 'କଶମ ସେ' ପରି ଧାରାବାହିକ ତାଙ୍କୁ ଲୋକପ୍ରିୟ କରାଇଥିଲା।

# ଇସ୍ରାଏଲ୍ ଆକ୍ରମଣରେ ହମାସ୍ ମୁଖପାତ୍ର ନିହତ

ଡେଇର୍ ଅଲ୍-ବଲାହ,୩୧।୮

ଇସ୍ରାଏଲୀ ସେନା ଆକ୍ରମଣରେ ହମାସ୍ ସଶସ୍ତ୍ର ଶାଖାର ମୁଖପାତ୍ର ଅବୁ ଅବେଇଦା ନିହତ ହୋଇଛନ୍ତି। ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟ୍‌ଜ ରବିବାର ଏହା ଘୋଷଣା କରିଛନ୍ତି। ଗାଜା ସିଟିରେ ଇସ୍ରାଏଲ୍ ଶୁକ୍ରବାର ନୂଆ ସାମରିକ ଆକ୍ରମଣ ଆରମ୍ଭ କରିବା ଦିନ ଓବେଇଦା ଶେଷ ମନ୍ତବ୍ୟ ଦେଇଥିଲେ। ଇସ୍ରାଏଲ୍‌ର ଦାବି ଉପରେ ହମାସ୍ କୌଣସି ମନ୍ତବ୍ୟ ଦେଇନାହିଁ। ହମାସ୍‌ର କସମ ବ୍ରିଗେଡ୍‌ରେ ଦୀର୍ଘଦିନ ଧରି ମୁଖପାତ୍ର ରହିଆସିଥିବା ଓବେଇଦାଙ୍କ ଉପରେ ଆକ୍ରମଣ ହୋଇଥିବା ପୂର୍ବରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସୂଚନା ଦେଇଥିବାବେଳେ ସେ ମୃତ କି ଜୀବିତ



ଅବୁ ଅବେଇଦା

ଜାଣି ନ ଥିବା କହିଥିଲେ। ଗାଜା ସିଟିରେ ଦୁଇଦିନ ଧରି ଚାଲିଥିବା ଆକ୍ରମଣରେ ଅନ୍ୟୁନ ୪୩ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଶିଫା ହସ୍ପିଟାଲକୁ ଶନିବାର ୨୯ଟି ମୃତଦେହ ଅଣାଯାଇଥିବାବେଳେ ରବିବାର ସକାଳେ ଆଉ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୋଟ ମୃତକଙ୍କ ମଧ୍ୟରେ ସହାୟତା ପାଇଁ ଯାଇ ପ୍ରାଣ ହରାଇଥିବା ୧୭ ଜଣ ରହିଛନ୍ତି।

# ମହୁଆ ମୋଇତ୍ରଙ୍କ ନାଁରେ ମାମଲା

ରାୟପୁର, ୩୧।୮

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ଆପତ୍ତିଜନକ ଟିପ୍ପଣୀକୁ ନେଇ ରବିବାର ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରଙ୍କ ନାଁରେ ଛତିଶଗଡ଼ ରାୟପୁରରେ ମାମଲା ରୁଜୁ ହୋଇଛି। ଗୁରୁବାର ପଶ୍ଚିମବଙ୍ଗର ନଦିଆ ଜିଲାରେ ଏକ ସଭା କରୁଥିବା ବେଳେ ମହୁଆ କହିଥିଲେ, ଯଦି ଶାହା ବାଂଲାଦେଶରୁ ଅନୁପ୍ରବେଶ ରୋକିବାରେ ବିଫଳ ହେଉଛନ୍ତି ତେବେ ତାଙ୍କ ମୁଣ୍ଡକାଟ ହେବା ଉଚିତ୍। ମହୁଆଙ୍କ ଏପରି ମନ୍ତବ୍ୟକୁ ବିରୋଧକରି ସୋମବାର ଅପରାହ୍ଣ ୨ଟାରେ କୋଲ୍‌କାତାରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ଭାରତୀୟ ଆପ୍ରବାସନ ବୃଦ୍ଧି ବିରୋଧରେ ଅଷ୍ଟ୍ରେଲିଆରେ ବିକ୍ଷୋଭ

କାନ୍‌ବେରା,୩୧।୮(ପି.ଟି.)

ଅଷ୍ଟ୍ରେଲିଆରେ ଭାରତୀୟଙ୍କ ଆପ୍ରବାସନ ବଢ଼ୁଥିବାରୁ ଏହା ବିରୋଧରେ ବିଭିନ୍ନ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତେବେ ଅଷ୍ଟ୍ରେଲିଆ ସରକାର ଏଭଳି ବିକ୍ଷୋଭ ଅଭିଯାନକୁ ନିନ୍ଦା କରିଛନ୍ତି। ବର୍ଣ୍ଣବୈଷମ୍ୟ ଓ ଜାତୀୟତାବାଦ ଉପରେ ଆଧାରିତ ଅତି ଦକ୍ଷିଣପନ୍ଥୀ କାର୍ଯ୍ୟକଳାପର ଦେଶରେ କୌଣସି ସ୍ଥାନ ନାହିଁ ବୋଲି ସରକାର କହିଛନ୍ତି। ଆପ୍ରବାସନ ବିରୋଧରେ ଅଷ୍ଟ୍ରେଲୀୟଙ୍କ ରାଲି ସିଡ୍‌ନୀ, ମେଲବର୍ଣ୍ଣ, ବ୍ରିସ୍‌ବେନ୍, କାନ୍‌ବେରା, ଆଡିଲେଡ୍, ପର୍ଥ, ହୋବାର୍ଟ ସମେତ ବିଭିନ୍ନ ସହରରେ ଅନୁଷ୍ଠିତ ହୋଇଛି। ଐତିହ୍ୟ ନିର୍ବିଶେଷରେ ସବୁ ଅଷ୍ଟ୍ରେଲୀୟଙ୍କର ନିରାପଦ ଅନୁଭବ କରିବାର ଅଧିକାର




ରହିଛି ଓ ଆମ ସମ୍ପ୍ରଦାୟରେ ସ୍ୱାଗତଯୋଗ୍ୟ ବୋଲି ସରକାରଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସାମାଜିକ ଏକତାକୁ ଭାଗ ଭାଗ କରିବାକୁ ଓ ଏହାକୁ ନୀଚା ଦେଖାଉବାକୁ ଚାହୁଁଥିବା ଲୋକଙ୍କର ଆମ ଦେଶରେ ସ୍ଥାନ ନାହିଁ ବୋଲି ସେଠାର ଗୃହମନ୍ତ୍ରୀ ଟୋନି ବୁର୍କେ କହିଛନ୍ତି। ବହୁସଂସ୍କୃତିବାଦ ଆମ ଜାତୀୟ ପରିଚୟର ଏକ ଅଭିନ୍ନ ଓ ମୂଲ୍ୟବାନ୍ ଭାଗ ବୋଲି ବହୁସଂସ୍କୃତି ବିଭାଗ ମନ୍ତ୍ରୀ ଆନି ଆଲି କହିଛନ୍ତି।

# ସ୍ୱଦେଶୀ ସାମଗ୍ରୀ ଉପରେ ଗର୍ବ କରିବାକୁ ମୋଦିଙ୍କ ପରାମର୍ଶ

ନୂଆଦିଲ୍ଲୀ,୩୧।୮

ଆଗକୁ ପାର୍ବଣ ଋତୁ ଆସୁଥିବାରୁ ସ୍ୱଦେଶୀ ସାମଗ୍ରୀ ଉପରେ ଗର୍ବ ଅନୁଭବ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। 'ଭୋକାଲ ଫର୍ ଲୋକାଲ' ମନ୍ତ୍ର ଉପରେ ସେ ଜୋର୍ ଦେବା ସହ ଆତ୍ମନିର୍ଭର ଭାରତ ମାର୍ଗ ଦେଶକୁ ବିକଶିତ କରିବ ବୋଲି କହିଛନ୍ତି। ମନ୍ କୀ ବାତ୍ ମାସିକ ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦୈନନ୍ଦିନ ଜୀବନରେ ଯାହାସବୁ ଦରକାର, ତାହା ସ୍ୱଦେଶୀ ହେବା ଆବଶ୍ୟକ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ହୋଇଛି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ଦେଶକୁ ଆତ୍ମନିର୍ଭର କରାଇବା ଉପରେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଦେଶର ବିଭିନ୍ନ ଭାଗରେ ଗଣେଶ ପୂଜା ପାଳିତ ହେଉଥିବାବେଳେ ଆଗକୁ ଦୁର୍ଗାପୂଜା ଓ ଦୀପାବଳି ଆସୁଛି। ଏହି ସମୟରେ ଉପହାର, ପୋଷାକ, ଘରସଜ୍ଜା ସାମଗ୍ରୀ ଯାହା କିଛି କିଣୁଛନ୍ତି, ସ୍ୱଦେଶୀ ଉତ୍ପାଦ କିଣିବାରେ ଆଦୌ ଭୁଲନ୍ତୁ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମନ୍ କୀ ବାତ୍‌ର ୧୨୫ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ବର୍ଷାଋତୁରେ ଦେଶର ବିଭିନ୍ନ ଭାଗରେ ବନ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟଣାକୁ ନେଇ ଦୁଃଖପ୍ରକାଶ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ଦେଶର ପରୀକ୍ଷା ନେଉଥିବା ସେ କହିଛନ୍ତି। ଏଭଳି ସଙ୍କଟ ସମୟରେ ସୁରକ୍ଷା ବଳ, ସ୍ଥାନୀୟ ଜନସାଧାରଣ, ସାମାଜିକ କର୍ମୀ, ଡାକ୍ତର, ପ୍ରଶାସନ ପକ୍ଷରୁ ଯଥାସମ୍ଭବ ଉଦ୍ୟମ କରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀନଗରର ଡାଲ୍ ହ୍ରଦରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ନୌଚାଳନାରେ ଚାମ୍ପିଅନ୍ ହୋଇଥିବା ଓଡ଼ିଆ ଝିଅ ରଶ୍ମିତା ସାହୁଙ୍କ ସଫଳତା ସମ୍ପର୍କରେ କହିବା ସହ ତାଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି।

# 'ଏଜୁକେଟ୍ ଗର୍ଲ୍ସ'କୁ ମାଗ୍‌ସେସେ ପୁରସ୍କାର

ମାନିଲା,୩୧।୮(ପି.ଟି.)

ସ୍କୁଲ ବାହାରେ ଦୁର୍ଗମ ଗ୍ରାମାଞ୍ଚଳରେ ଝିଅମାନଙ୍କୁ ଶିକ୍ଷାଦାନ କରୁଥିବା ଭାରତୀୟ ଏନ୍‌ଜିଓ 'ଏଜୁକେଟ୍ ଗର୍ଲ୍ସ' ଚଳିତ ବର୍ଷର ରମୋନ ମାଗ୍‌ସେସେ ପୁରସ୍କାର ପାଇଁ ମନୋନୀତ ହୋଇଥିବା ରବିବାର ଫାଉଣ୍ଡେଶନ ପକ୍ଷରୁ ଘୋଷଣା କରାଯାଇଛି। ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବାରେ ଏଜୁକେଟ୍ ଗର୍ଲ୍ସ ପ୍ରଥମ ଭାରତୀୟ ସଂଗଠନ ବୋଲି ରମୋନ ମାଗ୍‌ସେସେ ଆୱାର୍ଡ ଫାଉଣ୍ଡେଶନ (ଆର୍‌ଏମ୍‌ଏଏଫ୍) ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ରମୋନ ମାଗ୍‌ସେସେ ପୁରସ୍କାର ଏସିଆରେ ନୋବେଲ ପୁରସ୍କାର ସମକକ୍ଷ। ଏସିଆରେ ନିଃସ୍ୱାର୍ଥପର ସେବା ମନୋଭାବର ମହାନତାର ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ପୁରସ୍କାରର ଅନ୍ୟ ୨ ବିଜେତା ହେଲେ ମାଲଦ୍ୱୀପର ସାହିନା ଅଲି ଏବଂ ଫିଲିପାଇନ୍ସର ଫ୍ଲାଭିଆନୋ ଆଣ୍ଟୋନିଓ ଏଲ୍ ଭିଲାନୁଏଭା। ପରିବେଶ ବିକାଶ ଦିଗରେ ସାହିନାଙ୍କ କାର୍ଯ୍ୟ ପାଇଁ ତାଙ୍କୁ ଏହି ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ରାଷ୍ଟ୍ରପତି ରମୋନ ମାଗାସେସେଙ୍କ ଫଟୋ ଥିବା ମେଡାଲ, ପ୍ରଶସ୍ତିପତ୍ର ଓ ନଗଦ ଅର୍ଥରାଶି ପ୍ରଦାନ କରାଯିବ। ୬୭ତମ ରମୋନ ମାଗ୍‌ସେସେ ପୁରସ୍କାର ପ୍ରଦାନ ଉତ୍ସବ ନଭେମ୍ବର ୭ରେ ମାନିଲାର ମେଟ୍ରୋପଲିଟାନ ଥିଏଟରରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏସିଆର ଏହି ସର୍ବଶ୍ରେଷ୍ଠ ପୁରସ୍କାର ପାଇଁ ସଫିନା ହୁସେନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ଏଜୁକେଟ୍ ଗର୍ଲ୍ସ ମନୋନୀତ ହୋଇଛି। ଝିଅ ଏବଂ କମ୍ ବୟସ୍କା ମହିଳାମାନଙ୍କୁ ଶିକ୍ଷା ପ୍ରଦାନ ଜରିଆରେ ସେମାନଙ୍କୁ ନିରକ୍ଷରତାର ବନ୍ଧନରୁ ମୁକ୍ତ କରିବା ସହ ଦକ୍ଷ ଏବଂ ସାହସୀ କରାଇବା ଓ ପୂର୍ଣ୍ଣ ମାନବୀୟ ସାମର୍ଥ୍ୟ ହାସଲ କରାଇବା ଦିଗରେ ଏହି ସଂସ୍ଥା କାର୍ଯ୍ୟ କରିଥାଏ। ଲଣ୍ଡନ ସ୍କୁଲ୍ ଅଫ୍ ଇକୋନୋମିକ୍ସରୁ ସ୍ନାତକ ଡିଗ୍ରୀ ପରେ ସାନ୍‌ଫ୍ରାନ୍ସିସ୍କୋରେ କାର୍ଯ୍ୟ କରୁଥିବା ସାଫିନା ହୁସେନ୍ ନାରୀ ନିରକ୍ଷରତା ଆହ୍ୱାନକୁ ଗ୍ରହଣ କରି ୨୦୦୭ରେ ଏଜୁକେଟ୍ ଗର୍ଲ୍ସ ପ୍ରତିଷ୍ଠା କରିଥିଲେ। ପ୍ରଥମେ ରାଜସ୍ଥାନରେ ଏହି ସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିଲା। ଆଦୌ ସ୍କୁଲ୍ ଯାଇ ନ ଥିବା ଓ ସ୍କୁଲ୍‌ଶିକ୍ଷାରୁ ବାଦ୍ ପଡ଼ିଥିବା ଝିଅମାନଙ୍କୁ ଆଣି ସେମାନଙ୍କୁ ଶିକ୍ଷା ପ୍ରଦାନ କରିବା ସହ ଉଚ୍ଚଶିକ୍ଷା ଗ୍ରହଣ ପାଇଁ ସମର୍ଥ ହେବା ଓ ଲାଭଦାୟକ ନିଯୁକ୍ତି ପାଇବା ପର୍ଯ୍ୟନ୍ତ ପାଖରେ ରଖିଥାଏ। ୨୦୧୫ରେ ଏହା ସାରା ଦେଶର ୩୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାମରେ ୫୦ ପାଇଲଟ୍ ଭିଲେଜ ସ୍କୁଲ୍ ଆରମ୍ଭ କରିଥିଲା, ଯେଉଁଥିରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଝିଅ ସାମିଲ ହୋଇଛନ୍ତି।

# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧/୨୦୨୫ | Bhubaneswar, Monday, September 1/2025 | ପୃଷ୍ଠା-୧




**କ୍ରିଶନଙ୍କ ୧୫୦ତମ ମ୍ୟାଚ**

ଏସିଆ କପ୍ ହକି ଟୁର୍ନାମେଣ୍ଟର ଜାପାନ ବିପକ୍ଷ ମ୍ୟାଚରେ କ୍ୟାରିୟରର ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି ଭାରତ ଗୋଲକିପର କ୍ରିଶନ ବାହାଦୁର ପାଠକ।

୧୨

୦୨

**ବନାଗ୍ନିକୁ ନେଇ 'ଜୁଗ୍‌ନୁମା'**

ଅଭିନେତା ମନୋଜ ବାଜପେୟୀଙ୍କ 'ଜୁଗ୍‌ନୁମା' ଫିଲ୍ମର ଟ୍ରେଲର ରିଲିଜ୍ ହୋଇଛି। ବନାଗ୍ନିକୁ ନେଇ ଏହି ଫିଲ୍ମର କାହାଣୀ ଆଧାରିତ।





ଇସ୍ରାଏଲ ସେନା ଆକ୍ରମଣ ଯୋଗୁ ରବିବାର ଗାଜାରେ ବିସ୍ଫୋରଣ ପରେ ଧୂଆଁ ଉଠୁଛି। (ଫଟୋ-ରଏଟର୍ସ)

# ସମ୍ପର୍କ ସୁଧାରିବାକୁ ଭାରତ-ଚାଇନା ସହମତ

**ପରିବର୍ତ୍ତିତ ଭୂରାଜନୈତିକ ପରିବେଶ ସମ୍ପ୍ରତି ଭାରତ ଓ ଚାଇନାକୁ ନିକଟତର କରାଇଛି। ଆମେରିକାର ଟାରିଫ୍ ନୀତି ଦୁଇ ପଡ଼ୋଶୀଙ୍କୁ କେବଳ ଅତୀତର ମତଭେଦ ଭୁଲିବାକୁ ସୁଯୋଗ ଦେଇନାହିଁ, ବରଂ ରଣନୈତିକ ଓ ବାଣିଜ୍ୟିକ ସହଯୋଗୀ ପାଲଟିବା ପାଇଁ ଏକପ୍ରକାର ବାଧ କରିଛି। ଏହି ପରିପ୍ରେକ୍ଷୀରେ ଚାଇନା ସହ ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିଆଞ୍ଜିନ୍‌ରେ ପ୍ରକାଶ କରିଛନ୍ତି। ଏହା ହେଉଛି ୭ ବର୍ଷ ମଧ୍ୟରେ ମୋଦିଙ୍କ ପ୍ରଥମ ଚାଇନା ଗସ୍ତ। ଏହି ଗସ୍ତବେଳେ ମୋଦି ସୋମବାର ଗ୍ଲୋବାଲ ସାଉଥ୍‌ର ଏକତାକୁ ଗୁରୁତ୍ୱ ଦେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ କେନ୍ଦ୍ରୀୟ, ଦକ୍ଷିଣ, ଦକ୍ଷିଣପୂର୍ବ ଏସିଆ ତଥା ମଧ୍ୟପ୍ରାଚ୍ୟର ଅନ୍ୟ ନେତାମାନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।**



ତିଆଞ୍ଜିନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍

ତିଆଞ୍ଜିନ୍,୩୧।୮ (ରଏଟର୍ସ/ପି.ଟି.)

ଭାରତ ଓ ଚାଇନା ମଧ୍ୟରେ ୩,୮୦୦ କି.ମି. (୨,୪୦୦ ମାଇଲ) ବିସ୍ତୃତ ସୀମା ରହିଛି। ଏହି ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)କୁ ଉପଯୁକ୍ତ ପରିମାପ କରାଯାଇ ନ ଥିବାରୁ ୧୯୫୦ ଦଶକରୁ ଦୁଇ ପଡ଼ୋଶୀ ମଧ୍ୟରେ ସୀମା ବିବାଦ ଲାଗିରହିଛି। ୨୦୨୦ ଜୁନ୍ ୨୦ରେ ପୂର୍ବ ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ପକ୍ଷଙ୍କ ସୈନ୍ୟ ମୃତାହତ ହୋଇଥିଲେ। ଗଲୱାନ୍ ସଂଘର୍ଷ ପରଠୁ ଦୁଇଦେଶର ସମ୍ପର୍କରେ ତିକ୍ତତା ଲାଗିରହିଥିବାବେଳେ ଗତବର୍ଷ ରୁଷିଆରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀ ଅବସରରେ ମୋଦି ଓ ଜିନ୍‌ପିଙ୍ଗ୍ ପରସ୍ପରକୁ ସାକ୍ଷାତ କରିଥିଲେ। ସେବେଠୁ ଦ୍ୱିପାକ୍ଷିକ ସମ୍ପର୍କରେ କ୍ରମଶଃ ଉନ୍ନତି ଆସୁଥିବାରୁ ଏହାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ସ୍ୱାଗତ କରିଛନ୍ତି।

ଚାଇନାର ତିଆଞ୍ଜିନ୍‌ରେ ରବିବାରଠାରୁ ଦୁଇଦିନିଆ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ର ୨୫ତମ ବାର୍ଷିକ ସମ୍ମିଳନୀ ଆରମ୍ଭ ହୋଇଛି। ☞ପୃଷ୍ଠା-୨

# ରାଜ୍ୟରେ ନୂଆ ୧୬ ଏନ୍ଏସି, ୭ ମ୍ୟୁନିସିପାଲିଟି

**ସ୍ୱାୟତ୍ତ ଶାସନ ଦିବସ ଅବସରରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ନୂଆ ୧୬ ଏନ୍ଏସି ଏବଂ ୭ ମ୍ୟୁନିସିପାଲିଟି ନାଁ ଘୋଷଣା କରିଛନ୍ତି। ସହରାଞ୍ଚଳରେ ଶାସନ ବ୍ୟବସ୍ଥାରେ ଉଲ୍ଲେଖନୀୟ ପ୍ରଗତି ଆଣିବା ସହ ପୌର ପ୍ରଶାସନକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଗତ ୧୬ ତାରିଖରେ ୧୨ ନୂଆ ଏନ୍ଏସି ଘୋଷଣା କରାଯାଇଥିଲା। ଏବେ ସଦ୍ୟ ଘୋଷଣା ସହ ରାଜ୍ୟରେ ମୋଟ ଏନ୍ଏସି ସଂଖ୍ୟା ୮୩ରେ ପହଞ୍ଚିଛି। ସେହିପରି ୭ ନୂଆ ମ୍ୟୁନିସିପାଲିଟି ଘୋଷଣା ପରେ ଏହାର ସଂଖ୍ୟା ୫୫ରେ ପହଞ୍ଚିଛି।**

ଭୁବନେଶ୍ୱର,୩୧।୮ (ରବିନାରାୟଣ ଜେନା)

ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସ୍ଥାନୀୟ ରେଲ୍ ଅଡିଟୋରିୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟରେ ସହରାଞ୍ଚଳ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ରାଜ୍ୟର ସହରାଞ୍ଚଳ ହେଉଛି ବିକାଶର ପ୍ରତିଛବି। ସହରାଞ୍ଚଳଗୁଡ଼ିକର ରାସ୍ତାଘାଟ ଯଦି ପରିଷ୍କାର ପରିଚ୍ଛନ୍ନ ସହ ଗର୍ତ୍ତମୁକ୍ତ ନ ରୁହେ ତେବେ ଆମ ଲକ୍ଷ୍ୟ ଅପୂରଣୀୟ ରହିବ। ତେଣୁ ଆସନ୍ତା ୨୦୨୬ ଏପ୍ରିଲ ମଧ୍ୟରେ ରାଜ୍ୟର ସମସ୍ତ ପୌରାଞ୍ଚଳର ରାସ୍ତାଘାଟଗୁଡ଼ିକ ଯେପରି ଗର୍ତ୍ତମୁକ୍ତ ହେବ, ତାହାକୁ ସୁନିଶ୍ଚିତ କରିବା ଦିଗରେ ବିଭାଗ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ୧୬ଟି ନୂତନ ଏନ୍ଏସି ଓ ୭ଟି ନୂଆ ମ୍ୟୁନିସିପାଲିଟିର ନାମ ଘୋଷଣା କରିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ୨୧ଟି ନୂତନ ଏନ୍ଏସି ସମ୍ପର୍କରେ ଘୋଷଣା କରିଥିଲେ। ତନ୍ମଧ୍ୟରୁ ୧୨ଟି ଏନ୍ଏସି ଗଠିତ ହେବା ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଏହି ୧୨ଟି ନୂତନ ବିଜ୍ଞପିତ ଏନ୍ଏସି ସହିତ ଆଉ ୧୬ଟି ନୂଆ ଏନ୍ଏସି ସୃଷ୍ଟି ହେବ। ସମୁଦାୟ ୨୮ଟି ନୂଆ ଏନ୍ଏସି ଓ ୭ଟି ନୂଆ ମ୍ୟୁନିସିପାଲିଟି ସୃଷ୍ଟିହେବ। ଏହାଦ୍ୱାରା ରାଜ୍ୟର ଅଧିକ ଲୋକଙ୍କୁ ସହରର ମୌଳିକ ସୁବିଧା ଉପଲବ୍ଧ ହୋଇପାରିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ଜନସାଧାରଣ ଅନେକ ଛୋଟ ଛୋଟ ସମସ୍ୟା ନେଇ ସ୍ଥାନୀୟ ପ୍ରତିନିଧିଙ୍କ ନିକଟକୁ ଧାଇଁ ଆସିଥାନ୍ତି। ଅନେକ ସମୟରେ ତାହା ପୂରଣ ନ ହେବାରୁ ବିଧାୟକ କିମ୍ବା ସାଂସଦଙ୍କୁ ଅନୁରୋଧ କରିଥାନ୍ତି। ଯଦି ସ୍ଥାନୀୟ ସଂସ୍ଥାର ଅଧିକାରୀ କିମ୍ବା ଜନପ୍ରତିନିଧି ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ପାଳନ କରନ୍ତେ ତେବେ ମନ୍ତ୍ରୀ, ବିଧାୟକ, ସାଂସଦଙ୍କୁ ଏସବୁ ସମସ୍ୟାରେ ମୁଣ୍ଡ ପୂରାଇବାକୁ ପଡ଼ନ୍ତା ନାହିଁ। ସ୍ଥାନୀୟ ଜନପ୍ରତିନିଧିମାନେ ଲୋକଙ୍କ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେବା ଦିଗରେ ଯତ୍ନବାନ୍ ହେବାର ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ଶାସନ ବ୍ୟବସ୍ଥାକୁ ସମାଜର ଶେଷସ୍ତରକୁ ଆଣିବା ପାଇଁ, ଶେଷଧାଡ଼ିରେ ଥିବା ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା କ୍ଷେତ୍ରରେ ସ୍ୱାୟତ୍ତ ଶାସନ ଏକ ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା। ଆମ ସରକାର ଏକ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ରଖି ସହରାଞ୍ଚଳ ଲୋକଙ୍କ ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଗୁଣାତ୍ମକ ମୌଳିକ ସେବା ଯୋଗାଇଦେବାକୁ ଅନେକ ସୁଦୂରପ୍ରସାରୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଲୋକେ ଯେଭଳି ଏସବୁର ସୁବିଧା ସୁଯୋଗ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ରବିବାରଠାରୁ ସହରର ସମସ୍ତ ଲୋକଙ୍କ ପାଇଁ ସରକାରୀ ଯୋଜନାଗୁଡ଼ିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ରାଜ୍ୟର ସମସ୍ତ ପୌରାଞ୍ଚଳକୁ 'ସହଯୋଗ' କାର୍ଯ୍ୟକ୍ରମ ସମ୍ପ୍ରସାରିତ ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାସହ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ, ପ୍ରଶ୍ନ କିମ୍ବା ପ୍ରସ୍ତାବ ପାଇଁ ଟୋଲ୍ ଫ୍ରି ନମ୍ବର-୧୯୨୯, ସହର ସାଥୀ, ଆମ ବସ୍ ଆପ୍ ଭଳି ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଲେ, ସମସ୍ତ ସ୍ଥାନୀୟ ଲୋକପ୍ରତିନିଧି ଯେପରି ସ୍ୱାୟତ୍ତ ଶାସନର ପ୍ରକୃତ ମୂଲ୍ୟ ପାଇପାରିବେ ସେଥିପ୍ରତି ଜନପ୍ରତିନିଧି ସଜାଗ ରହିବା ଆବଶ୍ୟକ। ରାଜ୍ୟରେ ଲୋକମାନେ ଅଧିକ ସୁବିଧା ଓ ସୁଯୋଗର ଆକାଂକ୍ଷା ନେଇ ସହରମୁହାଁ ହେଉଛନ୍ତି। ଏହାଦ୍ୱାରା ସହରର କଳେବର ବୃଦ୍ଧି ହେଉଛି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୨

**୭ ମ୍ୟୁନିସିପାଲିଟି**

କରଞ୍ଜିଆ, ବୌଦ୍ଧ, ଭଞ୍ଜନଗର, ଆସ୍କା, ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା



"ଲୋକଙ୍କ ଆଶା ପୂରଣ ଦିଗରେ ସ୍ଥାନୀୟ ଜନପ୍ରତିନିଧି ଯତ୍ନବାନ୍ ହୁଅନ୍ତୁ"

**୧୬ ନୂଆ ଏନ୍ଏସି**

| | |
|---|---|
| ବଲାଙ୍ଗୀର | ଲୋଇସିଂହା |
| ବରଗଡ଼ | ସୋହେଲା |
| କଟକ | ବଡ଼ମ୍ବା, ନରସିଂହପୁର, ସାଲେପୁର |
| ଢେଙ୍କାନାଳ | ଗଁଦିଆ |
| ଗଞ୍ଜାମ | ଜଗନ୍ନାଥପ୍ରାସଦ, ପାତ୍ରପୁର |
| ଯାଜପୁର | ଚଣ୍ଡିଖୋଲ |
| କଳାହାଣ୍ଡି | ନର୍ଲା, ଜୟପାଟଣା |
| ଖୋର୍ଦ୍ଧା | ଟାଙ୍ଗୀ |
| କୋରାପୁଟ | ବୋରିଗୁମ୍ମା |
| ମୟୂରଭଞ୍ଜ | କପ୍ତିପଦା, ଯଶୀପୁର, ରାସଗୋବିନ୍ଦପୁର |

# ନିଖୋଜ ମହିଳାଙ୍କ ମୃତଦେହ ଭେଣ୍ଡିଂ ଜୋନ୍ କ୍ୟାବିନ୍‌ରୁ ମିଳିଲା

**ଧାର ଟଙ୍କାକୁ ନେଇ ହତ୍ୟା ସନ୍ଦେହ**

ପଟ୍ଟାମୁଣ୍ଡାଇ, ୩୧।୮ (କଳ୍ପତରୁ ନାୟକ)

୪ ଦିନ ହେଲା ନିଖୋଜ ଥିବା ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ଗଳିତ ମୃତଦେହ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ଏଲ୍ଆଇସି କାର୍ଯ୍ୟାଳୟ ସମ୍ମୁଖ ମ୍ୟୁନିସିପାଲିଟି ଭେଣ୍ଡିଂ ଜୋନ୍ କ୍ୟାବିନ୍‌ରୁ ରବିବାର ମିଳିଛି। ସେ ହେଲେ ଆଳି ଥାନା ନରେନ୍ଦ୍ରପୁର ଗ୍ରାମର ବନ୍ଦିତା ରାଉତ। ତାଙ୍କ ସ୍ୱାମୀ ବିଦେଶରେ ରହୁଥିବାବେଳେ ସେ ତାଙ୍କର ୮ ବର୍ଷ ପୁଅର ପାଠପଢ଼ା ପାଇଁ ଦେଢ଼ବର୍ଷ ହେଲା ପଟ୍ଟାମୁଣ୍ଡାଇ ବେଲତଳ ଗ୍ରାମରେ ଭଡ଼ାରେ ରହି ଆସୁଥିଲେ। ସେ ଗତ ୨୮ ତାରିଖରେ ପୁଅକୁ ଛାଡ଼ି କୌଣସି କାମରେ ବଜାରକୁ ଯାଇ ଆଉ ଫେରି ନ ଥିଲେ। ଏ ନେଇ ତାଙ୍କ ମା' ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ନିଖୋଜ ମାମଲା (ନଂ. ୮୧/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ହେଲେ ରବିବାର ସକାଳେ ତାଙ୍କ ଗଳିତ ମୃତଦେହ ଠାବ ହେବା ପରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ତାହାକୁ ଜବତ କରି ☞ପୃଷ୍ଠା-୨


DHARITRI YOUTH CONCLAVE 2025

DHARITRI YOUTH CONCLAVE 2025

**ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ**

ସ୍ଥାନୀୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଓତପ୍ରୋତ ଭାବେ ଜଡ଼ିତ ରହି କାର୍ଯ୍ୟ କରୁଥିବା ଓଡ଼ିଶାର ଯୁବପିଢ଼ି ଏବଂ ସଂଗଠନଗୁଡ଼ିକଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି।

ଆପଣ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥିବା ସମ୍ପର୍କରେ (୨୫୦ରୁ ୩୦୦ଶବ୍ଦ ମଧ୍ୟରେ) ଏକ ସରଳ ବିବରଣୀ ଆମ ପାଖକୁ ପଠାନ୍ତୁ। ଏଥିସହ ୪ଟି ହାଇ ରିଜୋଲ୍ୟୁଶନ ଫଟୋ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ନେଇଥିବା ପଦକ୍ଷେପ ସହ ଭବିଷ୍ୟତର ଯୋଜନା ସମ୍ପର୍କିତ ଗୋଟିଏ ଭିଡିଓ ମଧ ପଠାନ୍ତୁ, ଯାହାଦ୍ୱାରା ଆପଣମାନେ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ'ରେ ବିଜୟୀ ହେବାର ସୁଯୋଗ ପାଇବେ।

ଅନୁରୂପ ପ୍ରକ୍ରିୟା ଅନୁସରଣ କରି ଆପଣ ଅନ୍ୟ ଜଣଙ୍କୁ ମଧ ମନୋନୀତ କରିପାରିବେ।

ମନୋନୀତ ବ୍ୟକ୍ତି କିମ୍ବା ସଂଗଠନକୁ ପ୍ରୋତ୍ସାହନ ସ୍ୱରୂପ ଆସନ୍ତା ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା 'ଧରିତ୍ରୀ ୟୁଥ୍ କନ୍‌କ୍ଲେଭ-୨୦୨୫'ରେ

**ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ**

ପୁରସ୍କାର ପ୍ରଦାନ କରାଯିବ।

ଏହି ସ୍ୱୀକୃତି ଯୁବ ପରିବେଶବିତ୍‌ଙ୍କୁ ପରିବେଶ ଏବଂ ଜଳବାୟୁ ସୁରକ୍ଷା ଦିଗରେ ଅଧିକ ଅଗ୍ରସର କରାଇବ।

ମନୋନୀତ ଯୁବ ପରିବେଶବିତ୍ ଏବଂ ସଂଗଠନକୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭରେ ଯୁବ ପରିବେଶ ଯୋଦ୍ଧା ଏବଂ ବିଶେଷଜ୍ଞମାନଙ୍କ ସହ ଆଲୋଚନାରେ ଭାଗ ନେବାକୁ ନିମନ୍ତ୍ରଣ କରାଯିବ।

**ଆବେଦନର ଶେଷ ତାରିଖ : ୧୦ ଅକ୍ଟୋବର ୨୦୨୫**

ଦୟାକରି ନିଜ ବିବରଣୀ dharitriyouthconclave@gmail.com କୁ ପଠାନ୍ତୁ।

ଅଧିକ ଜାଣିବା ପାଇଁ www.dharitriyouthconclave.com କୁ ଦେଖନ୍ତୁ।

APPLY NOW

https://tinyurl.com/yk7ct969

GREEN OR GONE

ACT FOR FUTURE

CLIMATE ACTION NOW

YOUTH FOR CLIMATE


# ଭଗବାନ୍‌ଙ୍କ ଉପରେ ପ୍ରତିଶୋଧ ପାଇଁ ଚୋରି

ଦୁର୍ଗ, ୩୧।୮

ପ୍ରାୟ ୧୨ ବର୍ଷ ଧରି ଛତିଶଗଡ଼ର ଦୁର୍ଗ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ମନ୍ଦିରଗୁଡ଼ିକର ଦାନବାକ୍ସରୁ ଟଙ୍କା ଗାଏବ ହୋଇଯାଉଥିଲା। ତାଲା ଭାଙ୍ଗି ଦାନ ବାକ୍ସଗୁଡିକରୁ ଟଙ୍କା ଚୋରି ହେଉଥିଲା। ଶନିବାର ଦୁର୍ଗ ପୋଲିସ ୟଶୱନ୍ତ ଉପାଧ୍ୟାୟ (୪୫) ନାମକ ଜଣେ ଏଚ୍ଆଇଭି ପଜିଟିଭ ବ୍ୟକ୍ତିଙ୍କୁ ଗିରଫ କରିବା ପରେ ସେ ଦୋଷ ସ୍ୱୀକାର କରିଛନ୍ତି। ତାଙ୍କୁ ଏଚ୍ଆଇଭି ସଂକ୍ରମଣ ହୋଇଥିବାରୁ ଏଥିପାଇଁ ସେ ଭଗବାନ୍‌ଙ୍କୁ ଦାୟୀ କରିଛନ୍ତି। ଭଗବାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସେ ୧୨ ବର୍ଷ ହେବ ବିଭିନ୍ନ ମନ୍ଦିରର ଦାନବାକ୍ସରୁ ଟଙ୍କା ଚୋରାଉଥିଲେ ବୋଲି ୟଶୱନ୍ତ କହିଛନ୍ତି। ୨୦୧୨ରେ ଏକ ମାର୍‌ପିଟ ମାମଲାରେ ଜେଲରେ ଥିବା ସମୟରେ ସେ ଏଚ୍ଆଇଭି ଆକ୍ରାନ୍ତ ହୋଇଥିଲେ। ଏହାପରେ ଧର୍ମ ଏବଂ ଈଶ୍ୱରଙ୍କ ଉପରୁ ତାଙ୍କର ଭରସା ଉଠିଯାଇଥିଲା। ଏଚ୍ଆଇଭି ସଂକ୍ରମଣକୁ ସେ ଭଗବାନଙ୍କ ଖେଳ ବୋଲି ବିବେଚନା କରି ଈଶ୍ୱରଙ୍କ ବିରୋଧରେ ପ୍ରତିଶୋଧ ନେବାକୁ ସ୍ଥିର କରିଥିଲେ ଏବଂ ୨୦୧୩ରେ ପ୍ରଥମ ଥର ପାଇଁ ମନ୍ଦିରରେ ଚୋରି କରିଥିଲେ। ପୋଲିସ ସୂଚନା ଅନୁଯାୟୀ, ୟଶୱନ୍ତ ଦୁର୍ଗ ଓ ଏହାର ଆଖପାଖ ମନ୍ଦିରରେ ଅତି କମ୍‌ରେ ୧୦ଟି ଚୋରି କରିଥିବାର ସ୍ୱୀକାର କରିଛନ୍ତି। ତେବେ ସେ ଆହୁରି ଅଧିକ ଚୋରି କରିଥାଇପାରନ୍ତି ବୋଲି ପୋଲିସ ଆଶଙ୍କା କରୁଛି। ପ୍ରତ୍ୟେକ ଥର ସେ ସମାନ ଶୈଳୀରେ ଚୋରି କରୁଥିଲେ। ସେ ଦାନବାକ୍ସ ମଧ୍ୟରୁ କେବଳ ନଗଦ ଟଙ୍କା ଚୋରି କରୁଥିଲେ ଏବଂ ଅଳଙ୍କାରଗୁଡ଼ିକୁ ହାତ ମାରୁ ନ ଥିଲେ। ପ୍ରତ୍ୟେକ ଥର ଚୋରି ପୂର୍ବରୁ ଏବଂ ପରେ ସେ ପୋଷାକ ପରିବର୍ତ୍ତନ କରୁଥିଲେ, ଯାହାଦ୍ୱାରା ସିସିଟିଭି କ୍ୟାମେରାରେ ତାଙ୍କୁ ଚିହ୍ନିଟ କରାଯାଇ ପାରୁ ନ ଥିଲେ। ସେହିପରି ସେ ସବୁବେଳେ ନିଜ ସ୍କୁଟିକୁ ମନ୍ଦିରଠାରୁ ବହୁ ଦୂରରେ ପାର୍କିଂ କରୁଥିଲେ।



ୟଶୱନ୍ତ ଉପାଧ୍ୟାୟ

## ଉତ୍ତରାଖଣ୍ଡରେ ଭୂସ୍ଖଳନ: ଫସିଥିଲେ ଏନ୍ଏଚ୍‌ପିସିର ୧୯ ଶ୍ରମିକ, ୮ ଉଦ୍ଧାର

ପିଥୋରାଗଡ଼,୩୧।୮(ପି.ଟି.)

ଉତ୍ତରାଖଣ୍ଡର ପିଥୋରାଗଡ଼ରେ ପ୍ରବଳ ବର୍ଷା ଯୋଗୁ ରବିବାର ଭୂସ୍ଖଳନ ଘଟି ଧଉଳିଗଙ୍ଗା ବିଦ୍ୟୁତ୍ ପ୍ରକଳ୍ପର ସ୍ୱାଭାବିକ ଓ ଜରୁରୀ ସୁଡ଼ଙ୍ଗ ଅବରୋଧ ହୋଇଛି। ଫଳରେ ଏକ ପାୱାର ହାଉସ୍ ଭିତରେ ଜାତୀୟ ଜଳବିଦ୍ୟୁତ୍ ନିଗମ ଲିଃ (ଏନ୍ଏଚ୍‌ପିସି)ର ୧୯ ଜଣ ଶ୍ରମିକ ଫସିଥିବାବେଳେ ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଉଦ୍ଧାର କରାଯାଇଛି। ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

ମହରଗରୁ କାନ୍ତାରରେ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୦୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ୪୩ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ ଟା।
- ଏଆଇସିସିଟିୟୁ ପକ୍ଷରୁ ଟ୍ରମ୍ପଙ୍କ ୫୦% ଟାରିଫ୍ ବିରୋଧରେ ପ୍ରତିବାଦ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଅସ୍ଥାୟୀ ବନ କର୍ମଚାରୀ ସଂଘ ପକ୍ଷରୁ ଧାରଣା, ସ୍ଥାନ: ଅରଣ୍ୟ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମଧ୍ୟସ୍ଥତା ତାଲିମ କର୍ମଶାଳାର ଦ୍ୱିତୀୟ ଦିବସ,ସ୍ଥାନ:ଜିଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗଣଧାରଣା,ସ୍ଥାନ:ତହସିଲ କାର୍ଯ୍ୟାଳୟ ସମ୍ମୁଖ, ଜଳେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ,ସ୍ଥାନ:ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର,ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଦୟାନିଧି ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ମହରମପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ସାହାଡ଼ାପଲ୍ଲୀ–ଓଳମ ଭାୟା ତାଳବାଙ୍କ ନୂତନ ରାସ୍ତାର ଶିଳାନ୍ୟାସ, ସ୍ଥାନ: ତାଳବାଙ୍କ, ବନ୍ତ, ସମୟ: ଅପରାହ୍ନ ୩ଟା।
- ଆଡ଼ିଆ–ଗୋହିରା ଛକ–ଜିରିଣା ରାସ୍ତାର ଶିଳାନ୍ୟାସ, ସ୍ଥାନ: ଆଡ଼ିଆ, ବନ୍ତ, ସମୟ: ଅପରାହ୍ନ ୪ଟା ୩୦।

## ମୟୂରଭଞ୍ଜ

- ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସକାଳ ୭ଟା।
- ସ୍ୱାୟତ୍ତ ଶାସନ ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ମ୍ୟୁନିସିପାଲିଟିକଲ୍ୟାଣ ମଣ୍ଡପ, ବାରିପଦା, ସମୟ: ସକାଳ ୮ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରଡ଼ା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ,ସ୍ଥାନ: ମହାବିଦ୍ୟାଳୟ ପରିସର,ଚିତ୍ରଡ଼ା, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ବାରିପଦା ମ୍ୟୁନସିପାଲିଟି କାର୍ଯ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଧନନ୍ତର ଗ୍ରାମ ପଞ୍ଚାୟତ, ସମୟ: ସକାଳ ୧୦ଟା ।
- ଦିଗପହଣ୍ଡି: ଗ୍ରାମପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଗଜପତି

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପାରଳାଖେମୁଣ୍ଡି, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରା, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଅନୁଗୋଳ

- ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହ , ସମୟ : ପୂର୍ବାହ୍ନ ୧୦ ଟା।

## ଜଗତ୍‌ସିଂହପୁର

- ବଟମହାପୁରୁଷ ଯୁବ ସଙ୍ଗଠନ ପକ୍ଷରୁ ସଫେଇ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କାଇଁଟୋଳ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ଜଗନ୍ନାଥପୁର ସରପଞ୍ଚଙ୍କ ଦ୍ୱାରା ପ୍ରତିବାଦ, ସ୍ଥାନ: ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ:୧୧ଟା।
- ମୁଳିସିଂ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ବିଭାଗର ବେନିୟମ କାର୍ଯ୍ୟ ପ୍ରତିବାଦରେ ଦାବିପତ୍ର ପ୍ରଦାନ ଓ ପ୍ରତିବାଦ, ସ୍ଥାନ: ପାନୀୟ ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ, ତିର୍ତ୍ତୋଲ, ସମୟ: ଅପରାହ୍ନ ୨ଟା୩୦।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତ୍ରୀଲୋଚନପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଯାଜପୁର ଜିଲା ଟାକ୍ସ ବାର ଆସୋସିଏଶନ ଆନୁକୂଲ୍ୟରେ ମଦନମୋହନ ସ୍ୱାଇଁଙ୍କ ୮୪ ତମ ଜୟନ୍ତୀ ଅବସରରେ ଆଲୋଚନାଚକ୍ର, ସ୍ଥାନ: ବ୍ୟାସଦେବ ଟାଉନ ହଲ, ବ୍ୟାସନଗର, ସମୟ: ପୂର୍ବାହ୍ନ ୧୧ଟା।
- ଜାରକା ଗଣେଶ ପୂଜା କମିଟି ପକ୍ଷରୁ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ, ସ୍ଥାନ: ଜାରକା ଗଣେଶପୂଜା ମଣ୍ଡପ ନିକଟ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ, ସ୍ଥାନ: କଣ୍ଟିଲୋ କୁଞ୍ଜବିହାରୀ ହାଇସ୍କୁଲ ନିକଟ, ସମୟ: ସକାଳ ୮ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦.୩୦।

## ରାୟଗଡ଼ା

- ଡ.ଏପିଜେ ଅବଦୁଲ କଲାମ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମା' ସମଲେଇ ଦୁର୍ଗା ମନ୍ଦିର ପ୍ରାଙ୍ଗଣ, ପାଇକ ସାହି, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଭାରତୀ କଳା ନିକେତନ ପକ୍ଷରୁ ନାଟକ ପରିବେଷଣ 'ପଞ୍ଚମ ବେଦ', ସ୍ଥାନ: ଉମରକୋଟ, କୋଣ୍ଡାଗାଁ ରୋଡ଼ସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ନନ୍ଦପୁର ବ୍ଲକ୍‌ର ରାଇସିଂ ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକର ସୁବାଇ ପଞ୍ଚାୟତ କାର୍ଯ୍ୟାଳୟ, ସର୍ଗିଗୁଡ଼ା ପଞ୍ଚାୟତ ସଭାଗୃହ, କୋଟପାଡ଼ ବ୍ଲକ, ଉମ୍ପେଲ ପଞ୍ଚାୟତ କାର୍ଯ୍ୟାଳୟ ପରିସର,ଲମତାପୁଟ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ବତ୍ରିଶ ସିଂହାସନ ପୀଠ ଦଶହରା ପୂଜା ନେଇ ପୁରୋହିତ ବରଣ, ସ୍ଥାନ: ପାଡୁଆ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଆମ୍ବୁଲାନ୍ସ ସମସ୍ୟା ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଧନକଉଡା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଜାତୀୟ ସ୍ତରର ସିଏମ୍‌ସି ଟ୍ରେନିଂ କାର୍ଯ୍ୟକ୍ରମ, ସ୍ଥାନ: ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା
- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଟିଟିଲାଗଡ,ସମୟ: ପୂର୍ବାହ୍ନ ୧୦ଟା ୩୦

## ରାଉରକେଲା

- ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା କର୍ମଶାଳା, ସ୍ଥାନ: ହରିପୁର ବସ୍ତି, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ସଭା ଓ କବିତା ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୫ଟା ୩୦।

## ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର,ସ୍ଥାନ:ହେମଗିରି ବ୍ଲକ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ୧୦ଟା୩୦।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଭଟ୍‌ଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' ମାଣିକେଶ୍ୱରୀ ବିଦ୍ୟାଳୟର ପଞ୍ଚମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସାର୍ବଜନୀନ ଗଣେଶ ମେଳା ଅବସରରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକସ୍ଥିତ ପୂଜା ପେଣ୍ଡାଲ, ରାତି ୮ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ସୋନପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କେନଝିରିଆପାଲି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବୁଣାକାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ:ସୋନପୁର ଓରମାସ ପ୍ରଶିକ୍ଷଣ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ପଞ୍ଚାନନ ମେଳା କମିଟିର ୧୩ତମ ବାର୍ଷିକ ଉତ୍ସବ ପାଳନ ଓ ଭଜନ ସମାରୋହ, ସ୍ଥାନ: ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରି, ସ୍ଥାନ:ସଦଭାବନା ସଭାଗୃହ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶବିର, ସ୍ଥାନ:ନୂଆପଡ଼ା ସଦର ବ୍ଲକ କୋଦୋମେରି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ସାର୍ବଜନୀନ ଗଣେଶ ପୂଜା କମିଟି ତରବୋଡ ପକ୍ଷରୁ ଭସାଣି ଶୋଭାଯାତ୍ରା, ସ୍ଥାନ:କୋମନା ବ୍ଲକ ତରବୋଡ ବସଷ୍ଟାଣ୍ଡ ଅପରାହ୍ନ ୩ଟା।

# ବନାଗ୍ନିକୁ ନେଇ 'ଜୁଗ୍‌ନୁମା'

ମୁମ୍ବାଇ: ବଲିଉଡ୍ ଅଭିନେତା ମନୋଜ ବାଜପେୟୀଙ୍କ ଆଗାମୀ ଫିଲ୍ମ 'ଜୁଗ୍‌ନୁମା'ର ଟ୍ରେଲର ଶନିବାର ରିଲିଜ୍ ହୋଇଛି। ଏକ ପାହାଡ଼ିଆ ଅଞ୍ଚଳରେ ବନାଗ୍ନିକୁ ନେଇ ଏହି ଫିଲ୍ମର କାହାଣୀ ଆଧାରିତ ରହିଛି। ଫିଲ୍ମରେ ମନୋଜ ଏବଂ ତାଙ୍କ ପରିବାର ଉକ୍ତ ପାହାଡ଼ିଆ ଅଞ୍ଚଳରେ ଖୁସିରେ ରହୁଥିବା ବେଳେ ବନାଗ୍ନି ଘଟଣା ସେମାନଙ୍କ ଖୁସିରେ ପୂର୍ଣ୍ଣଚ୍ଛେଦ ପକାଉଛି। ବନାଗ୍ନି ଫଳରେ ଆଖପାଖ ଅଞ୍ଚଳର ଫସଲ ନଷ୍ଟ ହେବା ସହ ସ୍ଥାନୀୟ ଲୋକମାନେ ଅନେକ ସମସ୍ୟାରେ ପଡୁଛନ୍ତି। ତେବେ ଏହି ବନାଗ୍ନି କୌଣସି ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ଏହା କୌଣସି ଷଡ଼ଯନ୍ତ୍ର ହୋଇଥାଇପାରେ ବୋଲି ମନେକରି ମନୋଜ ବନାଗ୍ନିର ସତ୍ୟ ଉଜାଗର କରିବାରେ ଲାଗି ପଡୁଛନ୍ତି। ସେ କିପରି ବନାଗ୍ନି ଘଟଣାର ରହସ୍ୟ ଉନ୍ମୋଚନ କରୁଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ। 'ଜୁଗ୍‌ନୁମା'ର ଟ୍ରେଲରରେ ମନୋଜଙ୍କ ସ୍ତ୍ରୀଙ୍କ ଭୂମିକାରେ ଅଭିନେତ୍ରୀ ତିଲୋତ୍ତମା ଶୋମ୍ ନଜରକୁ ଆସିଛନ୍ତି। ରାମ ରେଡ୍ଡୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଭିନେତା ଦୀପକ ଡୋବରିଆଲ, ହିରଲ ସିଦ୍ଧୁ , ଅଭିନେତ୍ରୀ ପ୍ରିୟଙ୍କା ବୋଷ ପ୍ରମୁଖଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଗୁନୀତ ମୋଙ୍ଗା କପୁର ଓ ଅନୁରାଗ କଶ୍ୟପଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମ ଆସନ୍ତା ୧୨ ତାରିଖରେ ରିଲିଜ୍ ହେବ।



ମନୋଜ ବାଜପେୟୀ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଫୁଲ ବିଞ୍ଚଣାର ନଳି**
**କାହା ସଙ୍ଗେ ଗୋରୀ କରିଛ କଳି**
**ମୁହଁ ଯାଇଅଛି ଜଳି ।**

କଳି ଝଗଡ଼ା ହେଲେ ଅନେକ କଟୁ କଥା ଶୁଣିବାକୁ ପଡ଼ିଥାଏ, ଯାହାକି ମନକୁ କ୍ଷତାକ୍ତ କରିଦେଇଥାଏ। କଟୁ ବଚନ ଦ୍ୱାରା ଆଘାତପ୍ରାପ୍ତ ରୂପବତୀ କନ୍ୟାର ମୁଖମଣ୍ଡଳ ଦୁଃଖ ଓ ଅଭିମାନରେ ଜଳିଯାଇଥିବା ନେଇ ଏପରି ଉକ୍ତି ପ୍ରକାଶ କରାଯାଇଛି।

**ଫୁଲ ଫୁଟିଗଲା କଞ୍ଚନ**
**କାଳୀ ଦେଇଗଲା ମୁକୁନ୍ଦି ଉଖୁଡ଼ା**
**ଗୋରୀ ଦେଇଗଲା ବଚନ।**

ସାଧାରଣତଃ ପ୍ରେମରେ ପଡ଼ିଥିବା ବ୍ୟକ୍ତି ନିଜର ପ୍ରେମଭାବକୁ ପ୍ରକାଶ କରିବା ପାଇଁ ଅନେକ ସମୟରେ ଉପହାର, ଉପଢୌକନମାନ ପ୍ରଦାନ କରୁଥିବାର ଲକ୍ଷ୍ୟ କରାଯାଇଥାଏ। ସେହିପରି ପ୍ରତ୍ୟେକ ବ୍ୟକ୍ତି ପରସ୍ପରଠାରୁ ଭିନ୍ନ ଓ ସେମାନଙ୍କ ଚାଲିଚଳନ, ଆଚାର, ବିଚାର, ପ୍ରକୃତି ତଥା ସ୍ୱଭାବରେ ଅନେକ ପ୍ରଭେଦ ରହିଥାଏ। ଏପରି ସ୍ଥିତିରେ ଶ୍ୟାମଳୀ ଓ ଗୌରବର୍ଣ୍ଣା ଯୁବତୀ ନିଜର ସ୍ନେହ, ଆଦର ତଥା ଭଲ ପାଇବାକୁ ପରିପ୍ରକାଶ କରିବା ନେଇ ଭିନ୍ନ ପନ୍ଥା ଆପଣେଇ ନେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ସମ୍ପର୍କ ସୁଧାରିବାକୁ ...

ଏଥିରେ ଯୋଗଦେବା ପାଇଁ ଚାଇନା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦି ସେଠାକାର ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ଅବସରରେ ଉଭୟ ନେତା ବାଣିଜ୍ୟ ବିସ୍ତାରର ଆବଶ୍ୟକତା ଏବଂ ଆମେରିକା ପକ୍ଷରୁ କଷାଯାଇଥିବା ଉଚ୍ଚ ଟାରିଫ୍ ପରିପ୍ରେକ୍ଷୀରେ ନିବେଶ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦ୍ୱିପାକ୍ଷିକ ବୈଠକକୁ ସମ୍ବୋଧିତ କରି ମୋଦି କହିଛନ୍ତି, ଭାରତ ଓ ଚାଇନା ରଣନୈତିକ ସ୍ୱାୟତ୍ତତା ବୃଦ୍ଧିକୁ ଜୋର୍ ଦେଉଥିବାବେଳେ ଦୁଇ ପଡ଼ୋଶୀଙ୍କ ସମ୍ପର୍କକୁ ଏକ ତୃତୀୟ ରାଷ୍ଟ୍ରର ଦୃଷ୍ଟିରେ ଦେଖାଯିବା ଅନୁଚିତ। ପାରସ୍ପରିକ ସମ୍ମାନ, ଆସ୍ଥା ଓ ସମ୍ବେଦନଶୀଳତା ଆଧାରିତ ସମ୍ପର୍କକୁ ଆଗକୁ ବଢ଼ାଇନେବା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ସମିଟ୍‌ରେ ମୋଦି କହିଛନ୍ତି।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଭାରତ–ଚାଇନା ସୀମାରେ ଶାନ୍ତି ଓ ସ୍ଥିରତାର ଏକ ବାତାବରଣ ସୃଷ୍ଟି କରାଯାଇଛି। ଉଭୟ ଦେଶ ମଧ୍ୟରେ ସୀମା ପରିଚାଳନା ପାଇଁ ସହମତି ପ୍ରକାଶ ପାଇଛି। ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ କହିଛନ୍ତି, ସୀମା ବିବାଦ ଆମ ସମ୍ପର୍କକୁ ପରିଭାଷିତ ନ କରୁ। ଯଦି ଉଭୟ ପକ୍ଷ ପରସ୍ପରକୁ ପ୍ରତିଦ୍ୱନ୍ଦ୍ୱୀ ପରିବର୍ତ୍ତେ ସହଭାଗୀ ଦୃଷ୍ଟିରେ ଦେଖିବେ ତେବେ ଦୁଇଦେଶର ସମ୍ପର୍କ ସ୍ଥିର ଓ ସୁଦୂରପ୍ରସାରୀ ହେବ ବୋଲି ଜିନ୍‌ପିଙ୍ଗ୍ କହିଥିବା ଚାଇନାର ସରକାରୀ ଗଣମାଧ୍ୟମ ଶିନ୍‌ହୁଆ ରିପୋର୍ଟ କରିଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ୨୦୨୦ରେ କୋଭିଡ୍–୧୯ ମହାମାରୀ ପରଠାରୁ ବନ୍ଦ ଥିବା ଭାରତ ଓ ଚାଇନା ମଧ୍ୟରେ ପ୍ରତ୍ୟକ୍ଷ ବିମାନ ଚଳାଚଳକୁ ପୁଣି ଆରମ୍ଭ କରାଯାଉଛି। ତେବେ ଦୁଇଦେଶ ମଧ୍ୟରେ କେବେଠୁ ବିମାନ ଚଳାଚଳ ସ୍ୱାଭାବିକ ହେବ ସେନେଇ ମୋଦି ନିର୍ଦ୍ଦିଷ୍ଟ ଭାବେ କିଛି କହିନାହାନ୍ତି। ବୈଠକରେ ମୋଦି କୈଳାସ ମାନସରୋବର ଯାତ୍ରାର ପୁନଃ ଆରମ୍ଭ ଓ ପର୍ଯ୍ୟଟକ ଭିଜା ସମ୍ପର୍କରେ ଅବତାରଣା କରିଛନ୍ତି। କୈଳାସ ପର୍ବତ ଓ ମାନସରୋବର ହ୍ରଦକୁ ଯାତ୍ରା ଗତବର୍ଷଠାରୁ ପୁଣି ଚାଲିଥିବାବେଳେ ଗତମାସଠାରୁ ଭାରତ ଚାଇନା ନାଗରିକଙ୍କ ପାଇଁ ଟୁରିଷ୍ଟ ଭିଜା ଦେବା ଆରମ୍ଭ କରିଛି। ଉଭୟ ଯାତ୍ରା ଓ ଭିଜା ପ୍ରଦାନ ମଧ୍ୟ ୨୦୨୦ ମହାମାରୀ ସମୟରେ ବନ୍ଦ କରାଯାଇଥିଲା। ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ କହିଛନ୍ତି, ଭାରତ ଓ ଚାଇନା ବନ୍ଧୁ ଓ ଉତ୍ତମ ପଡ଼ୋଶୀ ରହିଆସିଛନ୍ତି। ଉଭୟ ଦେଶ ଗ୍ଲୋବାଲ ସାଉଥର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ହୋଇଥିବାରୁ ନାଗରିକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ମିଳିତ ଭାବେ ଉତ୍ତରଦାୟିତ୍ୱ ନେବା ଉଚିତ। ମୋଦି ଓ ଜିନ୍‌ପିଙ୍ଗ୍ ଏକ ରାଜନୈତିକ ଓ ରଣନୈତିକ ଦିଗରୁ ଦ୍ୱିପାକ୍ଷିକ ବାଣିଜ୍ୟ ବିସ୍ତାର ଓ ପୁଞ୍ଜିନିବେଶ ଆଡ଼କୁ ଆଗକୁ ବଢ଼ିବାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଛନ୍ତି। ଚାଇନା ସହ ଭାରତର ବାଣିଜ୍ୟିକ ନିଅଣ୍ଟକୁ ହ୍ରାସ କରିବା ପାଇଁ ପ୍ରଧାନମନ୍ତ୍ରୀ ଚାଇନାକୁ ପ୍ରସ୍ତାବ ଦେଇଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଦୁଇନେତା ଆତଙ୍କବାଦ ଏବଂ ବହୁପାକ୍ଷିକ ମଞ୍ଚଗୁଡ଼ିକରେ ବାଣିଜ୍ୟିକ ସହଯୋଗ ବୃଦ୍ଧି ଭଳି ଦ୍ୱିପାକ୍ଷିକ, ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିଛନ୍ତି।

ନୂଆଦିଲ୍ଲୀର ରୁଷୀୟ ତୈଳ କ୍ରୟକୁ ନେଇ ଅସନ୍ତୁଷ୍ଟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଦେଶକୁ ଭାରତରୁ ରପ୍ତାନି ହେଉଥିବା ସାମଗ୍ରୀଗୁଡ଼ିକ ଉପରେ ଲଗାଇଥିବା ୫୦% ଟାରିଫ୍ କାର୍ଯ୍ୟକାରୀ ହେବାର ୫ ଦିନ ପରେ ମୋଦି ଓ ଜିନ୍‌ପିଙ୍ଗଙ୍କ ସାକ୍ଷାତକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ପାଶ୍ଚାତ୍ୟର ଚାପ ବିରୋଧରେ ମୋଦି ଓ ଜିନ୍‌ପିଙ୍ଗ୍ ଏକ ମିଳିତ ସାମ୍ମୁଖ୍ୟର ଅନ୍ୱେଷଣ ଦିଗରେ ଅଗ୍ରସର ହୋଇଥିବା ବିଶ୍ଳେଷକମାନେ ମତ ଦେଇଛନ୍ତି।

## ନିଖୋଜ ମହିଳାଙ୍କ ...

ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ପୋଲିସ ମାମଲା (ନଂ. ୨୬୬/୨୫) ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ବନ୍ଦନା ପାତ୍ର କହିଛନ୍ତି। ବନ୍ଦିତାଙ୍କୁ ଧାର ଟଙ୍କାକୁ ନେଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଆଇଆଇସି ପାତ୍ରଙ୍କ କହିବାନୁଯାୟୀ, ପୌର ପରିଷଦର ଭେଣ୍ଟିଂ ଜୋନ୍‌ର ୩୧ ନମ୍ବର କ୍ୟାବିନ୍ ବେଲତଳ ଗ୍ରାମର ଅମୂଲ୍ୟ ନାୟକଙ୍କ ନାମରେ ରହିଛି। ସେ ଏହି କ୍ୟାବିନ୍‌କୁ ବର୍ଷେ ହେବ ଯାଜପୁର ଜିଲା ବରୀ ଅଞ୍ଚଳର ସନ୍ତୋଷ ପରିଡ଼ା ଓରଫ ଚକୁଳିଙ୍କୁ ଭଡ଼ାରେ ଦେଇଥିଲେ। କିଛିଦିନ ହେବ କ୍ୟାବିନ୍ ବନ୍ଦ ଥିବାରୁ ରବିବାର ସକାଳେ ଅମୂଲ୍ୟ ଖୋଲିଥିଲେ। ମାତ୍ର କ୍ୟାବିନ୍ ଭିତରେ ସେ କିଛି ବନ୍ଧା ହୋଇପଡ଼ିଥିବା ଦେଖିବାକୁ ପାଇଥିଲେ ଏବଂ ସେଥିରୁ ଦୁର୍ଗନ୍ଧ ବାହାରୁଥିଲା। ସେ ତୁରନ୍ତ କ୍ୟାବିନ୍ ବନ୍ଦ କରି ଥାନାକୁ ଆସି ଜଣାଇଥିଲେ। ଅନ୍ୟପକ୍ଷରେ ମୃତା ମହିଳା ବନ୍ଦିତା ରାଉତଙ୍କ ଭାଇ ତଥା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବୋଧଗାଁର ଅରବିନ୍ଦ ଜେନାଙ୍କ ଅଭିଯୋଗ ଅନୁଯାୟୀ, ୧୦ ବର୍ଷ ତଳେ ଆଳି ଥାନା ଅଞ୍ଚଳ ନରେନ୍ଦ୍ରପୁର ଗାଁର ଅତୁଲ ରାଉତଙ୍କୁ ବୈଦିକ ରୀତିନୀତି ଅନୁସାରେ ବନ୍ଦିତା ବିବାହ କରିଥିଲେ। ତାଙ୍କ ସ୍ୱାମୀ ବିଦେଶରେ ରୁହନ୍ତି। ସେ ପୁଅର ପାଠପଢା ପାଇଁ ପଟ୍ଟାମୁଣ୍ଡାଇ ବେଲତଳ ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଚକୁଳି ବନ୍ଦିତାଙ୍କ ପାଖରୁ ଟଙ୍କା ନେଇଥିଲେ। ଗତ ୨୮ ତାରିଖରେ ଚକୁଳି ଟଙ୍କା ଦେବାକୁ ଡାକିବାରୁ ବନ୍ଦିତା ସେଠାକୁ ଯାଇଥିଲେ। କିନ୍ତୁ ସେ ଆଉ ଫେରି ନ ଥିଲେ। ରବିବାର ସକାଳେ ଚକୁଳିଙ୍କ ଦୋକାନରେ ବନ୍ଦିତାଙ୍କ ମୃତଦେହ ଠାବହେବା ପରେ ପୋଲିସ ତାହାକୁ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲା। ଚକୁଳି ଟଙ୍କା ନ ଦେବା ଲାଗି ବନ୍ଦିତାଙ୍କୁ ହତ୍ୟା କରିଥିବା ବାପଘର ଲୋକେ ଅଭିଯୋଗ କରିବା ସହ ଉପଖଣ୍ଡ ଚିକିତ୍ସାଳୟରେ ବସି ରହିଥିଲେ। ଯେ ପର୍ଯ୍ୟନ୍ତ ଚକୁଳିଙ୍କୁ ଗିରଫ କରା ନ ଯାଇଛି ସେ ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ ପାଇଁ ଛଡ଼ାଯିବ ନାହିଁ ବୋଲି ଜିଦ୍ ଧରି ବସିଥିଲେ। ସନ୍ଧ୍ୟା ୬ଟାରେ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା ସେମାନଙ୍କୁ ବୁଝାଶୁଝା କରିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି। ଅଭିଯୁକ୍ତ ଚକୁଳି ଫେରାର ଥିବାବେଳେ ତାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

ଅନ୍ୟପକ୍ଷେ ଶାଶୁଘର ଲୋକେ ବନ୍ଦିତାଙ୍କ ଚରିତ୍ର ଉପରେ ଆକ୍ଷେପ କରି ଗଣମାଧ୍ୟମରେ କହିଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ସାଧାରଣ ଲୋକେ ଅଲଗା କିଛି ଘଟିଥାଇ ପାରେ ବୋଲି ଆଲୋଚନା କରୁଛନ୍ତି। ୪ ଦିନ ଭଡ଼ା କ୍ୟାବିନ୍ ବନ୍ଦ ରହିବା, ଦୋକାନ ମାଲିକ ନିଜେ ଦୋକାନ ଖୋଲିବା, ଦୋକାନ ଚାବି କାହା ପାଖରୁ ଆଣି ସେ ଖୋଲିଲେ, ଯଦି ଚକୁଳି ଦୋକାନ ଚାବି ତାଙ୍କୁ ହସ୍ତାନ୍ତର କଲେ ସେ କିପରି ତନଖି ନ କରି ଚାବି ରଖିଲେ ଏବଂ ଏହି ଘଟଣାରେ ଆଉ କେତେଜଣ ସମ୍ପୃକ୍ତ ଅଛନ୍ତି ଆଦି ବିଷୟରେ ଆଲୋଚନା ଚାଲିଛି।

## ଉତ୍ତରାଖଣ୍ଡରେ ଭୂସ୍ଖଳନ...

ମାଟିପଥର ଅତଡ଼ାକୁ ହଟାଇବା କାର୍ଯ୍ୟରେ ଜେସିବି ମେଶିନ୍‌ଗୁଡ଼ିକୁ ନିୟୋଜିତ କରାଯାଇଥିବା ଧରଚୁଲା ଉପଜିଲାପାଳ କହିଛନ୍ତି। ସମସ୍ତ ଶ୍ରମିକ ସୁରକ୍ଷିତ ଅଛନ୍ତି ଓ ପାୱାର ପ୍ରୋଜେକ୍ଟରୁ ବିଦ୍ୟୁତ ଉତ୍ପାଦନ ଜାରି ରହିଥିବା ଉପଜିଲାପାଳ କହିଛନ୍ତି।

## ରାଜ୍ୟରେ ନୂଆ ...

ଅନେକ ନୂଆ ସହରାଞ୍ଚଳ ମଧ୍ୟ ଘୋଷଣା କରିଛନ୍ତି। ତେବେ ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇପାରିଲେ ଏହି ବ୍ୟବସ୍ଥା ସାର୍ଥକ ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର–ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଷ୍ଟମଚନ୍ଦ୍ର ହେତୁ ସ୍ୱାସ୍ଥ୍ୟହାନି କିମ୍ବା ମତପାର୍ଥକ୍ୟଜନିତ ଅଶାନ୍ତିକର ବାତାବରଣ ସୃଷ୍ଟି ହେବ। ବିଳାସକାରକ ଶୁକ୍ର କେନ୍ଦ୍ରସ୍ଥ ଯୋଗୁ ବିଳାସପ୍ରିୟ ହେବେ ଏବଂ ମନୋରଞ୍ଜନ କାର୍ଯ୍ୟରେ ବନ୍ଧୁଙ୍କ ନିମନ୍ତ୍ରଣ ପାଇବେ। ପରୋକ୍ଷ ଶତ୍ରୁତା, ବାଣିଜ୍ୟ ଓ ପରିବହନ ପାଇଁ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। ପିଲାଙ୍କ ସଫଳତାରୁ ଖୁସି ହେବେ।

**ବୃଷ**
ମୁଖଭାବସ୍ଥ ବୃହସ୍ପତିଜନିତ ଆପଣଙ୍କ ପ୍ରଭାବଶାଳୀ ବକ୍ତବ୍ୟ ବହୁଜନମନ ହରଣ କରିବ। କିନ୍ତୁ ଅର୍ଥସଂକଟ ମଧ୍ୟରେ ଗତି କରିବା ସହ ମନ ଅନୁଯାୟୀ କୌଣସି କାମ କରିବା ସହଜସାଧ ନ ହୋଇପାରେ। ଗୃହ ନିର୍ମାଣ, ଯାନବାହନ ମରାମତି, ସଭାସମିତିରୁ ଉପକୃତ ହେବେ। ଆନୁଷ୍ଠାନିକ କାମରେ ଟେନ୍‌ସନ ଲାଗିରହିପାରେ।

**ମିଥୁନ**
କର୍ମାଧିପ ବୃହସ୍ପତି ରାଶିରେ ରହିଥିବାରୁ ଉନ୍ନତ ଚିନ୍ତା, ନୂତନ ଯୋଜନା, କର୍ମାରମ୍ଭ ପାଇଁ ଶୁଭପ୍ରଦ ରହିବ। ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବା ସହ ଇଚ୍ଛା ଓ ଅଭିଳାଷ ପୂରଣ ଦିଗରେ ସାହାଯ୍ୟ, ସହଯୋଗ ମିଳିବ। ଜମିଜମା, ପୁରୁଣା ଗାଡି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇବେ।

**କର୍କଟ**
ଶୁକ୍ରଙ୍କ ପ୍ରଭାବରେ ଅର୍ଥ ସମ୍ପର୍କିତ ସଂକଟଜନକ ସ୍ଥିତିରେ ସୁଧାର ଆସିବା ସହ କାମ ହାସଲରେ ପ୍ରତିବନ୍ଧକ ରହିବନାହିଁ। ଆପଣଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ବନ୍ଧୁ ପଛରେ ସମାଲୋଚନା କରିପାରନ୍ତି। କଚେରି ମାମଲା ମନ୍ଥର ହେବାରୁ ଉଦ୍‌ବେଗ ବଢ଼ିବ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଲଭିବେ।

**ସିଂହ**
ଆଜିର ଗ୍ରହସ୍ଥିତିର ପ୍ରଭାବରେ ଦୈହିକ ସୁସ୍ଥତା ସହ କର୍ମକ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ ଲଭିବେ। ଚନ୍ଦ୍ର କ୍ଷେତ୍ରରେ ଶୁକ୍ର ଆପଣଙ୍କୁ ବନ୍ଧୁଙ୍କ କଥାରେ ପ୍ରଭାବିତ କରାଇ କୌଣସି ଅକରଣୀୟକର୍ମ ପାଇଁ ପ୍ରୋତ୍ସାହିତ କରିପାରନ୍ତି। ପୁତ୍ରକନ୍ୟା ହେତୁକ ସମସ୍ୟା ଓ ବ୍ୟବସାୟ,ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିବ।

**କନ୍ୟା**
ଗୁରୁଙ୍କ ଷଡ଼ାଷ୍ଟକ ସ୍ଥିତି ଚନ୍ଦ୍ର ସହ ରହିଥିବାରୁ ଆପଣ ଲକ୍ଷ୍ୟଭ୍ରଷ୍ଟ ହେବେନି ସତ କିନ୍ତୁ ସୁବିଧାରେ କୌଣସି କାମ କରିପାରିବେ ନାହିଁ। ଶତ୍ରୁତା କରୁଥିବା ଲୋକ ମିତ୍ର ସାଜିବାକୁ ଚେଷ୍ଟିତ ହେବେ। ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ପ୍ରଶାସନ, ସାମ୍ବାଦିକତା, ପ୍ରକାଶନ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି।

**ତୁଳା**
ଭାଗ୍ୟସ୍ଥ ବୃହସ୍ପତି ହେତୁ କର୍ମକ୍ଷେତ୍ରରେ ତଥା ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ବନ୍ଧୁଙ୍କ ପ୍ରିୟପାତ୍ର ହେବେ। ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟଭିତ୍ତିକ କାମ ସୁରୁଖୁରୁରେ ହୋଇଯିବ। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ। ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହୋଇପାରେ।

**ବିଛା**
ରାଶିରେ ଭାଗ୍ୟାଧିପଙ୍କ ସ୍ଥିତି ଯୋଗୁ ନୂଆ କାମଟିଏ ଆରମ୍ଭ କରିବା ପାଇଁ ଅନୁକୂଳ ଦିନଟିଏ। ବନ୍ଧୁଙ୍କ ସହ ଆଲୋଚନା କ୍ଷେତ୍ରରେ ଭାବିଚିନ୍ତି କାମ ନ କଲେ ଅସୁବିଧା ଭୋଗିବେ। କିଛି ନ ବୁଝି ଘଟଣାକୁ ଅତିରଞ୍ଜିତ କରି ପଡ଼ୋଶୀ ବିରୋଧାତ୍ମକ ମନ୍ତବ୍ୟ ଦେଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ବିଶେଷ ଅସୁବିଧା ହେବ ନାହିଁ ।

**ଧନୁ**
କେତୁଯୁକ୍ତ ବୁଧ ପ୍ରଭାବରେ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରି ଅଶାନ୍ତି ଅନୁଭବ କରିବେ। ବନ୍ଧୁମାନେ ଦୂରେଇ ଯିବାରୁ ପାରିବାରିକ ବିବାଦ ସମାଧାନ ବିଳମ୍ବ ହୋଇପାରେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଉଲ୍ଲସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ମକର**
ଆଜି ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରେ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ ଘଟିବ। ଜମିଜମା କ୍ରୟ କିମ୍ବା ବାଣିଜ୍ୟାରମ୍ଭ ପାଇଁ ମନ ବଳାଇ ପାରନ୍ତି। କିଛିଟା ଲୋଭନୀୟ ପ୍ରତିଶ୍ରୁତି ପ୍ରଦାନ କରି ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ। ଗୁରୁଜନଙ୍କ ପରାମର୍ଶ କ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିପାରେ।

**କୁମ୍ଭ**
ଶୁଭଭାବରେ ଦେବଗୁରୁଙ୍କ ଅବସ୍ଥିତିଜନିତ ଆଜିର ଯାତ୍ରା, ଆନୁଷ୍ଠାନିକ କାମ ଏବଂ ଧର୍ମକାର୍ଯ୍ୟାରମ୍ଭ ପାଇଁ ଶୁଭପ୍ରଦ ହେବ। ଯେଉଁ କାମରେ ହାତ ଦେବେ ତାହା ସହଜରେ ସମ୍ପନ୍ନ ହୋଇଯିବ। ଆକସ୍ମିକ ସମସ୍ୟାକୁ ନେଇ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ,ନଚେତ୍ ସମାଲୋଚିତ ହେବାକୁ ପଡିପାରେ।

**ମୀନ**
ମଙ୍ଗଳଙ୍କ ମଙ୍ଗଳପ୍ରଦ ଦୃଷ୍ଟିରୁ କର୍ମକ୍ଷେତ୍ରରେ, ରାଜନୀତିରେ ଆଶାପୂରଣ କରିପାରିବେ। ସାମାଜିକ ସ୍ତରରେ କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ଆନୁଷ୍ଠାନିକ କାମରୁ କିମ୍ବା ସଭାସମିତିରେ ସଫଳତା ହାସଲ କରିବେ। ସମ୍ପର୍କୀୟଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତାପ୍ରକଟ କରବାର ସୂଚନା ରହିଛି।

ଆଜି ସେପ୍ଟେମ୍ବର ୧ ତାରିଖ, ଜାତୀୟ ପରିପୁଷ୍ଟି ସପ୍ତାହ ଆରମ୍ଭ, ଭାଦ୍ରବ ଶୁକ୍ଳପକ୍ଷର ତାଳନବମୀ ସୋମବାର, ରାଶିନକ୍ଷତ୍ର–ଜ୍ୟେଷ୍ଠା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୪ ଗତେ ଘ.୦୭.୦୭ ମଧ୍ୟେ, ଘ.୧୦.୩୨ ଗତେ ଘ.୦୧.୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୦୭ ଗତେ ଘ.୦୮.୪୦ ମଧ୍ୟେ ରାହୁ କାଳ ।


# ସାମୂହିକ ସଚେତନତା ମଧୁମେହ ରୋଗକୁ ଦୂର କରିପାରିବ: ରାଜ୍ୟପାଳ

## ଆର୍‌ଏସ୍‌ଏସ୍‌ଡିଆଇ ଓଡ଼ିଶା ଚାପ୍ଟରର ୧୩ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ

### ପ୍ରଫେସର ଡା. ସିଦ୍ଧାର୍ଥ ଦାସ ଜୀବନବ୍ୟାପୀ ସମ୍ମାନରେ ସମ୍ମାନିତ

କଟକ,୩୧।୮ (ଶିଳ୍ପା ପ୍ରିୟଦର୍ଶିନୀ)

ସାମ୍ପ୍ରତିକ ସମୟରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ମଧୁମେହର ଶିକାର ହେବା ସହ ହୃଦ୍‌ରୋଗ, କିଡ୍‌ନୀ ଭଳି ଅନ୍ୟାନ୍ୟ ମାରାତ୍ମକ ରୋଗ ମଣିଷ ଶରୀରକୁ ଘାରୁଛି। ନୀରବ ଘାତକ ମଧୁମେହ ରୋଗର ମୁକାବିଲା ପାଇଁ ସାମୂହିକ ସଚେତନତା ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ରିସର୍ଚ୍ଚ ସୋସାଇଟି ଫର୍ ଦି ଷ୍ଟଡି ଅଫ୍ ଡାଇବେଟିସ ଇନ ଇଣ୍ଡିଆ (ଆର୍‌ଏସ୍‌ଏସ୍‌ଡିଆଇ) ଓଡ଼ିଶା ଚାପ୍ଟରର ୧୩ତମ ବାର୍ଷିକ ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ରାଜ୍ୟପାଳ କହିଛନ୍ତି ଯେ, ସମାଜର ସମସ୍ତ ବର୍ଗର ଜନସାଧାରଣ ସୁସ୍ଥ ଜୀବନଶୈଳୀ ଆପଣେଇବା ସହ ସ୍ୱାସ୍ଥ୍ୟ ସଚେତନତାର ସଂସ୍କୃତି ସୃଷ୍ଟି ପାଇଁ ସାମୂହିକ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ମଧୁମେହ ରୋଗ ଏକ ନୀରବ ମହାମାରୀ। ଏହା କେବଳ ବ୍ୟକ୍ତି ବିଶେଷଙ୍କୁ ପ୍ରଭାବିତ କରେ ନାହିଁ ବରଂ ପରିବାର, ଗୋଷ୍ଠୀ ଏବଂ ଅର୍ଥନୀତିକୁ ପ୍ରଭାବିତ


ଆର୍‌ଏସ୍‌ଏସ୍‌ଡିଆଇ ଓଡ଼ିଶା ଚାପ୍ଟରର ବାର୍ଷିକ ସମ୍ମିଳନୀରେ ପ୍ରଫେସର ଡା. ସିଦ୍ଧାର୍ଥ ଦାସଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଜୀବନବ୍ୟାପୀ ସମ୍ମାନରେ ସମ୍ମାନିତ କରୁଛନ୍ତି।

କରିଥାଏ। ସନ୍ତୁଳିତ ପୁଷ୍ଟିସାର, ନିୟମିତ ବ୍ୟାୟାମ, ମାନସିକ ଚାପ ପରିଚାଳନା ଓ ସମୟ ଅନୁଯାୟୀ ସ୍ୱାସ୍ଥ୍ୟ ପରୀକ୍ଷା ବିପଦକୁ ଯଥେଷ୍ଟ ହ୍ରାସ କରିପାରିବ। ଏ ଦିଗରେ ସ୍ୱାସ୍ଥ୍ୟ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ, କର୍ମକ୍ଷେତ୍ର, ନାଗରିକ ସମାଜ ଏବଂ ଗଣମାଧ୍ୟମ ଆଗେଇ ଆସିବା ଜରୁରୀ। ମଧୁମେହ ବିରୋଧରେ ଜିତିବା ପାଇଁ ସେହିପରି ସାମୂହିକ ମନୋଭାବ ଆବଶ୍ୟକ। କର୍କଟ, ମଧୁମେହ, ହୃଦ୍‌ରୋଗ ଏବଂ ଷ୍ଟ୍ରୋକ ନିବାରଣ ଓ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ପିସିଡିସିଏସ୍) ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ। ସମ୍ମିଳନୀରେ ଅଂଶଗ୍ରହଣକାରୀମାନେ ଏଠାରେ ପ୍ରାପ୍ତଜ୍ଞାନ ଓ ଅନ୍ତର୍ଦୃଷ୍ଟିକୁ ଆଗକୁ ବଢ଼ାଇ ଅର୍ଥପୂର୍ଣ୍ଣ ଭାବେ ଏହାକୁ କାର୍ଯ୍ୟରେ ବିନିଯୋଗ କଲେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆଶା ଏବଂ ଆରୋଗ୍ୟ ଆଣିପାରିବେ। ଏକ ସୁସ୍ଥ ଓଡ଼ିଶା ଏବଂ ସଶକ୍ତ ଭାରତ ଗଠନ ପାଇଁ ନିଜକୁ ଉତ୍ସର୍ଗୀକୃତ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହାଇଦ୍ରାବାଦ ଆପୋଲୋ ହସ୍ପିଟାଲ ଡା. ସି.ଏଚ୍. ବସନ୍ତ କୁମାର କହିଛନ୍ତି ଯେ, ମଣିଷର ଜୀବନ ଶୈଳୀରେ ପରିବର୍ତ୍ତନ ସହ ପ୍ରାଥମିକସ୍ତରରେ ଚିକିତ୍ସା କରାଇଲେ ରୋଗରୁ ମୁକ୍ତି ପାଇପାରିବେ। ଅନ୍ୟତମ ଅତିଥି ଭାବେ ଆର୍‌ଏସ୍‌ଏସ୍‌ଡିଆଇ ଓଡ଼ିଶା ସମ୍ପାଦକ ସୁରେଶ କୁମାର ବଂଶଲ, ଆର୍‌ଏସ୍‌ଏସ୍‌ଡିଆଇ ଓଡ଼ିଶା ଅଧ୍ୟକ୍ଷ ରମେଶ ଗୋଏଙ୍କା, ଆର୍‌ଏସ୍‌ଏସ୍‌ଡିଆଇ ଓଡିଶାର ପାଟ୍ରୋନ ପ୍ରଫେସର ଡା. ସିଦ୍ଧାର୍ଥ ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ପ୍ରଫେସର ଡା. ସିଦ୍ଧାର୍ଥ ଦାସଙ୍କୁ ଜୀବନବ୍ୟାପୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାଜ୍ୟପାଳ ଆର୍‌ଏସ୍‌ଏସ୍‌ଡିଆଇ ରୁରାଲ ଆଉଟ୍‌ରିଚ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍‌ଡିଆଇ ଆୟୋଜନ କମିଟି ଅଧ୍ୟକ୍ଷ ଡା. ଜୟନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଆୟୋଜକ କମିଟି ସମ୍ପାଦକ ଡା. ଦେବାର୍ଚ୍ଚନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଈ ଶୁଦ୍ଧିକ୍ରିୟାରେ ନାବାଳକ ନାତି ପାଣିରେ ବୁଡ଼ି ମୃତ

କାମାକ୍ଷାନଗର,୩୧।୮ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବଡସୁଆଲୋ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଆଈ ଶୁଦ୍ଧିକ୍ରିୟା ନିମନ୍ତେ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ନଦୀକୁ ଯାଇଥିବାବେଳେ ପାଣିରେ ବୁଡି ୧୧ ବର୍ଷୀୟ ନାବାଳକ ନାତିର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଯାଜପୁର ଜିଲା ଟମ୍‌କା ଅଞ୍ଚଳର ସୁରେଶ ବାରିକଙ୍କ ନାବାଳକ ପୁଅ ମିହିର ବାରିକ ଆଈଙ୍କ ଶୁଦ୍ଧିକ୍ରିୟା ନିମନ୍ତେ କାମାକ୍ଷାନଗର ଥାନା ହାତୁଆରୀ ଗ୍ରାମକୁ ଆସିଥିଲେ। ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ସ୍ଥାନୀୟ ରାମିଆଳ ନଦୀକୁ ଯାଇଥିବାବେଳେ ମିହିରଙ୍କ ଗୋଡ଼ ଗଭୀର ଜଳରେ ଖସିଯାଇଥିଲା। ତୁରନ୍ତ ପରିବାର ଲୋକ ଖୋଜାଖୋଜି ଆରମ୍ଭ କରି ମିହିରଙ୍କୁ ଉଦ୍ଧାର କରି ବାଇକ୍ ଯୋଗେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାମାକ୍ଷାନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

LIC
ଜୀ. ଜୀ. ନି. ସ୍ୱର୍ଣଜୟନ୍ତି ଫାଉଣ୍ଡେସନ
LIC GOLDEN JUBILEE FOUNDATION
ଏଲଆଇସି ଜିଜେଏଫ୍ ସ୍କଲାର୍‌ଶିପ୍ ସଂଖ୍ୟା ତିନି ଗୁଣ ବଢ଼ାଇ କରିଛି 11200
ଏଲଆଇସି ଗୋଲ୍‌ଡେନ୍ ଜୁବିଲୀ ସ୍କଲାର୍‌ଶିପ୍ ସ୍କିମ୍ 2025
ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ
ଏଲଆଇସି ଗୋଲ୍‌ଡେନ୍ ଜୁବିଲୀ ଫାଉଣ୍ଡେଶନ୍ ସହର୍ଷେ ଘୋଷଣା କରୁଛି ସ୍କଲାର୍‌ଶିପ୍‌ସ ଅଖିଳ ଭାରତୀୟ ସ୍ତରରେ ସେ ସମସ୍ତ ଛାତ୍ରଙ୍କୁ, ଯେଉଁମାନେ 10ମ/12ମ/ଡିପ୍ଲୋମା ବା ତତ୍‌ସମ ପରୀକ୍ଷା ଅତି କମରେ 60% ବା ତତ୍‌ସମ ସିଜିପିଏ ଗ୍ରେଡ୍ ଶିକ୍ଷା ବର୍ଷ 2022-23, 2023-24 ବା 2024-25 ରେ ପାସ୍ କରିଥିବେ ଏବଂ ଶିକ୍ଷା ବର୍ଷ 2025-26 ରେ ପ୍ରଥମ ବର୍ଷରେ ଆଡ୍‌ମିଶନ୍ ନେଇଥିବେ ।
- ବାଳକ ଓ ବାଳିକାଙ୍କ ପାଇଁ ଜେନେରାଲ୍ ସ୍କଲାର୍‌ଶିପ୍‌ସ, ଯିଏ ଅଣ୍ଡର୍ ଗ୍ରାଜୁଏଟ୍ ଷ୍ଟଡୀ କରୁଛନ୍ତି ଏସବୁରେ;
  (i) ମେଡିସିନ୍, ଇଞ୍ଜିନିଅରିଙ୍ଗ, ଅନ୍ୟ କିଛି ଶିକ୍ଷଣ ଧାରା ବା ଅନ୍ୟ କ୍ଷେତ୍ରରେ ଡିପ୍ଲୋମା କୋର୍ସ ଅଥବା ଇଣ୍ଟିଗ୍ରେଟେଡ୍ କୋର୍ସେସ୍।
  (ii) ସରକାରୀ ମାନ୍ୟତାପ୍ରାପ୍ତ କଲେଜେସ୍/ଇନ୍‌ଷ୍ଟିଚ୍ୟୁଟ୍‌ସ ଜରିଆରେ ଭୋକେଶନାଲ୍ କୋର୍ସ କିମ୍ବା ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍‌ସ (ଆଇଟିଆଇ) ରେ କୋର୍ସେସ୍
- ସ୍ପେଶାଲ୍ ସ୍କଲାର୍‌ଶିପ୍‌ସ ବାଳିକାମାନ ଙ୍କ ପାଇଁ, ଯିଏ ଅଧ୍ୟୟନ କରୁଛନ୍ତି ଏଥିରେ;
  (i) କ୍ଲାସ୍ 11ମ/10+2 ପ୍ୟାଟର୍ନ ଅନ୍ତର୍ଗତ ଇଣ୍ଟରମିଡିଏଟ୍ ।
  (ii) 10ମ ପରେ ଯେକୌଣସି କ୍ଷେତ୍ରରେ ଦୁଇ ବର୍ଷ ସକାଶେ ଡିପ୍ଲୋମା କୋର୍ସ ।
ଅନ୍‌ଲାଇନ୍ ଆବେଦନ, ଅନ୍ୟାନ୍ୟ ଯୋଗ୍ୟତା ସର୍ତ୍ତ ଏବଂ ସ୍କିମ୍'ର ବିଶଦ ବିବରଣୀ ପାଇଁ ଦେଖନ୍ତୁ https://licindia.in
ଅନ୍‌ଲାଇନ୍ ଆବେଦନ ପଠାଇବାର ଅନ୍ତିମ ଦିନାଙ୍କ 22.09.2025

# ରାଜନେତା ଗଣତନ୍ତ୍ରକୁ ନିୟନ୍ତ୍ରଣ କରିବା ଶୁଭଙ୍କର ନୁହେଁ: ପରଞ୍ଜୟ ଗୁହା

## ସମତା କନ୍‌କ୍ଲେଭ-୨୦୨୫

### ଲୋକଙ୍କୁ ଅଧିକାର ପାଇଁ ଆନ୍ଦୋଳନ: ଭକ୍ତ

ଭୁବନେଶ୍ୱର,୩୧।୮ (ରବିନାରାୟଣ ଜେନା)

ଦେଶର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ବାକ୍ ସ୍ୱାଧୀନତା ଦେଇଛି। ହେଲେ ଏବେ ଏହାକୁ ବିଭିନ୍ନ ମାଧ୍ୟମରେ କଣ୍ଠରୋଧ କରାଯାଉଛି। କେତେବେଳେ ରାଜନେତାମାନେ ବାକ୍ ସ୍ୱାଧୀନତାକୁ ଚାପି ଦେଉଛନ୍ତି ତ ଆଉ କେତେବେଳେ କର୍ପୋରେଟର ବଡ଼ ହସ୍ତୀ ଓ ଧନିକମାନେ ଚାପି ଦେଉଛନ୍ତି, ଯାହା ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ବରିଷ୍ଠ ଖବରଦାତା ପରଞ୍ଜୟ ଗୁହା ଠାକୁର୍ତ୍ତା କହିଛନ୍ତି।

ଭୁବନେଶ୍ୱର ପ୍ରେସ୍ କ୍ଲବ୍‌ଠାରେ ରବିବାର ଅନୁଷ୍ଠିତ ଦୁଇଦିନିଆ ସମତା କନ୍‌କ୍ଲେଭ୍‌ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ପରଞ୍ଜୟ କହିଥିଲେ, ବର୍ତ୍ତମାନ ସମୟରେ ବାକ୍ ସ୍ୱାଧୀନତା ବଜାୟ ରଖିବା କ୍ଷେତ୍ରରେ ଏପରି ସମ୍ମିଳନୀର ଗୁରୁତ୍ୱ ରହିଛି। ସରକାରଙ୍କ ପାଖରେ ଅନେକ ଆଇନ ଅଛି, ଯାହାକୁ ସେମାନେ ପରିବର୍ତ୍ତନ କରିଛନ୍ତି ଓ କାର୍ଯ୍ୟକାରୀ କରୁଛନ୍ତି, ଯାହା ତଥ୍ୟ ପ୍ରଯୁକ୍ତି, ଡିଜିଟାଲ୍ ଡାଟା ଗୋପନୀୟତା, ପୁସ୍ତକ ପ୍ରକାଶନ ଇତ୍ୟାଦି ମାଧ୍ୟମରେ ମତ ପ୍ରକାଶର


ପ୍ରେସ୍ କ୍ଲବ୍‌ଠାରେ ରବିବାର ଅନୁଷ୍ଠିତ ଦୁଇଦିନିଆ ସମତା କନ୍‌କ୍ଲେଭ୍‌ର ଉଦ୍‌ଯାପନୀ ସମାରୋହରେ ପରଞ୍ଜୟ ଗୁହା ଠାକୁର୍ତ୍ତା (ଡାହାଣରୁ ଦ୍ୱିତୀୟ) ଓ ଅନ୍ୟମାନେ। **(ଫଟୋ: ବିକାଶ ନାୟକ)**

ସ୍ୱାଧୀନତାକୁ ସୀମିତ କରୁଛି। ଗଣତନ୍ତ୍ରରେ ମାଧ୍ୟମଗୁଡ଼ିକୁ ସ୍ୱାଧୀନ ରହିବାକୁ ଦିଆଯିବା ଉଚିତ୍, ଯାହାଦ୍ୱାରା ସେମାନଙ୍କର ଅଧିକାର ସୁରକ୍ଷିତ ରହିପାରିବ। ଯଦି ରାଜନୀତିଜ୍ଞମାନେ ମାଧ୍ୟମଗୁଡ଼ିକୁ ନିୟନ୍ତ୍ରଣ କରିବେ ତେବେ ଗଣତନ୍ତ୍ର ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ।

ଏଥିସହ ପରଞ୍ଜୟ କହିଥିଲେ, ଗତ ୧୩ ବର୍ଷ ଧରି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମ୍ବାଦିକ ସମ୍ମିଳନୀ କରୁନାହାନ୍ତି। ଏହା ପଛରେ ଅନେକ କାରଣ ରହିଛି। ଯଦି ସେ ସବୁଦୃଷ୍ଟିରୁ ସ୍ୱଚ୍ଛ ଅଛନ୍ତି ତେବେ ନିଶ୍ଚିତ ଭାବେ ଗଣମାଧ୍ୟମକୁ ସାମ୍ନା କରିବା ଆବଶ୍ୟକ। ତେବେ ଗତ ସାଧାରଣ ନିର୍ବାଚନ ବେଳେ ମୋଦି କହିଥିଲେ, ଅବ୍‌କୀ ବାର୍ ୪୦୦ ପାର୍। ହେଲେ କ'ଣ ହେଲା, ସାରା ଦେଶରେ ମୋଦିଙ୍କ ଲୋକପ୍ରିୟତା ଏବେ କେତେ ଯେ କମିଛି ତାହା ନିର୍ବାଚନ ଫଳାଫଳ କହିସାରିଛି। ଯେଉଁ ମୋଦି ଦିନେ କହୁଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମୋର ବନ୍ଧୁ, ଏବେ ସେ କାହିଁକି ତାଙ୍କ ସହ କଥା ହୋଇପାରୁ ନାହାନ୍ତି। ଦେଶରେ ଆମେରିକା ଯେଉଁ ୫୦ ପ୍ରତିଶତ ଟାରିଫ୍ ଲଗାଇଲା, ସେତେବେଳେ ବନ୍ଧୁତ୍ୱ କୁଆଡ଼େ ଯାଇଥିଲା ବୋଲି ସେ ପ୍ରଶ୍ନ କରିଥିଲେ।

ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ବାଲେଶ୍ୱର ଛାତ୍ରୀ ଆତ୍ମାହୁତିବେଳେ କଂଗ୍ରେସ ପକ୍ଷରୁ କରାଯାଇଥିବା ଓଡ଼ିଶା ବନ୍ଦ ଡାକରା ଦ୍ୱାରା ସାଧାରଣ ଲୋକେ ପ୍ରଭାବିତ ହୋଇଥିବା ପ୍ରଶ୍ନର ଉତ୍ତରରେ କହିଥିଲେ, ଏହା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନର ଏକ ଉପାୟ। ଯାହାଦ୍ୱାରା ରାଜ୍ୟବାସୀ କିଭଳି ଭାବେ ହୃଦୟରୁ ସମର୍ଥନ ଦେଲେ ତାହା ଜଣାପଡ଼ିଲା। ସମାଜକୁ ସଚେତନ କରିବା ତଥା ଲୋକଙ୍କୁ ଅଧିକାର ଓ ନ୍ୟାୟ ଦେବା ଲାଗି ଆନ୍ଦୋଳନ କରାଯାଇଥାଏ, ତା'ମାନେ ନୁହେଁ ଯେ ହିଂସାକାଣ୍ଡ ଭିଆଇବା ବୋଲି ଭକ୍ତ କହିଥିଲେ। ଏଥିସହ ସେ କହିଥିଲେ, କଂଗ୍ରେସର ଜନସମର୍ଥନ ଦିନକୁ ଦିନ ବୃଦ୍ଧି ପାଉଛି। ଯଦି ଆମ ପାଖରେ ୫୧ ବିଧାୟକ ଥା'ନ୍ତେ, ତେବେ ରାଜ୍ୟରେ ଯେଉଁ ନାରୀ ନିର୍ଯାତନା ବଢ଼ିଚାଲିଛି ତାକୁ ନେଇ ଭାଜପା ସରକାରର ଅବସ୍ଥା କ'ଣ ହୁଅନ୍ତା ତାହା କହିହେବ ନାହିଁ। ମାତ୍ର ରାଜ୍ୟରେ ଏବେ ଭାଜପା କଥାରେ ବିଜେଡି ପରିଚାଳିତ ହେଉଛି। ତେଣୁ କଂଗ୍ରେସର ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ଏପର୍ଯ୍ୟନ୍ତ ବିଜେଡି ସ୍ପଷ୍ଟ କରିପାରୁନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଏହି ଦୁଇଦିନିଆ ସମତା କନ୍‌କ୍ଲେଭ୍ 'ଗଣତନ୍ତ୍ର ଓ ମତପ୍ରକାଶ ସ୍ୱାଧୀନତାର ଉତ୍ସବ'କୁ ପୂର୍ବତନ ଓଡ଼ିଶା ମୁଖ୍ୟ ବିଚାରପତି ଏସ୍. ମୁରଲିଧର ଉଦ୍‌ଘାଟନ କରିଥିଲେ। କନ୍‌କ୍ଲେଭ୍‌ରେ ପ୍ରେସ୍ ସ୍ୱାଧୀନତା, ନ୍ୟାୟପାଳିକା ଓ ସାମ୍ବିଧାନିକ ଅଧିକାର, ଗଣତନ୍ତ୍ରୀୟ ସଂସ୍ଥାପନା ପ୍ରତି ଆସ୍ଥା ଓ ମତପ୍ରକାଶ, ସ୍ୱାଧୀନତା ସୁରକ୍ଷାରେ ସାମ୍ବାଦିକ, ସାହିତ୍ୟିକ ଓ କଳାକାରମାନଙ୍କ ଭୂମିକାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

# ୨ରେ ଲଘୁଚାପ

## ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୩୧।୮ (ବନ୍ଦନା ସେଠୀ)

ବର୍ତ୍ତମାନ ରାଜ୍ୟରେ ଘୂର୍ଣ୍ଣିବଳୟ ସହ ମୌସୁମୀ ଟ୍ରଫ୍ ପ୍ରଭାବରେ ବର୍ଷା ଲାଗିରହିଛି। ଗତ ୨୪ଘଣ୍ଟାରେ ସର୍ବାଧିକ କନ୍ଧମାଳ ଜିଲା ଫିରିଙ୍ଗିଆ ଅଞ୍ଚଳରେ ୧୨.୫ ସେ.ମି ବର୍ଷା ରେକର୍ଡ କରାଯାଇଛି। ତେବେ ଆସନ୍ତା ୨ ତାରିଖ ବେଳକୁ ଉତ୍ତରପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ଆଉଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କତା ଜାରି କରିଛି। ଏହା ପ୍ରଭାବରେ ୩ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷକରି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ମେଘୁଆ ପାଗ ସହ ପବନର ବେଗକୁ ନେଇ ସମୁଦ୍ର ଅଶାନ୍ତ ରହିବ। ତେଣୁ ସେପ୍ଟେମ୍ବର ୨ରୁ ୪ ତାରିଖ ମଧ୍ୟରେ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୨୪ଘଣ୍ଟାରେ ସାରା ରାଜ୍ୟରେ ମାଧ୍ୟମ ଧରଣର ବର୍ଷା ହେବ। ସୋମବାର କଳାହାଣ୍ଡି, କନ୍ଧମାଳ, କୋରାପୁଟ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ ଜିଲାରେ ବର୍ଷା ସହ ପବନ ବହିବ। ଏଥିସହ ସ୍ଥାନେ ସ୍ଥାନେ ବିଜୁଳି ଘଡ଼ଘଡ଼ି ନେଇ ସତର୍କ କରିଛି ପାଣିପାଗ କେନ୍ଦ୍ର। କଳାହାଣ୍ଡି, କନ୍ଧମାଳ ଓ କୋରାପୁଟ ଜିଲାରେ ବିଜୁଳି ଓ ଘଡ଼ଘଡି ସହ ଘଣ୍ଟାପ୍ରତି ୩୦-୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି।

ବର୍ଷ ବର୍ଷ ଧରି ବିଶ୍ୱସ୍ତ ନାମ
FREE FROM IRRITATION
RVP
B-TEX
WHITE OINTMENT
RVP
ବି-ଟେକ୍ସ
ଧଳା ମଲମ
B Tex Ointment Mfg. Co.
C/16-17, Udyog Nagar, Navsari-396445, Gujarat, INDIA.

# ଅବୈଧ ଅର୍ଥ କାରବାର ରୋକିବା ଉପରେ ଗୁରୁତ୍ୱ



## କଟକରେ ଏସ୍‌ଆଇଟି ବୈଠକ

କଟକ,୩୧।୮ (କାର୍ତ୍ତିକ ସାହୁ)

କଳାଧନ ଓ ଦୁର୍ନୀତି ରୋକିବା ନିମନ୍ତେ ଗଠିତ ସ୍ପେଶାଲ ଇନଭେଷ୍ଟିଗେଶନ ଟିମ୍ (ଏସ୍‌ଆଇଟି)ର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଦେଶରେ ଅବୈଧ ଅର୍ଥ କାରବାର ରୋକାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ତେଲେଙ୍ଗାବଜାରସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଦୁର୍ନୀତିର ବିଭିନ୍ନ ଦିଗ ଓ ସେଗୁଡ଼ିକୁ ନିରାକରଣ ଉପରେ ଅଧିକାରୀମାନଙ୍କ ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ଦୁର୍ନୀତି ରୋକିବା ଦିଗରେ କାର୍ଯ୍ୟ କରୁଥିବା ସରକାରୀ ସଂସ୍ଥାଗୁଡ଼ିକର ବରିଷ୍ଠ ଅଧିକାରୀମାନେ ନିଜ ସଂସ୍ଥାର କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟପନ୍ଥା ଉପରେ ଅବଗତ କରାଇଥିଲେ। ବିଶେଷ କରି ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ଏପର୍ଯ୍ୟନ୍ତ ଧରାହୋଇଥିବା କଳାଧନ ପରିମାଣ ସଂକ୍ରାନ୍ତରେ ଅଧିକାରୀମାନେ ସୂଚନା ଦେଇଥିଲେ। ଏଥିସହ ଆଗାମୀ ଦିନରେ ଦୁର୍ନୀତି ରୋକିବା ଦିଗରେ ହୋଇଥିବା ରଣନୀତି ବାବଦରେ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ। ବିଭିନ୍ନ ସଂସ୍ଥା ସେମାନଙ୍କର ଅଗ୍ରଗତି ରିପୋର୍ଟ ଦାଖଲ କରିଥିଲେ। ଧରାହୋଇଥିବା ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀମାନଙ୍କ ଉପରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ଉପରେ ସମୀକ୍ଷା କରାଯାଇଥିଲା। ବିଭିନ୍ନ ତଦନ୍ତକାରୀ ସଂସ୍ଥା ପରସ୍ପର ମଧ୍ୟରେ ସମନ୍ୱୟ ରଖି ତଥ୍ୟ ଆଦାନ ପ୍ରଦାନ ଜରିଆରେ କାର୍ଯ୍ୟ କଲେ ଅଧିକ ଫଳପ୍ରଦ ହୋଇପାରିବ ବୋଲି ଉପାଧ୍ୟକ୍ଷ ଅଧିକାରୀମାନଙ୍କୁ କହିଥିଲେ। କ୍ରାଇମବ୍ରାଞ୍ଚ ଆଇଜି, ଭିଜିଲାନ୍ସ ଏସ୍‌ପି, ଆୟକର ବିଭାଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ବୈଠକରେ ଯୋଗଦେଇଥିଲେ।

srjan
Guru Kelucharan Mohapatra Odissi Nrityabasa
Presents
GURU KELUCHARAN MOHAPATRA AWARD FESTIVAL
GKCM Award Festival 2025
Honouring 31 years of excellence in performing Arts and tradition
5th - 9th September, Rabindra Mandap, Bhubaneshwar
ODISSI — Sujata Mohapatra, Preetisha Mohapatra — 5th September
MANIPURI — Bimbavati Devi & Manipuri Nartanalaya — 5th September
HINDUSTANI VOCAL — Kumar Mardur — 6th September
CARNATIC MANDOLIN — U.P. Raju, U. Nagamani — 6th September
BHARATANATYAM — Samrat Dutta, Santanu Roy — 7th September
ODISSI — Chinmayee Dwaraknath & The Temple of Fine Arts — 7th September
THEATRE — Nalini Nihar Nayak & Newquest Repertory — 8th September
ODISSI — Ratikant Mohapatra's Srjan Ensemble presents Duryodhana — 9th September
ENTRY BY INVITATION ONLY
Supported by Ministry of Culture Government of India
Under CSR Initiative
Festival Sponsors
Media Partners ଧରିତ୍ରୀ DHARITRI OrissaPOST
Institutional Support
Hospitality Partner
Web Partner
*PROGRAMME SUBJECT TO CHANGE
SRJAN, 1340, Guru Kelucharan Marg, Kapilaprasad, Bhimatangi, Bhubaneshwar - 751002, Odisha | 7008109602 www.srjan.com srjan.bbsr@gmail.com srjangkcmon SRJAN/GKCMAwardFestival

# ମହରଗରୁ କାନ୍ତାରରେ

ଚାଇନାର ତିଆନ୍‌ଜିନ୍‌ଠାରେ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ନେତାଙ୍କ ସମ୍ମିଳନୀ ୩୧ ଅଗଷ୍ଟ ୨୦୨୫ରେ ଆରମ୍ଭ ହୋଇଛି। ସମ୍ମିଳନୀ ପୂର୍ବରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଏକ ଘଣ୍ଟା ଧରି ଆଲୋଚନା କରିଛନ୍ତି। କଥାବାର୍ତ୍ତା ଲାଗି ୪୦ ମିନିଟ୍ ସମୟ ରହିଥିବା ବେଳେ ଦୁଇ ନେତା ଗପୁଗପୁ ଏକ ଘଣ୍ଟା ହୋଇଯାଇଥିବା ଭାରତୀୟ ଗଣମାଧ୍ୟମରୁ ଖବର ମିଳିଛି। ମନେପକାଇ ଦିଆଯାଇପାରେ ଯେ, ରୁଷିଆର କାଜାନଠାରେ ଗତବର୍ଷ ଅକ୍ଟୋବର ୨୩ରେ ହୋଇଥିବା ବ୍ରିକ୍ସ ଶିଖର ସମ୍ମିଳନୀ ପୃଷ୍ଠଭୂମିରେ ଉଭୟ ନେତା ପରସ୍ପରକୁ ଭେଟି ସୀମା ବିବାଦ ନେଇ ଆଲୋଚନା କରିଥିଲେ। ତେବେ ଜନସଂଖ୍ୟା ୨.୮ ବିଲିୟନ ଧାରଣ କରିଥିବା ଏହି ଦୁଇ ଦେଶର ଶୀର୍ଷ ନେତାଙ୍କ ଭେଟଘାଟ ଏବେ ଗୁରୁତ୍ୱ ବହନ କରିବାର ଏକାଧିକ କାରଣ ରହିଛି। ପ୍ରମୁଖ କାରଣ ହେଲା ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇବା ପରେ ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ ସମ୍ପର୍କ ବିଗିଡ଼ି ଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱର ପ୍ରାଚୀନ ଦୁଇ ପ୍ରାଚ୍ୟ ସଭ୍ୟତା ଚାଇନା ଓ ଭାରତ ମଧ୍ୟରେ ଦୀର୍ଘବର୍ଷ ହେବ ରହିଆସିଥିବା ଶତ୍ରୁତାରେ ମୋଦି ଓ ଜିନ୍‌ପିଙ୍ଗ୍ ଆଲୋଚନା କିଭଳି ପ୍ରଭାବ ପକାଇବ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ଯେଉଁ ବାଣିଜ୍ୟ ପ୍ରସଙ୍ଗକୁ ନେଇ ଗୋଟେ ବଡ଼ ଡିଲ୍ ହୋଇପାରେ ବୋଲି ଆଶା କରାଯାଉଥିଲା, କଥାବାର୍ତ୍ତାରୁ ସେଭଳି ଅଗ୍ରଗତି ହେଲା ଭଳି ପ୍ରତୀୟମାନ ହୋଇନାହିଁ। ମନେପଡ଼େ ୨୦୧୪ ସେପ୍ଟେମ୍ବରରେ ମୋଦି ଓ ଜିଙ୍ଗପିଙ୍ଗ୍ ଗୁଜରାଟର ଅହମଦାବାଦଠାରେ ଦୋଳି ଖେଳିବା ସହ ଅନେକ ବ୍ୟକ୍ତିଗତ ବନ୍ଧୁତ୍ୱ ପ୍ରଦର୍ଶନ କରିଥିଲେ। ଏହା ପରେ ଡୋକ୍‌ଲାମରେ ଭାରତ-ଚାଇନା ସେନା ମୁହାଁମୁହିଁ ହେବାରୁ ଏକପ୍ରକାର ଯୁଦ୍ଧ ସ୍ଥିତି ଦେଖାଦେଇଥିଲା, ଯାହା ପରେ ଭାରତ ଜମି ଛାଡ଼ିବା ପାଇଁ ବାଧ୍ୟ ହୋଇଥିଲା। ସେହିପରି ୨୦୧୯ ଅକ୍ଟୋବରରେ ତାମିଲନାଡୁର ମହାବଳିପୁରମ୍‌ରେ ଉଭୟଙ୍କ ବନ୍ଧୁତ୍ୱ ଚର୍ଚ୍ଚାକୁ ଆସିଥିଲା। ତା'ର କିଛିମାସ ପରେ ୨୦୨୦ ଜୁନ୍‌ରେ ଗଲୱାନ୍‌ରେ ୨୦ ଭାରତୀୟ ଯବାନଙ୍କୁ ଚାଇନା ସୈନ୍ୟ ହତ୍ୟା କରିଥିଲେ। ଏବେ ତିଆନଜିନ୍‌ଠାରେ ମୋଦି-ଜିନ୍‌ପିଙ୍ଗଙ୍କ ଆଲୋଚନା ସୀମାରେ ଶାନ୍ତି ବଜାୟ ରଖିବା ସହ ପାରସ୍ପରିକ ବିଶ୍ୱାସ ବଢ଼ାଇବା ଓ ଦୀର୍ଘ ୫ ବର୍ଷ ପରେ ଦୁଇ ଦେଶ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ କରିବା ବିଷୟ ସ୍ଥାନ ପାଇଛି। ଏହାର ବାସ୍ତବ ପ୍ରତିଫଳନ କେଉଁଭଳି ହେବ ତାହା ଜାଣିବା ପାଇଁ ଅପେକ୍ଷା କରିବାକୁ ପଡ଼ିବ।

ଆମେରିକାଠାରୁ ଭାରତ ମୁହଁ ଫେରାଇ ଚାଇନା ଆଡ଼କୁ ଢଳିବାକୁ ନେଇ ଆଶା କରାଯାଉଥିଲା ଯେ କିଛି ଗୋଟେ ବଡ଼ ବାଣିଜ୍ୟିକ ଆଶ୍ୱାସନା ମିଳିପାରେ । କିନ୍ତୁ ଜଣାପଡ଼ିଛି, ଉଭୟେ ଦେଶ ଦ୍ୱିପାକ୍ଷିକ ବାଣିଜ୍ୟ ଓ ପୁଞ୍ଜିନିବେଶ ବୃଦ୍ଧି କରିବା ସହ ବାଣିଜ୍ୟିକ ନିଅଣ୍ଟକୁ ହ୍ରାସ କରିବେ ବୋଲି କଥା ହୋଇଛନ୍ତି। ବିଶ୍ୱ ବାଣିଜ୍ୟରେ ସ୍ଥିରତା ଆଣିବା ଦିଗରେ ଚାଇନା ଓ ଭାରତର ଭୂମିକାକୁ ଜିନ୍‌ପିଙ୍ଗ ସ୍ୱୀକୃତି ଦେଇଥିବା ବିଷୟ ଆଲୋଚନା ହୋଇଛି। ଚାଇନାର ଜଣେ କୂଟନୀତିଜ୍ଞ କହିଛନ୍ତି, ଆମେରିକା ଯେଉଁଭଳି ଭାବେ ଭାରତ ଉପରେ ଅତ୍ୟଧିକ ଟାରିଫ୍ ଲାଗୁ କରିଛି ସେହି ଦୃଷ୍ଟିରୁ ନୂଆଦିଲ୍ଲୀକୁ ବେଜିଂ ସମର୍ଥନ ଦେବ। ତେବେ ମନେରଖିବାକୁ ହେବ ଯେ, ଚାଇନା ନିଜ ସୀମା ବାହାରେ କୌଣସି ଶିଳ୍ପ ବସାଇବାର ନଜିର ନାହିଁ। କେବଳ ଭିତ୍ତିଭୂମି ଯଥା ପାଣିଜାହାଜ ପାଇଁ ବନ୍ଦର, ଓବର ଭଳି ଯୋଜନାରେ ରାସ୍ତା, ବିମାନବନ୍ଦର ଆଦିରେ ପୁଞ୍ଜି ବିନିଯୋଗ କରି ଚାଇନା ତା'ର ପ୍ରଭାବ ବିସ୍ତାର କରିଆସୁଛି। ସେଥିପାଇଁ ଆମେରିକା ସହିତ ଅପଡ଼ ହେବା ପରେ ଚାଇନା ସହିତ ବନ୍ଧୁତ୍ୱ କରିବା ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ଭାରତର କୂଟନୀତିରେ ଚାଇନାକୁ ନେଇ ୧୯୬୨ରୁ ଯେଉଁ ସନ୍ଦେହ ରହିଆସିଛି, ସେହି ସ୍ଥିତିରେ କୌଣସି ପରିବର୍ତ୍ତନ ଆସିଥିଲା ଭଳି ମନେହେଉନାହିଁ। ଆଜି ଯଦି ଚାଇନା କୋଳରେ ବସିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ନିଷ୍ପତ୍ତି ନିଅନ୍ତି, ତେବେ ତାହା ଭବିଷ୍ୟତରେ ଭାରତର ନିରାପତ୍ତାକୁ କ୍ଷୁଣ୍ଣ କରିପାରେ। ଯଦି ବାସ୍ତବରେ ଭାରତର ଅର୍ଥନୀତି ଶକ୍ତିଶାଳୀ ହେଉଛି ଏବଂ ୭.୮ ଜିଡିପି ଅଭିବୃଦ୍ଧି ଘଟିବା ସହିତ ଭାରତ ଏବେ ବିଶ୍ୱର ୪ର୍ଥ ବୃହତ୍ ଅର୍ଥନୀତି ହୋଇଗଲାଣି, ତେବେ କୌଣସି ପଡ଼ୋଶୀ ଦେଶର ବୋଲକରା ହେବା ପରିବର୍ତ୍ତେ ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ଭାରତ ଉଦ୍ୟମ କରିବା ଦରକାର। ଏଠାରେ ମନେପଡ଼େ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମୁଲାୟମ ସିଂ ଯାଦବ ସଂସଦରେ ବାରମ୍ବାର ଦେଇଥିବା ଚେତାବନୀ। ତାଙ୍କ ପାର୍ଲାମେଣ୍ଟ ଭାଷଣରେ ସେ ଚାଇନାକୁ ଭାରତର ମୁଖ୍ୟ ଶତ୍ରୁ ଭାବେ ଦୋହରାଇଥିଲେ । ଏହା ପରେ ୧୯୯୮ରେ ଜର୍ଜ ଫର୍ଣ୍ଣାଣ୍ଡିଜ୍ ପ୍ରତିରକ୍ଷାମନ୍ତ୍ରୀ ଥିବାବେଳେ ଚାଇନା ଭାରତର ଏକନମ୍ବର ଶତ୍ରୁ ବୋଲି ଆଖ୍ୟା ଦେଇଥିଲେ। ଇତିହାସକୁ ଦେଖିଲେ ପ୍ରତ୍ୟେକ ଥର ମୋଦି-ଜିନ୍‌ପିଙ୍ଗଙ୍କ ଭେଟ ହୋଇଛି, ତା'ପରେ ସାମରିକ ଅଘଟଣ ଘଟିଛି ; ଯେଉଁଥିରେ ପ୍ରମାଣ ମିଳୁଛି ଯେ ଚାଇନା ତା'ର ବନ୍ଧୁତ୍ୱକୁ ଦୁଇପଇସାରେ ଖାତିର କରେନାହିଁ। ତଥାପି ସେହି ଦେଶରୁ ସବୁ ପ୍ରକାର ସାମଗ୍ରୀ ଭାରତକୁ ଆସିବାରେ ଲାଗିଛି ଏବଂ ଏଥିରେ କୌଣସି ରୋକ୍ ଲଗାଇଯାଇ ପାରୁନାହିଁ। ପରିସଂଖ୍ୟାନ ଦେଖିଲେ ଚାଇନା ସହ ଭାରତର ବାଣିଜ୍ୟିକ ନିଅଣ୍ଟ ୯୯.୨ ବିଲିୟନ ଆମେରିକୀୟ ଡଲାର ରହିଛି। ଅର୍ଥାତ୍ ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ରପ୍ତାନି ଚାଇନାକୁ ୧୪.୨୫ ବିଲିୟନ ଆମେରିକୀୟ ଡଲାର ରହିଥିବା ବେଳେ ଆମଦାନୀ ୧୧୩.୫ ବିଲିୟନ ଆମେରିକୀୟ ଡଲାର ରହିଛି। ଏହି ବିଶାଳ ବ୍ୟବଧାନ କମିବା ନେଇ କେତେ ବର୍ଷ ଲାଗିବ କହିବା ମୁସ୍କିଲ। କାରଣ ଚାଇନାର ଚରିତ୍ରକୁ ଦେଖିଲେ ଏହା ସର୍ବଦା ନିଜ ବ୍ୟବସାୟିକ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥାଏ। ଯୁଦ୍ଧ କିମ୍ବା ଅନ୍ୟାନ୍ୟ ସଂଘର୍ଷରେ ବେଶି ମୁଣ୍ଡ ନ ଖେଳାଇ କିଭଳି ତା'ର ସାମଗ୍ରୀ ସମଗ୍ର ବିଶ୍ୱବଜାରରେ ଜବରଦସ୍ତ ଉପଲବ୍ଧ ହେବ ସେହି ଦିଗରେ କାର୍ଯ୍ୟ କରୁଥାଏ। ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ ଅନ୍ୟ ବାଣିଜ୍ୟିକ ସହଯୋଗୀ ଖୋଜି ତା' ସହ ଦୃଢ଼ ଆର୍ଥିକ ସମ୍ବନ୍ଧ ବାନ୍ଧିବା ଭାରତ ପାଇଁ କାଠିକର ପାଠ ହୋଇପଡ଼ିବ। ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲାଗୁ କରିବା ପରେ ଭାରତୀୟ ମୁଦ୍ରା ଆମେରିକୀୟ ଡଲାର ତୁଳନାରେ ସର୍ବକାଳୀନ ନିମ୍ନସ୍ତରରେ ପହଞ୍ଚିଯାଇଛି। ଏହାର ପ୍ରଭାବ ଭାରତର ଗୁରୁତ୍ୱପୂର୍ଣ୍ଣ ଆମଦାନୀ ଉପରେ ଦରବୃଦ୍ଧି ଭଳି ପ୍ରଭାବ ପକାଇବ। ଭାରତୀୟ ଟଙ୍କାକୁ ଯେଉଁଭଳି ବିମୁଦ୍ରୀକରଣ ପରେ ଦୁର୍ବଳ କରିଦିଆଯାଇଛି, ତାହା ଫଳରେ ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟ ଏବେ ଭାରତୀୟ ଟଙ୍କାରେ ଭାରତ ସହିତ ବ୍ୟବସାୟ କରିବାକୁ ଅମଙ୍ଗ ହେଉଛନ୍ତି। ଇତିମଧ୍ୟରେ ବୟନ, ଚିଙ୍ଗୁଡ଼ି, ଔଷଧୀୟ ସାମଗ୍ରୀ ରପ୍ତାନିକୁ କ୍ଷତି ପହଞ୍ଚି ସାରିଲାଣି। ଆଗକୁ ଏହାର ଭୟଙ୍କର ପ୍ରଭାବ ଅନ୍ୟାନ୍ୟ କ୍ଷେତ୍ର ଉପରେ ପଡ଼ିବା ଥୟ। ଯଦି ଭାରତର ଘରୋଇ ଆର୍ଥିକ ସମସ୍ୟାକୁ ଦେଖାଯାଏ, ନଭେମ୍ବର ୨୦୧୬ ବିମୁଦ୍ରୀକରଣ ଓ ୨୦୧୭ ଜୁଲାଇରୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରଠାରୁ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପଗୁଡ଼ିକ ଉପରକୁ ଉଠିପାରି ନାହାନ୍ତି। ଯେଉଁ କେତୋଟି ମୁଣ୍ଡ ଟେକୁଥିଲେ ସେଗୁଡ଼ିକ ଟ୍ରମ୍ପ୍ ଟାରିଫ୍‌ରେ ଭୂପତିତ।

ଭାରତର ନେତୃତ୍ୱ ବିଶ୍ୱ ବହିର୍ବ୍ୟାପାର ଓ ବାଣିଜ୍ୟିକ ନୀତିକୁ ଖୁବ୍ ହାଲୁକା ଭାବେ ଦେଖିବାରୁ ଆଜି ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ଜର୍ମାନୀର ଏକ ଖବରକାଗଜ ଅନୁଯାୟୀ ନିକଟରେ ଟ୍ରମ୍ପଙ୍କ ୪ ଥର ଫୋନ୍ କଲ୍‌କୁ କାଳେ ମୋଦି ଉଠାଇ ନ ଥିଲେ। ଘଟଣା ସତ୍ୟ ହୋଇଥିଲେ ସାଂଘାତିକ। ବିଶ୍ୱବାସୀ ଜାଣିଛନ୍ତି ଟ୍ରମ୍ପ୍ ଜଣେ ଏକଜିଦିଆ ନେତା। ତାଙ୍କୁ ଯିଏ ଅମାନ୍ୟ କରିବେ ତାଙ୍କ ପ୍ରତି ପ୍ରତିଶୋଧପରାୟଣ ହେବା ଥୟ। ମୋଦିଙ୍କ ସହ ଟାରିଫ୍ ପ୍ରସଙ୍ଗରେ କଥା ହେବାକୁ ଆଶା ରଖି ଯଦି ସେ ଫୋନ୍ କରିଥିବେ ଓ ତାହା ସମ୍ଭବ ନ ହେବାରୁ ସ୍ଥିତି ବିଗିଡ଼ି ଯାଇଥିବା ଅନୁମାନ କରାଯାଇପାରେ। ଗୋଟେ ବଡ଼ ଆର୍ଥିକ ବିଶ୍ୱଶକ୍ତିକୁ କିଭଳି କୌଶଳକ୍ରମେ ପରିଚାଳନା କରିବା ହେବା କଥା ଭାରତର କୂଟନୀତି। ସେଥିରେ ବିଫଳ ହେବା ପରେ ଏବେ ଅନ୍ୟଆଡ଼େ ଥୋପ ପକାଇଲେ ହୁଏତ ତାହା ଖୁବ୍‌ଶୀଘ୍ର ଫଳ ଦେବ ବୋଲି କହି ହେବ ନାହିଁ। ବିଶେଷକରି ଚାଇନା ସହିତ କୌଣସି ପ୍ରକାର ବନ୍ଧୁତ୍ୱ ସୃଷ୍ଟି କରିବା ଭାରତ ପାଇଁ ନିଶ୍ଚିତ ଭାବେ କ୍ଷତିକାରକ ହେବ। ଓଡ଼ିଆରେ ଢଗ ଅଛି- 'ମହରଗରୁ ଯାଇ କାନ୍ତାରରେ ପଡ଼ିବା'। ଭାରତର ଅବସ୍ଥା ବର୍ତ୍ତମାନ ସେଇଆ।

# ସାମାଜିକ ଚକ୍ରରେ ପ୍ରୌଢ଼ାବସ୍ଥା



ପ୍ରକାଶ ତ୍ରିପାଠୀ

ଗତ ଜୁଲାଇ ମାସରେ ଉତ୍ତରପ୍ରଦେଶର ଅଯୋଧ୍ୟାଠାରେ ଏକ ଲଜ୍ଜାଜନକ ତଥା ଅମାନବୀୟ ଘଟଣା ସାମ୍ନାକୁ ଆସିଛି। କିଶନ ଦାସପୁର ନିକଟରେ, ନିଜ ପରିବାର ଲୋକେ ବିଳମ୍ବିତ ରାତିରେ ଜଣେ ରୋଗିଣା ବୃଦ୍ଧା ମହିଳାଙ୍କୁ ଗୋଟିଏ ଇ-ରିକ୍ସାରେ ଆଣି ରାସ୍ତାକଡ଼ରେ ଛାଡ଼ି ଚାଲି ଯାଇଥିଲେ। ପୋଲିସ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ବୃଦ୍ଧା ମହିଳାଙ୍କୁ ଡାକ୍ତରଖାନା ନେଇଥିଲେ, ଯେଉଁଠାରେ କି ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ଗୋଟିଏ ସିସି କ୍ୟାମେରାରେ ରେକର୍ଡିଂ ହୋଇଯାଇଥିବାରୁ ଓ ପରେ ସୋସିଆଲ ମିଡିଆ ଭାଇରାଲ ହେବା ଯୋଗୁ ଘଟଣାଟି ଲୋକଲୋଚନକୁ ଆସିଥିଲା। ଏହାର କିଛିଦିନ ପୂର୍ବରୁ ମୁମ୍ବାଇରେ ଏହିଭଳି ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଥିଲା, ଯେଉଁଠାରେ ଜଣେ ଯୁବକ ତାଙ୍କର କର୍କଟ ପୀଡ଼ିତା ଜେଜେମା'ଙ୍କୁ ଅଳିଆ ଗଦାରେ ଫିଙ୍ଗି ଦେଇ ଚାଲି ଯାଇଥିଲେ। ଏହା ପରେ ପୋଲିସ ପୀଡ଼ିତା ମହିଳାଙ୍କୁ ସେଠାରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇ ଥିଲେ। ଏହି ଦୁଇଟି ଘଟଣା କେବଳ ଏକ ନମୁନା। ଆମେ ଏବେ ପ୍ରାୟତଃ ବୟସ୍କଙ୍କ ପ୍ରତି ଅପମାନ, ନିର୍ଯାତନା, ଅବମାନନା ଏବଂ ସମ୍ବେଦନହୀନ ଆଚରଣର ଖବର ଶୁଣୁଛୁ ଏବଂ ପଢୁଛୁ। ଆମର ସାମାଜିକ ଚିତ୍ର ଅନେକ ବଦଳି ଗଲାଣି। କାରଣ, ଆମେ ନୈତିକଦୃଷ୍ଟିରୁ ଏତେ ଦାୟିତ୍ୱହୀନ ହୋଇ ଗଲୁଣି ଯେ ଆମକୁ ଆମର ବୃଦ୍ଧ ମାତାପିତାଙ୍କ ଯତ୍ନ ନେବା ପାଇଁ ଆଇନ ତିଆରି କରିବାକୁ ପଡୁଛି। ଏହାଠାରୁ ଅଧିକ ଦୁର୍ଭାଗ୍ୟଜନକ କଥା ଆଉ କ'ଣ ହୋଇପାରେ। ପ୍ରୌଢ଼ ସମୟ ମାନବ ଜୀବନର ଏକ ସମ୍ବେଦନଶୀଳ ପର୍ଯ୍ୟାୟ। ଏକ ନିର୍ଦ୍ଦିଷ୍ଟ ବୟସ ପରେ, ସେମାନଙ୍କୁ ଅନେକ ପ୍ରକାରର ଶାରୀରିକ ଏବଂ ମାନସିକ ସମସ୍ୟା ଦେଇ ଗତି କରିବାକୁ ପଡ଼ିଥାଏ। ମନରେ ଏକ ଅଜବ ମାନସିକ ଭୟ ଏବଂ ଅସୁରକ୍ଷାର ଭାବନା ବାସ କରିବାକୁ ଲାଗେ। କିନ୍ତୁ ଅଧିକାଂଶ ଲୋକ ଏହା ବୁଝିପାରନ୍ତି ନାହିଁ ଏବଂ ପ୍ରୌଢ଼ବ୍ୟକ୍ତିଙ୍କ ସହିତ ଅନୁପଯୁକ୍ତ ବ୍ୟବହାର ପ୍ରଦର୍ଶନ କରନ୍ତି। ସେମାନେ ବୁଝିପାରନ୍ତି ନାହିଁ ଯେ ପ୍ରୌଢ଼ ବ୍ୟକ୍ତିମାନେ ଟଙ୍କା ନୁହେଁ, ଟିକେ ସ୍ନେହ, ଆଦର, ଭଲପାଇବା ଏବଂ ସମ୍ମାନ ପାଇବା ପାଇଁ ଆଶା ରଖନ୍ତି।


ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତରେ ଏବେ ପ୍ରାୟ ସାତଶହରୁ ଊର୍ଦ୍ଧ୍ୱ ବୃଦ୍ଧାଶ୍ରମ ଅଛି। ୨୦୫୦ ସୁଦ୍ଧା ଏହି ସଂଖ୍ୟା ତିନି ଗୁଣ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଦେଶରେ ଶିଳ୍ପାୟନ ଏବଂ ସହରୀକରଣର ପ୍ରସାର ସହିତ, ପରିବାରର ମୌଳିକ ରୂପରେ ବ୍ୟାପକ ପରିବର୍ତ୍ତନ ଆସିଛି। ପରିବର୍ତ୍ତିତ ସାମାଜିକ ପରିବେଶରେ ଯୌଥ ପରିବାରଗୁଡ଼ିକ ଅଣୁ ପରିବାରକୁ ରୂପାନ୍ତରିତ ହୋଇଛି। ଗୋଟିଏ ପଟେ, ଆଜିର ତଥାକଥିତ ଆଧୁନିକ ପିଢ଼ି ପାରମ୍ପରିକ ପାରିବାରିକ ଚଳଣି, ସାମାଜିକ ମୂଲ୍ୟବୋଧ ଏବଂ ପରମ୍ପରାଠାରୁ ଦୂରେଇ ଯାଉଛନ୍ତି ଓ ଅନ୍ୟପଟେ, ଅଣୁ ବା କ୍ଷୁଦ୍ର ପାରିବାରିକ ବ୍ୟବସ୍ଥା ବୃଦ୍ଧମାନଙ୍କୁ ଏକାକୀ ଜୀବନଯାପନ କରିବାକୁ ବାଧ୍ୟ କରିଛି। ପରିବର୍ତ୍ତନଶୀଳ ସମୟ ସହିତ, ପିଲାମାନେ ଉତ୍ତମ ଜୀବନଯାପନ ଲକ୍ଷ୍ୟରେ ବିଭିନ୍ନ ସହର କିମ୍ବା ବିଭିନ୍ନ ଦେଶକୁ ଚାଲି ଯାଉଛନ୍ତି । ସେମାନଙ୍କ ମାତାପିତା ଏକଲା ହୋଇଯାଉଛନ୍ତି। ପରବର୍ତ୍ତୀ ସମୟରେ ପିଲାମାନେ ମା'-ବାପାମାନଙ୍କୁ ଏକ ବୋଝ ଏବଂ ଦାୟିତ୍ୱ ଭାବରେ ଦେଖିବା ଆରମ୍ଭ କରୁଛନ୍ତି। ଦେଶରେ ବୟସ୍କମାନଙ୍କର ଏକ ବର୍ଗ ଅଛନ୍ତି, ଯେଉଁମାନେ ନିଜ ଘରେ ଏକ ଘୃଣ୍ୟ ଏବଂ ଅବହେଳିତ ଜୀବନ ବିତାଉଛନ୍ତି କିମ୍ବା ବୃଦ୍ଧାଶ୍ରମରେ ଅସହାୟତାର ଛାୟାରେ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି। ସମାଜରେ ବୃଦ୍ଧାବୃଦ୍ଧଙ୍କ ଉପରେ ମାନସିକ ଏବଂ ଶାରୀରିକ ଅତ୍ୟାଚାରର ଦ୍ରୁତ ବୃଦ୍ଧି ମଧ୍ୟ ଚିନ୍ତାର ବିଷୟ। ପରିବାର ସଦସ୍ୟଙ୍କ ଦ୍ୱାରା ନିରନ୍ତର ଅବହେଳା, ଅସମ୍ମାନ ଆଚରଣ ବୃଦ୍ଧାବୃଦ୍ଧମାନଙ୍କୁ ବହୁତ ଦୁର୍ବଳ କରିଦେଇଛି। ସେମାନେ ପ୍ରାପ୍ୟ ସମ୍ମାନ ପାଉନାହାନ୍ତି। ଏହା ସେମାନଙ୍କ ଦୁଃଖର ମୁଖ୍ୟ କାରଣ। ଭାରତ ବର୍ତ୍ତମାନ ବିଶ୍ୱର ଏକ ବୃହତ୍ ଯୁବ ଦେଶ। ଏଠାରେ ଯୁବଗୋଷ୍ଠୀଙ୍କ ସଂଖ୍ୟା ପଞ୍ଚଷଠି ପ୍ରତିଶତ। ଆମେରିକାର ଜନସଂଖ୍ୟା ରେଫରେନ୍ସ ବ୍ୟୁରୋ ଦ୍ୱାରା ସମ୍ପ୍ରତି କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ଆଜିର ଯୁବ ଭାରତ ୨୦୫୦ ସୁଦ୍ଧା 'ବୃଦ୍ଧ' ହୋଇଯିବ। ସେହି ସମୟରେ, ଦେଶରେ ପଞ୍ଚଷଠି ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ତିନି ଗୁଣ ବୃଦ୍ଧି ପାଇବ। ପ୍ରଶ୍ନ ହେଉଛି, ଆମେ କ'ଣ ଆମର 'ବୃଦ୍ଧ' ଜନସଂଖ୍ୟାର ଉପଯୁକ୍ତ ଯତ୍ନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିପାରିବୁ? ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆକଳନ କରିଛି ଯେ ବିଶ୍ୱ ସ୍ତରରେ ପ୍ରତି ଛଅ ଜଣ ବୟସ୍କଙ୍କ ମଧ୍ୟରୁ ଏକ ଜଣ କୌଣସି ପ୍ରକାରର ନିର୍ଯାତନାର ସମ୍ମୁଖୀନ ହୁଅନ୍ତି। କିନ୍ତୁ ଏହି ସଂଖ୍ୟା ବାସ୍ତବତାଠାରୁ ବହୁତ କମ୍ କାରଣ ଅଧିକାଂଶ ବୟସ୍କବ୍ୟକ୍ତି ଅପମାନ କିମ୍ବା ଭୟ ଯୋଗୁ ଏହି ଘଟଣାଗୁଡ଼ିକ ବାହାରେ ପ୍ରକାଶ କରି ନ ଥାନ୍ତି। ଏକ ଗବେଷଣା ଅନୁଯାୟୀ, ଭାରତୀୟ ଘରେ ବୃଦ୍ଧାବୃଦ୍ଧଙ୍କୁ ଅନେକ ପ୍ରକାରେ ହଇରାଣ କରାଯାଉଛି। ଏଥିରେ ପରିବାର ସଦସ୍ୟଙ୍କ ଦ୍ୱାରା ଅପମାନ, ଦୁର୍ବ୍ୟବହାର, ଅବହେଳା, ଆର୍ଥିକ ଶୋଷଣ ଏବଂ ଶାରୀରିକ ହଇରାଣ ଭଳି ଅମାନବୀୟ ପଦ୍ଧତି ଅନ୍ତର୍ଭୁକ୍ତ। ରିପୋର୍ଟରେ ଦର୍ଶାଯାଇଛି ଯେ ହଇରାଣ ହେଉଥିବା ୮୨ ପ୍ରତିଶତ ବୃଦ୍ଧାବୃଦ୍ଧ ସେମାନଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାରର ଅଭିଯୋଗ କରନ୍ତି ନାହିଁ। ସେମାନେ ଏହି ବିଷୟଗୁଡ଼ିକୁ ପାରିବାରିକ ବିଷୟ ଭାବି ଛାଡ଼ି ଦିଅନ୍ତି କିମ୍ବା ଭବିଷ୍ୟତର ଅସୁରକ୍ଷା ବିଷୟରେ ଚିନ୍ତା କରି ଭୁଲି ଯିବାକୁ ପସନ୍ଦ କରନ୍ତି। ତଥାପି, ଦେଶରେ ବୟସ୍କଙ୍କ ପ୍ରତି ସମ୍ମାନ ଯେଉଁ ଗତିରେ ହ୍ରାସ ପାଇଛି ତାହା ଆମର ସାମାଜିକ-ସାଂସ୍କୃତିକ ମୂଲ୍ୟବୋଧର ଅବମୂଲ୍ୟାୟନକୁ ପ୍ରତିଫଳିତ କରେ।



ବୟସ୍କଙ୍କ ସେବା ଏବଂ ସୁରକ୍ଷା ପାଇଁ ଭାରତରେ ଅନେକ ଆଇନ ତିଆରି ହୋଇଛି। ଭାରତରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ କେନ୍ଦ୍ର ସରକାର ୧୯୯୯ରେ ଏକ ଜାତୀୟ ନୀତି ପ୍ରସ୍ତୁତ କରିଥିଲେ। ଏହା ପରେ, ୨୦୦୭ରେ ସଂସଦରେ 'ମାତାପିତା ଏବଂ ବରିଷ୍ଠ ନାଗରିକ ଭରଣପୋଷଣ ବିଲ୍' ପାରିତ ହୋଇଥିଲା। ୨୦୧୫ରେ ସରକାର ଏକ କଠୋର ଆଇନ ତିଆରି କରିଥିଲେ, ଯାହା ଦ୍ୱାରା ବୃଦ୍ଧାବୃଦ୍ଧମାନେ ସେମାନଙ୍କ ସମ୍ପର୍କୀୟଙ୍କଠାରୁ କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି। ଏହା ବ୍ୟତୀତ, ଅନେକ ରାଜ୍ୟ ସରକାର ବୃଦ୍ଧାଶ୍ରମ, ମାଗଣା ଚିକିତ୍ସା ସେବା ଏବଂ ହେଲ୍ପଲାଇନ ଭଳି ପଦକ୍ଷେପ ନେଇଛନ୍ତି। ସମ୍ପ୍ରତି, ସଂସଦରେ ଏକ ପ୍ରଶ୍ନର ଉତ୍ତରରେ, କେନ୍ଦ୍ର କାର୍ମିକ ରାଷ୍ଟ୍ରମନ୍ତ୍ରୀ ଉତ୍ତର ଦେଇଥିଲେ ଯେ କେନ୍ଦ୍ରୀୟ କର୍ମଚାରୀମାନେ ସେମାନଙ୍କର ବୃଦ୍ଧ ମାତାପିତାଙ୍କ ଯତ୍ନ ନେବା ପାଇଁ ୩୦ ଦିନର ଛୁଟି ନେଇପାରିବେ। ଆଇନ ନୁହେଁ, ସମାଜର ଚେତନା ଜାଗ୍ରତ ହେଲେ ହିଁ ଆଇନ ପ୍ରଭାବଶାଳୀ ହୋଇପାରିବ। ଭାରତ ସର୍ବଦା ଏକ ଉଚ୍ଚ ପରମ୍ପରାର ଦେଶ ହୋଇଆସିଛି, ଯେଉଁଠାରେ ଜନ୍ମରୁ ପିଲାମାନଙ୍କୁ ସମ୍ମାନ ସ୍ୱରୂପ ବଡ଼ମାନଙ୍କ ପାଦ ଛୁଇଁବାକୁ ଶିକ୍ଷା ଦିଆଯାଏ। ମାତାପିତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିବା, ସେମାନଙ୍କ ଅପରାହ୍ନ ବୟସରେ ସେମାନଙ୍କର ପ୍ରତିପାଳନ ନ କରିବା ଏକ ଅପମାନ ବୋଲି ବିବେଚନା କରାଯାଏ। ବୃଦ୍ଧମାନଙ୍କୁ ଅବହେଳା କରିବା କେବଳ ସେମାନଙ୍କ ଜୀବନକୁ ନୁହେଁ ବରଂ ଆମର ଭବିଷ୍ୟତକୁ ମଧ୍ୟ ପ୍ରଭାବିତ କରେ। ଆଜି ଯେଉଁ ପିଢ଼ି ଯୁବା, ସେମାନେ କାଲି ବୃଦ୍ଧାବସ୍ଥାରେ ପହଞ୍ଚିବେ। ଯଦି ଆମେ ଆଜି ଆମ ବୃଦ୍ଧ ମାତାପିତାଙ୍କ ପ୍ରତି ସମ୍ବେଦନଶୀଳ ନ ହେବା, ତେବେ ଆଗାମୀ ପିଢ଼ି ଆମ ପ୍ରତି ସମାନ ଆଚରଣ ପ୍ରଦର୍ଶନ କରିବେ। ଏହା ଏକ ସାମାଜିକ ଚକ୍ର, ଯେଉଁଥିରେ ମାନବ ଆଚରଣର ମୌଳିକ ଭାବନା ବଜାୟ ରଖିବା ଆବଶ୍ୟକ। ଆମେ କେବଳ ପ୍ରୌଢ଼ମାନଙ୍କ ଅଧିକାର ପାଇଁ ସ୍ୱର ଉଠାଇବା ଉଚିତ ନୁହେଁ, ବରଂ ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ମର୍ଯ୍ୟାଦା, ସମ୍ମାନ ଓ ଅଧିକାର ମଧ୍ୟ ଦେବା ଉଚିତ। ଏଥିରେ କୌଣସି ସନ୍ଦେହ ନାହିଁ ଯେ ପରିବାରର ମୁଖ୍ୟ ହେବା ସହିତ, ସେମାନେ ମାର୍ଗଦର୍ଶକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏହା ପରିତାପର ବିଷୟ ଯେ ଆଧୁନିକତାର ଏହି ଦୌଡ଼ରେ ଆମେ ସେମାନଙ୍କ ଗୁରୁତ୍ୱକୁ ଭୁଲିଯାଉଛୁ।

ମୋ:୯୪୩୭୨୩୨୪୬୩


# ମୃତ୍ୟୁକୁ ଜୀବନ



ଡ. ନରେନ୍ଦ୍ର ସେଠୀ

ମୃତ୍ୟୁ ସତ୍ୟ। କିନ୍ତୁ ମୋହ ମାୟା ମଣିଷକୁ ଏପରି ଗ୍ରାସକରି ରଖେ ଯେ, ଯେ କେହିବି ସଂସାରରେ ମରିବାକୁ ଚାହାନ୍ତି ନାହିଁ। ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ବନ୍ଧନରେ ବାନ୍ଧି ହୋଇ ରହେ। ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ, ଭାଗବତର ଏହି ମର୍ମସ୍ପର୍ଶୀ ବାଣୀର ଅର୍ଥ ହେଲା: ଯିଏ ଜନ୍ମ ନେବ ତା'ର ମୃତ୍ୟୁ ନିଶ୍ଚିତ। ସତ କହିବାକୁ ଗଲେ ଆମେ କେହି ମରିବାକୁ ଚାହୁଁନା। ତେବେ ସବୁଦିନ ପାଇଁ ବଞ୍ଚିବା ଲାଗି ମଣିଷର ପ୍ରବଳ ଇଚ୍ଛା ପୂରଣ କରିବା ସକାଶେ ବିଜ୍ଞାନ ଅହରହ ପ୍ରଚେଷ୍ଟା ଚଳାଇଛି। ମଣିଷ ଶରୀର ଅନେକ କୋଷକୁ ନେଇ ଗଠିତ। କୋଷଗୁଡ଼ିକ ଏକରୁ ଦୁଇ, ଦୁଇରୁ ଚାରି ହୋଇ ବିଭାଜନ ପ୍ରକ୍ରିୟାରେ ବଢ଼ିଥାନ୍ତି। ଶରୀରର ଗୋଟିଏ କୋଷ ଏହିପରି ୫୦ ଥର ବିଭାଜନ ହେଲା ପରେ ମୃତ୍ୟୁବରଣ କରିଥାଏ ବୋଲି ପରୀକ୍ଷାରୁ ଜଣାପଡ଼ିଛି। ତିରିଶ ବର୍ଷ ପରେ ମଣିଷ ଶରୀର ଧୀରେ ଧୀରେ ଶିଥିଳ ହୋଇ ଆସେ ଓ ବାର୍ଦ୍ଧକ୍ୟ ଆଡ଼କୁ ପାଦ ପକାଏ। କିନ୍ତୁ ରୋଚକ କଥା ହେଲା, ମଣିଷ ଶରୀରରେ କିଛି ଏମିତି କୋଷ ଅଛି ଯାହା ମରେ ନାହିଁ। ଉଦାହରଣ ସ୍ୱରୂପ, କର୍କଟ ଆକ୍ରାନ୍ତ କୋଷଗୁଡ଼ିକ ମରିବାର ସବୁ ଗୁଣ ହରେଇ ବସିଥାନ୍ତି। ଷ୍ଟେମସେଲ ଓ ଜର୍ମ ସେଲର ମଧ୍ୟ ଏହି ଗୁଣ ଅଛି। ଯେହେତୁ ଗୁଣସୂତ୍ର ବା ଜିନ୍ ମଣିଷର ବାର୍ଦ୍ଧକ୍ୟ ପାଇଁ ମୋଟାମୋଟି ଭାବେ ଦାୟୀ, ବୈଜ୍ଞାନିକମାନେ ଏବେ ଏପରି ଜିନ୍‌ର ସନ୍ଧାନରେ ଅଛନ୍ତି, ଯାହା ବୟସକୁ ଅଟକେଇ ପାରିବ। କେତେଜଣ ବୈଜ୍ଞାନିକ ମଣିଷକୁ ଅମର କରିବାର କୌଶଳ ଖୋଜିବାରେ ଲାଗିପଡ଼ିଥିବା ବେଳେ ଆଉ କେତେକେ ମରିବା ପରେ କିପରି ମୃତ ଶରୀରକୁ ଜୀବନ ଦେଇ ହେବ ସେଥିପାଇଁ ଚେଷ୍ଟା ଚଳାଇଛନ୍ତି। ଆଧୁନିକ ବିଜ୍ଞାନ ଯଦି କେବେ ମୃତ ଶରୀରରେ ଜୀବନ ଦେବାରେ ସଫଳ ହୁଏ, ତାହାଲେ ମଣିଷ ଶରୀର ପ୍ରାକୃତିକ ଉପାୟରେ ମରିବା ପରେ ପୁଣି ବଞ୍ଚିପାରିବ। ମୃତ୍ୟୁହେବା ମାତ୍ରେ ଶରୀରରେ ବିଘଟନ ପ୍ରକ୍ରିୟା ଆରମ୍ଭ ହୋଇ ଯାଉଥିବାରୁ ବଞ୍ଚିବାର କୌଶଳ ପ୍ରୟୋଗ କରିବା ପର୍ଯ୍ୟନ୍ତ ତାହାକୁ ସାଇତି ରଖିବା ନିହାତି ପ୍ରୟୋଜନ। ଏହି କ୍ରମରେ ବର୍ଲିନର ଏକ ସଂସ୍ଥା ଆଗେଇ ଆସି ଭବିଷ୍ୟତରେ ଯେଉଁମାନେ ଜିଇବାର ଲାଳସା ରଖନ୍ତି, ମରିବାପରେ ନିଜର ଶରୀରକୁ ସାଇତି ରଖିବାକୁ ସୁଯୋଗ ଦେଉଛି। ଏପର୍ଯ୍ୟନ୍ତ ୭୦୦ରୁ ଅଧିକ ନିଜର ମୃତଦେହ ସାଇତି ରଖିବା ପାଇଁ ଚୁକ୍ତି ସ୍ୱାକ୍ଷର କରିସାରିଲେଣି। ଏଥିପାଇଁ ଟୁମୋରୋ ବାଓ ନାମକ ଏହି ସଂସ୍ଥାକୁ ଶରୀର ପିଛା ପ୍ରାୟ ୨କୋଟି ଟଙ୍କା ଦେବାକୁ ପଡ଼ିବ। ଏଥିରେ ଆପଣ ନିଜର ପ୍ରିୟ ଗୃହପାଳିତ ପଶୁର ଶରୀର ମଧ୍ୟ ସାଇତି ରଖିପାରିବେ।

ରୋଚକ ତଥ୍ୟ ହେଲା, ଆପଣ ଏଥିପାଇଁ ସଂସ୍ଥାର ୱେବ୍‌ସାଇଟକୁ ଯାଇ ନିଜ ଶରୀର ବିଷୟରେ ଅବଗତ କରାଇଲେ ସଂସ୍ଥା ଆପଣଙ୍କ ମୃତଦେହ ପାଇଁ କେତେ ଟଙ୍କା ନେବେ ତାହା ଜାଣିପାରିବେ। ମୃତଦେହ ସହିତ ଏହି ସଂସ୍ଥା ଜୀବିତ ଅବସ୍ଥାରେ ଥିବା ସ୍ମରଣ ଶକ୍ତି, ପରିଚୟ ଓ ବ୍ୟକ୍ତିତ୍ୱକୁ ମଧ୍ୟ ସାଇତି ରଖିବାର ଦାବି କରୁଛି। ଏହା ଯଦି ସଫଳ ହୁଏ, ତା'ହେଲେ ମରିଯାଇଥିବା ବ୍ୟକ୍ତି ଭବିଷ୍ୟତରେ ପୁଣି ଥରେ ଜୀବନ ଲାଭ କରି ପୁରୁଣା ସଂସାରକୁ ଫେରିପାଇବ। ତେବେ ୟୁରୋପର ଟୁମୋରୋ ବାଓ ୨ଲକ୍ଷ ଡଲାର ବଦଳରେ ମୃତ୍ୟୁକୁ ନାଲିଆଖି ଦେଖେଇ ପୁଣି ଜୀବନ ଫେରେଇ ଆଣିବାର ଲାଳସା ମଣିଷ ମନରେ ଭରି ଦେଇଛି। ଟୁମୋରୋ ବାଓର ଏମିତି ଏକ ଲୋଭନୀୟ ତଥା ଅପ୍ରତ୍ୟାଶିତ ଚେଷ୍ଟା ପଛରେ କିଛି ବୈଜ୍ଞାନିକ ଘଟଣା ରହିଛି। ଏହା ହେଲା ୧୯୯୯ ମସିହାରେ ଜଣେ ବ୍ୟକ୍ତି, ଯିଏକି ମରିବାର ଦୁଇଘଣ୍ଟା ପରେ ଜୀବନ ଫେରି ପାଇଥିଲେ। ତେଣୁ ମୃତ୍ୟୁ ପରେ ଯେ ଦିନେ ମଣିଷ ଜୀବନ ପାଇପାରିବ, ଏହା ଏହି ସଂସ୍ଥାର ବିଶ୍ୱାସ ଅଛି। ତେବେ ବଡ଼ କଥା ହେଲା, ଯଦି ମୃତଦେହକୁ ଜୀବନ ଦେବାରେ ବିଜ୍ଞାନ ଏଯାଏଁ ସଫଳ ହୋଇନି, ତା'ହେଲେ ଶରୀରକୁ ସାଇତି ରଖିବା କେତେଦୂର ପ୍ରଯୁଜ୍ୟ ବୋଲି ଅନେକ ମତବ୍ୟକ୍ତ କରିଛନ୍ତି। କ୍ରାଓପ୍ରିଜର୍ଭ ଭଳି ଏହି ଉପାୟରେ ଶରୀରକୁ -୨୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରାରେ ସାଇତି ରଖିଲେ କୋଷଗୁଡ଼ିକ ବରଫ ପାଲଟିଯାଇ ନଷ୍ଟ ହୋଇଯିବାର ସମ୍ଭାବନା ଅଛି। ମଣିଷ ଶରୀରର ୬୦% ଜଳ ହୋଇଥିବାରୁ ଅତି ନିମ୍ନ ତାପମାତ୍ରାରେ ଶରୀରକୁ ସଂରକ୍ଷଣ କଲେ ଏହା ବରଫ ପାଲଟି ନଷ୍ଟ ହୋଇଯିବାର ସମ୍ଭାବନା ଥିବାରୁ ଏହି ପ୍ରକ୍ରିୟାରେ ଶରୀର ଭିତରୁ ଜଳ ଅଂଶ ବାହାର କରି ତା'ବଦଳରେ କିଛି ରସାୟନ ପଦାର୍ଥ ଭରିଦିଆଯିବ ଓ ଶରୀରକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅପେକ୍ଷା କରିବାକୁ ପ୍ରୟୋଗଶାଳାରେ ରଖିଦିଆଯିବ। ଯେତେବେଳେ ମୃତଦେହକୁ ବଞ୍ଚାଇବା ପାଇଁ ଜ୍ଞାନ କୌଶଳ ଆସିବ, ସେପର୍ଯ୍ୟନ୍ତ ଏହି ସବୁ ଶରୀର ଅପେକ୍ଷା କରି ରହିବେ।



ଭବିଷ୍ୟତରେ ମଣିଷ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡକୁ ମନଇଚ୍ଛା ପରିବର୍ତ୍ତନ କରିବାରେ ସକ୍ଷମ ହୋଇ ଶେଷରେ ନିଜକୁ ପୁରାଣବର୍ଣ୍ଣିତ ଦେବତାଙ୍କ ସମକକ୍ଷ କରିପାରିବ ବୋଲି ଯେଉଁ ଆକଳନ କରାଯାଇଛି, ତାହା ସମ୍ଭବତଃ ପୂର୍ଣ୍ଣ ହୋଇଯିବ, ଯେଉଁଦିନ ମଣିଷ ମୃତଦେହକୁ ଜୀବନ ଦାନ କରିବ। ତେବେ ସେଥିପାଇଁ ସବୁ ପ୍ରସ୍ତୁତି ବିଜ୍ଞାନ କରିସାରିଲାଣି ଓ ପ୍ରକୃତି ଉପରେ ବିଜୟ ପାଇଁ ଅଣ୍ଟା ଭିଡ଼ିଲାଣି। ଶହେ ଦୁଇଶହ ବର୍ଷ ପରେ ଯଦି ହଠାତ୍ ମରିଥିବା ମଣିଷମାନେ ବଞ୍ଚି ଉଠିବେ, ତା'ହେଲେ ସାମାଜିକ ବ୍ୟବସ୍ଥା ଓ ପରିସ୍ଥିତିରେ କ'ଣ ସୁବିଧା ଅସୁବିଧା ସୃଷ୍ଟିହେବ ତାହାର ପରିଣାମ ବିଷୟରେ ମଧ୍ୟ କଳ୍ପନା କରିବା ଉଚିତ। ନହେଲେ ପ୍ରକୃତିର ନିୟମ ଓ ବ୍ୟବସ୍ଥାକୁ ତା'ବାଟରେ ଛାଡ଼ିଦେବା ଦରକାର। କିନ୍ତୁ ସେଥିପାଇଁ ବିଜ୍ଞାନ ପଛକୁ ଯିବା ଲାଗି ନାରାଜ। ଏପରି ସ୍ଥିତିରେ ଫଳାଫଳ ଭବିଷ୍ୟତ ହିଁ ସାକ୍ଷୀ ରହିବ।

ମୋ: ୭୦୦୪୦୬୮୧୧୦

## ଏଇ ଭାରତରେ

ଗୋଟିଏ ଟମାଟୋ ବି ଜଣଙ୍କ ପାଇଁ ମୃତ୍ୟୁର କାରଣ ହୋଇପାରେ! କଥାଟା ଶୁଣିଲେ ଅଜବ ଲାଗିପାରେ। ହେଲେ ଏଭଳି ଏକ ଘଟଣା ଘଟିଛି ମଧ୍ୟପ୍ରଦେଶ ଅନୁପପୁର ଜିଲା ବିଜୁରୀ ଥାନା ଅଞ୍ଚଳରେ। ଏହି ଅଞ୍ଚଳରେ ଜଣେ ଯୁବକ ଗତ ସୋମବାର ରାତିରେ ପରିବା ମାର୍କେଟରେ ବୁଲୁଥିଲେ। ହଠାତ୍ ସେ ଏକ ଠେଲାଗାଡିରେ ବିକ୍ରି ହେବାକୁ ଥିବା ଟମାଟୋ ଗୋଟେ ଆଣି ଖାଇବାକୁ ଲାଗିଲେ। କିନ୍ତୁ ଠେଲା ପାଖରେ ଥିବା ଜଣେ ମହିଳା ତାଙ୍କୁ ଏପରି ନ କରିବାକୁ କହିଲେ। ବାସ୍ ତା'ପରେ ମହିଳାଙ୍କର ଭାଗ୍ୟ ଖରାପ ପଡିଗଲା। ସେହି ଯୁବକଜଣକ ଏଭଳି ପ୍ରଚଣ୍ଡଭାବରେ ରାଗିଗଲେ ଯେ ମହିଳାଙ୍କୁ ମନଇଚ୍ଛା ଗାଳି କରିବାକୁ ଲାଗିଲେ। ଗାଳି କରିବା ପରେ ବି ମନ ଶାନ୍ତ ହେଲାନି। ହଠାତ୍ ପାଖରେ ପଡିଥିବା ଏକ ବାଉଁଶ ଆଣି ଆକ୍ରମଣ କରିବାକୁ ଲାଗିଲେ। ମାତ୍ର କେଇ ମିନିଟ୍ ଭିତରେ କ'ଣ ସବୁ ଘଟିଯାଉଛି ସେ ସମ୍ପର୍କରେ ପାଖରେ ଥିବା ଲୋକେ ହଠାତ୍ ବୁଝି ପାରି ନ ଥିଲେ। ହେଲେ ମହିଳାଙ୍କ ଉପରେ ଆକ୍ରମଣ ହେବା ପରେ ସ୍ଥାନୀୟ ଲୋକେ ଆସି ପ୍ରତିରୋଧ କରିଥିଲେ। କିନ୍ତୁ ସେତେବେଳକୁ ମହିଳାଜଣକ ଲହୁଲୁହାଣ ହୋଇଯାଇଥିଲେ। ଆକ୍ରମଣକାରୀ ଯୁବକଙ୍କୁ କାବୁ କରିବା ପରେ ମହିଳାଙ୍କୁ ଲୋକେ ତୁରନ୍ତ ଡାକ୍ତରଖାନାକୁ ନେଇ ଯାଇଥିଲେ। ହେଲେ ଡାକ୍ତରଖାନାରେ ପହଞ୍ଚିବାବେଳକୁ ମହିଳାଙ୍କର ମୃତ୍ୟୁ ହୋଇଯାଇଥିଲା। ଛୋଟିଆ କଥାଟିଏର ଏଭଳି ଅନ୍ତ ଘଟିପାରେ ଏହା ବିଶ୍ୱାସ ହେଉନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

୧ ସେପ୍ଟେମ୍ବର ୧୯୭୬

- ରାଜ୍ୟର ବୃହତ ଓ ମଧ୍ୟମ ଜଳସେଚନ ଯୋଜନା ନିମନ୍ତେ ଯୋଜନା କମିଶନ ୭୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି।
- ରାଜ୍ୟରେ ଖଣିଜ ସମ୍ପଦର ବିକାଶ ପାଇଁ ୯ କୋଟିର ଦଶବର୍ଷିଆ ମାଷ୍ଟରପ୍ଲାନ୍ ପ୍ରସ୍ତୁତ।

## ଚିରନ୍ତନୀ

ଫୁଲେ ଫୁଲେ ଧରା ଉଠେ ଫୁଲି ଯେ
ଯୌବନ ଶିରୀ ଯାଏ ଭୁଲି
ଶିଶୁ ଯଥା ଭୁଲେ ନିଜ କାନ୍ତି
ଭୁବନେ ଜାଗିଛି ସେହି ଭ୍ରାନ୍ତି
କୋକିଳ ଭ୍ରମର ଆଜି ଗା'ନ୍ତି
ସେହି ଗୀତ ବନେ ବନେ ବୁଲି ହେ !
-(ଫଗୁଣ ଜ୍ୟୋତ୍ସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 9 | | 5 | 2 | | 1 | 4 | | |
| 1 | | | | 9 | | | | |
| | | | | | | 3 | | |
| 2 | | | | | | | 3 | |
| | 9 | | 4 | | | 6 | | |
| | | 7 | | | 2 | 8 | | |
| | | | 9 | | | | 6 | |
| 3 | | | | | 5 | | | |
| 7 | | | | 3 | | | 1 | 4 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 1 | 8 | 9 | 6 | 2 | 4 | 5 |
| 9 | 2 | 5 | 1 | 7 | 4 | 6 | 8 | 3 |
| 4 | 8 | 6 | 5 | 3 | 2 | 1 | 9 | 7 |
| 1 | 9 | 2 | 4 | 5 | 8 | 3 | 7 | 6 |
| 8 | 6 | 3 | 2 | 1 | 7 | 4 | 5 | 9 |
| 5 | 4 | 7 | 9 | 6 | 3 | 8 | 2 | 1 |
| 6 | 5 | 4 | 7 | 2 | 1 | 9 | 3 | 8 |
| 2 | 3 | 9 | 6 | 8 | 5 | 7 | 1 | 4 |
| 7 | 1 | 8 | 3 | 4 | 9 | 5 | 6 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍‌ଲାଇନ ଗେମରୁ କ୍ଷାନ୍ତ ହୁଅନ୍ତୁ

ମହାଶୟ,
ଅନ୍‌ଲାଇନ୍ ଗେମ୍ ଖେଳି ଛୋଟଠାରୁ ବଡ଼ଯାଏଁ ବହୁ ଲୋକ ଆତ୍ମହତ୍ୟା କରିବା ବାରମ୍ବାର ସମ୍ବାଦପତ୍ରରୁ ପଢ଼ିବାକୁ ମିଳୁଛି। ଦେଶର ଜଣେ ସଚେତନଶୀଳ ନାଗରିକ ଭାବେ ଘୋର ଉଦ୍‌ବେଗ ପ୍ରକାଶ କରି ଭାବୁଥିଲି କେନ୍ଦ୍ର ସରକାର ଏହି ଭୟଙ୍କର ଖେଳ ଉପରେ କାହିଁକି କଠୋର ଆଇନ ଆଣୁନାହାନ୍ତି। ଦିନକୁଦିନ ଅନ୍‌ଲାଇନ ଖେଳ ଯୋଗୁ ବହୁ ନିରୀହ ପିଲା, ବୟସ୍କ ଆତ୍ମହତ୍ୟା କରୁଛନ୍ତି। ଏକା ରାତିକେ କୋଟିପତି ହେବାର ଆଶା ରଖି ପିଲାମାନେ ଏହି ଖେଳ ଖେଳିଆ'ନ୍ତି। ହାରିଯିବା ପରେ ଆତ୍ମହତ୍ୟା କରିଥା'ନ୍ତି। ଯାହାହେଉ କେନ୍ଦ୍ର ସରକାର ବହୁଦିନ ପରେ ଏଥିପାଇଁ ଆଇନ ଆଣିଛନ୍ତି, ଯାହା ଦେଶବାସୀଙ୍କ ମନରେ ଭୟ ସୃଷ୍ଟି କରିବ। ଉଭୟ ଜେଲ, ଜରିମାନା ଦେବା ପାଇଁ ଆଇନ ଆଣି ସରକାର ଧନ୍ୟବାଦର ପାତ୍ର ହୋଇଛନ୍ତି। ବହୁ ଆଗରୁ ଏହି ଆଇନ ଆଣିବା ଉଚିତ ଥିଲା।

-ରଞ୍ଜନ ମିଶ୍ର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଗ୍ୟାସ ଟାଙ୍କି ଫାଟି ମହିଳା ଗୁରୁତର**

ଛତ୍ରପୁର,(ନିଜସ୍ୱ ସମ୍ବାଦ): ଛତ୍ରପୁର ବ୍ଲକ ଅନ୍ତର୍ଗତ ହଂସପୁର ଗ୍ରାମରେ ଗ୍ୟାସ ଟାଙ୍କି ଫାଟି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ହଂସପୁର ଗ୍ରାମର ଶଶ୍ୱର ନାହାକଙ୍କ ଝିଅ ଭାରତୀ ବିଶ୍ୱାଳ। ତାଙ୍କୁ ପ୍ରଥମେ ମୁନିସିପେଶ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଭାରତୀଙ୍କ ମା'ଙ୍କ ଦେହ ଖରାପ ଥିବାରୁ ସେ ବାପ ଘରକୁ ଆସିଥିଲେ। ରବିବାର ରୋଷେଇ କରୁଥିବା ବେଳେ ଗ୍ୟାସ ଲିକେଜ ଥିବାରୁ ନିଆଁ ଲାଗି ହୁତୁ ହୁତୁ ଜଳିଥିଲା। ଏଥିରେ ଭାରତୀ ଗୁରୁତର ହେବା ସହ ଘର ପୋଡି ନଷ୍ଟ ହୋଇଯାଇଛି।

## ସଂକ୍ଷେପରେ

### ବ୍ରହ୍ମପୁର ଷ୍ଟେଶନରୁ ୧୦୦ କେଜି ଗଞ୍ଜେଇ ଜବତ, ୪ ଗିରଫ

ବ୍ରହ୍ମପୁର,୩୧।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ରେଳ ଷ୍ଟେଶନରୁ ଏନସିବି (ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ) ଟିମ ପ୍ଲାଟଫର୍ମ ଭିତରୁ ଓ ବାହାରୁ ପ୍ରାୟ ୧୦୦ କେଜି ଗଞ୍ଜେଇ ଜବତ କରିଛି। ଏହି ଗଞ୍ଜେଇ ଚୋରା ଚାଲାଣ କରୁଥିବା ବିହାରର ଜଣେ ଯୁବକ ସମେତ ମୋଟ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ବ୍ରହ୍ମପୁର କୋର୍ଟରେ ହାଜର କରାଯାଇଛି। ବ୍ରହ୍ମପୁର ରେଳଷ୍ଟେସନ ଦେଇ ଟ୍ରେନ ଯୋଗେ ବିହାର ଓ ପଶ୍ଚିମବଙ୍ଗ ରାଜ୍ୟକୁ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ଏନସିବିଙ୍କୁ ଖବର ମିଳିଥିଲା। ସେକ୍ରମରେ ଆରପିଏଫ ସହଯୋଗରେ ଏନସିବିର ଟିମ ବ୍ରହ୍ମପୁର ଷ୍ଟେସନରେ ପହଞ୍ଚି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଏହି ଗଞ୍ଜେଇ ଚାଲାଣ ପାଇଁ ଯୋଜନା କରୁଥିବା ୪ ଜଣଙ୍କୁ କାବୁ କରାଯାଇଥିଲା । ଏହି ୪ ଜଣଙ୍କ ମଧ୍ୟରେ ଜଣେ ବିହାର ଯୁବକ ରହିଥିବା ବେଳେ ଅନ୍ୟ ୩ ଜଣ ଓଡ଼ିଶାର। ସେମାନଙ୍କ ନାଁରେ ପୂର୍ବରୁ ମାମଲା ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ବୃଦ୍ଧଙ୍କୁ ପଥରରେ ଛେଚି ହତ୍ୟା ମାମଲାରେ ୨ ଅଟକ

ଆର.ଉଦୟଗିରି, ୩୧।୮(ମନୋଜ ପାଢ଼ୀ)

ଗଜପତି ଜିଲାରେ ଜଣେ ବୃଦ୍ଧଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୋଲିସ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଆର. ଉଦୟଗିରି ଥାନା ପୁରୁଣାପାଣି ପଞ୍ଚାୟତ କଦମୁଳି ଗାଁରେ ଦିଗପହଣ୍ଡି ଥାନା ଖମ୍ବରିଗାଁ ଶଙ୍କରଖାଲି ଗାଁର ଶିବ ନାୟକ (୫୫)ଙ୍କୁ କେତେ ଜଣ ଯୁବକ ୪ ଦିନ ତଳେ କୌଣସି କାରଣରୁ ପଥରରେ ଛେଚି ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଖବର ପାଇ ଆର.ଉଦୟଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି କଦମୁଳି ଗାଁ ନିକଟସ୍ଥ ଜଙ୍ଗଲରୁ ମୃତଦେହ ଜବତ କରି ଏହି ଗ୍ରାମର ୨ ଜଣଙ୍କୁ ଧରିଆଣି ଅଟକ ରଖିଥିଲା। ଏହାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଅଶ୍ୱିନୀ ଭିତ୍ରିଆ କହିଛନ୍ତି। ଶଙ୍କରଖାଲି ଗାଁର ଶିବ ଗତ ତିନିଦିନ ତଳେ କୌଣସି କାମରେ କଦମୁଳି ଗାଁକୁ ଯାଇଥିଲେ। ତେବେ ସନ୍ଧ୍ୟାରେ ସେ ଆଉ ଘରକୁ ଫେରି ନ ଥିଲେ । ତାଙ୍କୁ କେତେ ଜଣ ଲୋକ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ନେଇ ପରିବାର ଲୋକେ ପରେ ଅଭିଯୋଗ କରିଥିଲେ। ଶନିବାର ଆର. ଉଦୟଗିରି ପୋଲିସ କଦମୁଳି ଗାଁରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଦିଗପହଣ୍ଡିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଦିଗପହଣ୍ଡି,୩୧।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଏନ୍ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ଗାନ୍ଧୀ ଛକଠାରେ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଏନ୍ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ବିଧାୟକ ଡା.ସିଦ୍ଧାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପାଧକ୍ଷା କେ.ପୂଜା, କାଉନସିଲର ସନ୍ତୋଷିନୀ ବେହେରା, ସୁଶାନ୍ତ ପାତ୍ର, ନୀଳମାଧବ ଗୌଡ, ମାମିନୀ ବେହେରା, ଦୀପକ ମିଶ୍ର, ସୁନିଲ ପଣ୍ଡା, ଇ.ଗାୟତ୍ରୀ, ଜ୍ୟୋସ୍ନା ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏନ୍ଏସି ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଏବଂ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ନିର୍ବାହୀ ଅଧିକାରୀ ସୂଚନା ଦେବା ସହ ଟିମ୍ ସ୍ପିରିଟ ନେଇ କାର୍ଯ୍ୟକଲେ ଏନ୍ଏସି ଆହୁରି ଆଗକୁ ବଢିପାରିବ ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତିମାନଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଯନ୍ତ୍ରୀ ଇଂ.ମମତା ପଣ୍ଡା ଓ ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ୫ ଏନ୍ଏସିକୁ ପୌରପାଳିକା, ୨ ନୂଆ ଏନ୍ଏସି ଘୋଷଣା

ବ୍ରହ୍ମପୁର,୩୧।୮(ଅଶୋକ କୁମାର ସାହୁ)

**ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମକୁ ସ୍ୱାୟତ୍ତ ଶାସନ ଭେଟି**

ରାଜ୍ୟର ବିଭିନ୍ନ ପୌରପାଳିକା ଓ ବିଜ୍ଞାପିତ ପରିଷଦ ଅଞ୍ଚଳରେ ସ୍ୱାୟତ୍ତ ଶାସନ ଦିବସ ରବିବାର ପାଳନ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୭ ଏନଏସିକୁ ପୌରପାଳିକା ଓ ୧୬ ନୂଆ ସହରକୁ ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦର ଘୋଷଣା କରି ସ୍ୱାୟତ ଶାସନ ଭେଟି ଦେଇଛନ୍ତି। ଏଥିରେ ଗଞ୍ଜାମର ସର୍ବାଧିକ ଏନଏସି ପୌରପାଳିକା ହୋଇଥିବାବେଳେ ୨ଟି ନୂଆ ସହରାଞ୍ଚଳକୁ ଏନଏସି ମାନ୍ୟତା ମିଳିଛି। ଗଞ୍ଜାମ ଜିଲା ଏକ ବଡ ଜିଲା। ୨୨ ବ୍ଲକ ରହିଛି। ୩ ଉପଖଣ୍ଡ ରହିଛି ଭଞ୍ଜନଗର, ଛତ୍ରପୁର ଓ ବ୍ରହ୍ମପୁର। ବିକାଶର ସରଳୀକରଣ ପାଇଁ କିଛି ଅଞ୍ଚଳକୁ ବ୍ଲକ ଘୋଷଣା ଦାବି ହେଉଥିବାବେଳେ ଆଉ କିଛି ଅଞ୍ଚଳକୁ ଏନଏସି ଘୋଷଣା କରିବା ଦାବି ହୋଇ ଆସୁଥିଲା। ପୂର୍ବ ସରକାର ଅମଳରେ ଭଞ୍ଜନଗର, ଛତ୍ରପୁର ଓ ଆସିକାକୁ ପୌରପାଳିକା ଘୋଷଣା କରିବା ପ୍ରସ୍ତାବ ଥିଲେ ମଧ୍ୟ ଗେଜେଟ ନୋଟିଫିକେସନ ହୋଇନଥିଲା। ତେବେ ବିଳମ୍ବରେ ହେଲେ ମଧ୍ୟ ମୋହନ ସରକାର ଲୋକଙ୍କ ଏହି ଦାବି ପୂରଣ କରିଛନ୍ତି। ହିଞ୍ଜିଳିକାଟୁ ପୂର୍ବରୁ ମୁନିସିପାଲିଟି ହୋଇ ସାରିଥିବାବେଳେ ବର୍ତ୍ତମାନ ଗଞ୍ଜାମର ଭଞ୍ଜନଗର, ଛତ୍ରପୁର, ଆସିକା, ପୋଲସରା ଓ କବିସୂର୍ଯ୍ୟନଗର ଏନଏସି ପୌରପାଳିକାର ମାନ୍ୟତା ପାଇଛନ୍ତି। ସେହିପରି ପାତ୍ରପୁର ଓ ଜଗନ୍ନାଥପ୍ରସାଦକୁ ନୂଆ ଏନଏସିର ମାନ୍ୟତା ମିଳିଛି। ଗଞ୍ଜାମରେ ଥିବା ୧୬ ଏନଏସି ମଧ୍ୟରୁ ୫ ଏନଏସି ପୌରପାଳିକା ହୋଇଯାଉଥିବାବେଳେ ଆଉ ୨ ନୂଆ ଏନଏସି ମିଶିବା ପରେ ଏନଏସି ସଂଖ୍ୟା ୧୩ରେ ପହଞ୍ଚିଛି। ସେହିପରି ପୌରପାଳିକା ସଂଖ୍ୟା ୬ରେ ପହଞ୍ଚିଛି। ବ୍ରହ୍ମପୁର ମହାନଗର ନିଗମ ରହିଛି କିନ୍ତୁ ଦୁଃଖର ବିଷୟ ଯେ, ପୂର୍ବରୁ ରାଜ୍ୟର ୭ଟି ଜିଲ୍ଲାରେ ୧୨ ନୂଆ ଏନଏସି ହେବ ବୋଲି ଗୃହନିର୍ମାଣ ଓ ଉଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗଞ୍ଜାମ ଜିଲାର କୁକୁଡାଖଣ୍ଡି ଓ ଶେରଗଡ ପଞ୍ଚାୟତକୁ ଏନଏସି ମାନ୍ୟତା ମିଳିବ ବୋଲି ନିର୍ବାଚନ ପୂର୍ବରୁ ତତ୍କାଳୀ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ବି ପ୍ରଥମ ପର୍ଯ୍ୟାୟ ତାଲିକାରୁ ଏହା ବାଦ ପଡିଥିଲା। ତତ୍କାଳୀନ ସରକାର କରିଥିବା ଘୋଷଣାର ପ୍ରାୟ ବର୍ଷେ ପରେ ଭାଜପା ସରକାର ଏନଏସି ମାନ୍ୟତା ପ୍ରଦାନ ପାଇଁ ବିଧିବଦ୍ଧ କାର୍ଯ୍ୟ ଆରମ୍ଭ କରିଥିଲେ। ଶେରଗଡ ପଞ୍ଚାୟତରେ ୨୩ ୱାର୍ଡ ଥିବାବେଳେ ଲୋକସଂଖ୍ୟା ପ୍ରାୟ ୧୫ ହଜାର ଛୁଇଁଲାଣି। ସେହିପରି କୁକୁଡାଖଣ୍ଡି ପଞ୍ଚାୟତରେ ୨୧ ୱାର୍ଡ ଥିବାବେଳେ ଲୋକସଂଖ୍ୟା ୧୦ ହଜାର ଛୁଇଁଲାଣି। ଉଭୟ ପଞ୍ଚାୟତକୁ ଏନଏସି ମାନ୍ୟତା ପାଇଁ ମଧ ଦାବି ହୋଇ ଆସୁଛି। କିନ୍ତୁ ବର୍ତ୍ତମାନ ଏହି ଦୁଇ ପଞ୍ଚାୟତ ଏନଏସି ଘୋଷଣାରୁ ବାଦ ପଡିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ପାରଳାଖେମୁଣ୍ଡି ପୌର ପରିଷଦରେ ସ୍ୱାୟତ୍ତ ଶାସନ ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପାରଳାଖେମୁଣ୍ଡି, ୩୧।୮ (ଗିରିଧାରୀ ପରିଡ଼ା)

ଗଜପତି ଜିଲାର ଏକମାତ୍ର ଶତାୟୁ ପୌର ପରିଷଦ ପାରଳାଖେମୁଣ୍ଡିପକ୍ଷରୁ ଆଡ଼ମ୍ବର ସହକାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି । ପୌରାଧ୍ୟକ୍ଷା ନିର୍ମଳା ସେଠୀ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କ ତତ୍ତ୍ୱାବଧାନରେ ରବିବାର ସକାଳୁ ପୌରପାଳିକା ପ୍ରାଙ୍ଗଣରେ ସମସ୍ତ କର୍ମଚାରୀ, ପୌର ଅଧକ୍ଷା, କାଉନସିଲରମାନେ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରି ସ୍ୱାୟତ୍ତ ଶାସନ ଦିବସ ପାଳନ କରିଥିଲେ। ପୌରାଧକ୍ଷା ପାରଳାଖେମୁଣ୍ଡି ପୌରପାଳିକା ଅଞ୍ଚଳରେ ସମସ୍ତ କର୍ମଚାରୀ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବା, ସ୍ୱଚ୍ଛ ଓ ପରିମଳ ବ୍ୟବସ୍ଥା ଏବଂ ପାରଳାଖେମୁଣ୍ଡି ସହରର ଟ୍ରାଫିକ ବ୍ୟବସ୍ଥାକୁ ସୁଧାରି ଏହାକୁ ଏକ ସୁନ୍ଦର ସହର ରୂପେ ଗଢି ତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ ସହରାବାସୀଙ୍କ ପାଇଁ କରାଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଏବଂ ତାର ସଫଳତା ସମ୍ପର୍କରେ ସେ କହିଥିଲେ। ଆଗକୁ ବିକାଶର ଧାରା ଜାରି ରଖି ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯିବ। ରାଜ୍ୟ ସରକାରଙ୍କ ସୀମା ପୁନଃ ନିର୍ଦ୍ଧାରଣ ନିଷ୍ପତ୍ତି ଅନୁସାରେ ପାରଳାଖେମୁଣ୍ଡି ସହରାଞ୍ଚଳକୁ ଲାଗି ଅନେକ ସାହି, ବସ୍ତି ଯେଉଁ ସବୁ ପଞ୍ଚାୟତ ଅଧୀନରେ ରହିଥିଲା ସେହି ଅଞ୍ଚଳଗୁଡ଼ିକ ପୌର ପରିଷଦରେ ସାମିଲ ହେବା ସହ ନୂତନ ୱାର୍ଡ ଗଠନ କରାଯିବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଏହି ଅବସରରେ ଅଧ୍ୟକ୍ଷା ପ୍ରଶଂସା କରିଥିଲେ। ସ୍ୱାୟତ ଶାସନ ଦିବସ ଅବସରରେ ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରଳା ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ, ଜିଲା ପରିଷଦ ଅଧକ୍ଷ ଜି. ତିରୁପତି ରାଓ, ପୌର ଅଧକ୍ଷା ନିର୍ମଳା ସେଠୀ , ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡା, ଉପଜଲାପାଳ ଅନୁପ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ , କାଶୀନଗର ଓ ଗୋସାଣି ବ୍ଲକ ଅଧକ୍ଷ ଏବଂ ପୌର ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ନୂତନ ହିତାଧିକାରୀଙ୍କୁ ଆବାସ ଯୋଜନା ପଟ୍ଟା, ରାଶନ କାର୍ଡ ବଣ୍ଟନ କରଯାଇଥିଲା। ବିଭିନ୍ନ ପ୍ରତିଯୋତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସହରର ବିକାଶ ପାଇଁ ସଭିଏଁ ଏକାଠି ହେବା: ମନ୍ତ୍ରୀ



ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସରେ ମଞ୍ଚାସୀନ ଅତିଥି ।

ବ୍ରହ୍ମପୁର,୩୧।୮(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମର (ବିଇଏମ୍ସି) ପକ୍ଷରୁ ରବିବାର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏଥିରେ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଗଞ୍ଜାମ ମାଟିର ବରପୁତ୍ର ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଶଶୀ ଭୂଷଣ ରଥଙ୍କ ସ୍ମୃତି ଚାରଣ କରିଥିଲେ। ସହରରେ ସ୍ଥାନର ଅଭାବ ରହିଛି, ଯଦ୍ୱାରା ସରକାରଙ୍କ ପକ୍ଷରୁ ଆସିବାକୁ ଥିବା ଉନ୍ନୟନ ପ୍ରକଳ୍ପ ନିର୍ମାଣରେ ବାଧା ସୃଷ୍ଟି ହେବ। ସହରକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରରେ ବିକାଶ ପାଇଁ ସଭିଏଁ ଏକାଠି ହୋଇ କାମ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ବ୍ରହ୍ମପୁର, ଛତ୍ରପୁର ଓ ଗୋପାଳପୁରକୁ ନେଇ ରିଙ୍ଗ ରୋଡ଼ ନିର୍ମାଣ ପାଇଁ ଯୋଜନା ରହିଛି ବୋଲି ମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥି ରୂପେ ଦକ୍ଷିଣାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର ଓ ଉପଜିଲାପାଳ ଅବିନାଶ କୁମାର ଯୋଗ ଦେଇଥିଲେ। ଗଞ୍ଜାମ ସବଳ ହେଲେ ଓଡ଼ିଶାବାସୀଙ୍କ ବଳ ବୋଲି ଆର୍ଡିସି କହିଥିଲେ। ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଆବଶ୍ୟକ ବୋଲି କହିଥିଲେ। ବିଇଏମ୍ସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସହରକୁ ମଡର୍ଣ୍ଣ ସହର, ଆଧୁନିକ ନାଗରିକ ସୁବିଧା ପାଇଁ ଲକ୍ଷ୍ୟ ରଖାଯାଇଛି ଓ ସହରରେ ୧୮ ପଞ୍ଚାୟତ ମିଶ୍ରଣ ପାଇଁ ସୁପାରିଶ ପାରିତ ହୋଇଛି ବୋଲି ସୂଚନା ଦେଇଥିଲେ। ଏହାଦ୍ୱାରା ବୃହତର ବ୍ରହ୍ମପୁର ଗଠନ ହେବ ବୋଲି ସେ କହିଥିଲେ। ଏହି ଅବସରରେ ସହରର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିମଧ୍ୟରେ ପ୍ରଫେସର ବିଷ୍ଣୁ ଚରଣ ଚୋଧୁରୀ, ଡ ମନ୍ମଥ ପାଢ଼ୀ, ଡା. ନିହାର ରଞ୍ଜନ ସାହୁ, ଡ. ସୁଚନା ପାଢ଼ୀ, ସ୍ୱସ୍ତି ସୁନ୍ଦର ସିୟ, ବିଦ୍ୟୁତ ପ୍ରଭା ରଥ, ଶରତ ଚନ୍ଦ୍ର ସ୍ୱାଇଁ, ସତ୍ୟ ନାରାୟଣ ପାତ୍ର, ସୁକାନ୍ତି ପାତ୍ର ଓ ଚିତ୍ରସେନ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଇଏମସି ମେୟର ସଂଘମିତ୍ରା ଦଳେଇ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଇଂ. ବିବେକ ରେଡ୍ଡୀ, ଅର୍ବାନ ବ୍ୟାଙ୍କ ସଭାପତି ଆର୍ ମୁରଲୀ ମୋହନ ଉପସ୍ଥିତ ଥିଲେ। କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା, ଧୀରେଶ ସାବତ, ନୀଳକଣ୍ଠ ସାହୁ, ଟି କିଶୋର ପାତ୍ରଙ୍କ ସମେତ ଅନ୍ୟ ସମସ୍ତ କର୍ପୋରେଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ୪ କୋଟି ଟଙ୍କାର ଉନ୍ନୟନ ପ୍ରକଳ୍ପ ଉଦଘାଟନ ଓ ୧୦ କୋଟି ଟଙ୍କା ବ୍ୟୟରେ ୧୧ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ଏଥିସହ ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଜି.ଉଦୟଗିରି,୩୧।୮(ଚିନ୍ମୟ କୁମାର ସେଠୀ)

କେରଳରେ ଦାଦନ ଖଟିବାକୁ ଯାଇ କନ୍ଧମାଳ ଜିଲାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କଟିଙ୍ଗିଆ ଗ୍ରାମର ଶିବାନନ୍ଦ ପ୍ରଧାନ(୩୫)। ଶିବାନନ୍ଦ କେରଳର ଏର୍ନାକୁଲମ ଜିଲା ପେଜାକାପାଲି, ପାଇପାରା ଠାରେ ଦୀର୍ଘ ବର୍ଷ ଧରି ଦାଦନ ଶ୍ରମିକ ଭାବେ ଏକ କାରଖାନାରେ କାମ କରୁଥିଲେ। ୨୫ ତାରିଖରେ କାମ ସାରି ଫେରୁଥିବା ବେଳେ ରାତି ୯ଟାରେ ଏକ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିଲେ। ରବିବାର ସକାଳେ ଶିବାନନ୍ଦଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ଭାଇ କମ୍ପାନୀ ମାଲିକଙ୍କ ସହ କଥାବାର୍ତ୍ତା କରି ମୃତଦେହକୁ ଗାଁକୁ ଆଣିବା ପାଇଁ ବ୍ୟବସ୍ଥା କରୁଛନ୍ତି।

## ମାନସିକ ଅନଗ୍ରସର ପିଲାଙ୍କ ସେତୁ ସାଜିବ ବହୁବିଧ ଶିଶୁ ଚିକିତ୍ସା କେନ୍ଦ୍ର

ବ୍ରହ୍ମପୁର,୩୧।୮(ସୁବାସ ଚନ୍ଦ୍ର ପାଢ଼ୀ)


କାର୍ଯକ୍ରମରେ ଉପସ୍ଥିତ ଅତିଥି।

ଗାନ୍ଧୀନଗରର ପ୍ରଥମ ଲେନରେ ରବିବାର ବହୁବିଧ ଶିଶୁ ଚିକିତ୍ସା କେନ୍ଦ୍ର ଉଦଘାଟିତ ହୋଇଛି। ଏହି କେନ୍ଦ୍ର ଡ.ପ୍ରୀତିସ୍ନିଗ୍ଧା ସେନାପତି ଓ ଡ.ପ୍ରବୀର କୁମାର ସେନାପତିଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଛି।ଏହି କେନ୍ଦ୍ରରେ ସେନ୍ସରୀ ଇଣ୍ଟିଗ୍ରେସନ, ଆଚରଣ ଚିକିତ୍ସା, ସ୍ପିଚ୍ ଥେରାପି, ସ୍ୱତନ୍ତ୍ରଶିକ୍ଷା ତାଲିମ ସେବା ପ୍ରଦାନକରାଯିବ। ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର ଏହି କେନ୍ଦ୍ରକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନନୀୟ ଅତିଥିଭାବେ ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସନ ତାଲିମ ଏବଂ ଗବେଷଣାପ୍ରତିଷ୍ଠାନର ମୁଖ୍ୟା ଡା.ଅନୁରୂପା ସେନାପତି, ପ୍ରଫେସର ଡା. ରବି ଶତପଥୀ, ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ତଥା ରୋଲାଣ୍ଡ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ୍ସର ଅଧକ୍ଷା ଜାମ୍ବୁଲା ଜୟଲକ୍ଷ୍ମୀ ଏବଂ ନିର୍ଦ୍ଦେଶିକା ଡା.ଶ୍ରୁତିଜାମ୍ବୁଲା ଏବଂ ବ୍ରହ୍ମପୁର ସ୍ୱାସ୍ଥ୍ୟସଦନରଏଣ୍ଡୋକ୍ରାଇନୋଲୋଜିଷ୍ଟ ଡା.ସୁନୀଲ କୁମାର କୋଟା ଯୋଗଦେଇ ଏହି କେନ୍ଦ୍ର ମାନସିକ ଅନଗ୍ରସର ପିଲାଙ୍କ ପାଇଁ ସେତୁ ସାଜିବ ବୋଲି କହିଥିଲେ। ବିଧାୟକ କହିଥିଲେ ଯେ, ଏହି ବ୍ୟାଧିଗୁଡିକ ଯୋଗୁ ସମସ୍ୟା ଉପୁଜିବ। ତେଣୁ ଏହାକୁ ଯତ୍ନର ସହିତ ସମାଧାନ କରିବାକୁ ଆହ୍ୱାନ ଦେଇଥିଲେ। ଡା. ଶତପଥି କହିଥିଲେ ଯେ, ଏହି କେନ୍ଦ୍ରର ଜିଲାରେ ଅଭାବ ଥିଲା। ନିଶ୍ଚିତ ପକ୍ଷେ ଏହା ସମସ୍ତଙ୍କ ପାଇଁ ଆଶାର ସେତୁ ପାଲଟିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଡା.କୋଟା କହିଥିଲେ ଯେ, ସମୟୋଚିତ ଏବଂ ବହୁମୁଖୀ ହସ୍ତକ୍ଷେପ ଦ୍ୱାରା ବିଶେଷ ଆବଶ୍ୟକତା ଥିବା ପିଲାମାନଙ୍କୁ ଧୀରେଧୀରେ ସାମାଜିକ ମୁଖ୍ୟଧାରାରେ ସାମିଲ କରାଯିବ। ପରେ ଡା. ଜୟଲକ୍ଷ୍ମୀ ଓ ଡା.ଶ୍ରୁତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏମକେସିଜି ମେଡିକାଲ କଲେଜର ଛାତି ବିଭାଗ ମୁଖ୍ୟା ଡା.ପ୍ରିୟଙ୍କା ଦାସ, ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା.ଶ୍ରୀଧରମୂର୍ତ୍ତି, ବ୍ରହ୍ମପୁର ସିଟି ହସ୍ପିଟାଲର ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା.ଅଲେଖପ୍ରଧାନ, ଡିପିଏସ ସ୍କୁଲ ଅଧକ୍ଷ ବୈକୁଣ୍ଠ ନାଥ ପଟନାୟକ ପ୍ରମୁଖଯୋଗଦେଇଥିଲେ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କୁ ଉପଯୁକ୍ତ ସମ୍ମାନ ମିଳିନି



କାର୍ଯ୍ୟକ୍ରମରେ ସଂସ୍କାରବାଦୀ ସଂଘର ସଦସ୍ୟମାନେ।

ବ୍ରହ୍ମପୁର,୩୧।୮(ସୁବାସ ଚନ୍ଦ୍ର ପାଢ଼ୀ)

ଭୁବନେଶ୍ୱରଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀମାନଙ୍କ ସମେତ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହିତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସେମାନଙ୍କ ଜୟନ୍ତୀ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଗଞ୍ଜାମ ଜିଲାରେ ଜନ୍ମ ଗ୍ରହଣ କରିଥିବା ୨ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସ ଓ ବିନାୟକ ଆଚାର୍ଯ୍ୟଙ୍କ ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯାଉନାହିଁ । ରାଜଧାନୀରେ ଉଭୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇନଥିବା ଏବଂ ସେମାନଙ୍କ ଜୟନ୍ତୀ ପାଳନ କରା ନ ଯିବା ଘଟଣା ଅତ୍ୟନ୍ତ ଉଦବେଗଜନକ ବୋଲି ବିନାୟକ ଆଚାର୍ଯ୍ୟଙ୍କ ୧୦୮ତମ ଜୟନ୍ତୀ ଅବସରରେ ଗଞ୍ଜାମ ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ସଭାରେ ବକ୍ତାମାନେ ପ୍ରକାଶ କରିଛନ୍ତି । ଗଜପତି ନଗର ୫ମ ଗଳି ସ୍ଥିତ ମହାନଗର ନିଗମ ପାଠାଗାରରେ ଗଞ୍ଜାମ ଜିଲା ବିକାଶ ମଞ୍ଚ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କ ୧୦୮ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ମଞ୍ଚ ସଭାପତି ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା, ମୁଖ୍ୟ ବକ୍ତା ରାଜନୀତି ବିଭାଗ ପ୍ରଫେସର ଡ. ବିଷ୍ଣୁ ଚରଣ ଚୌଧୁରୀ, ସମ୍ମାନିତ ଅତିଥ ଭାବେ ନବୀନ ସମ୍ପାଦକ ରବି ରଥ ଓ ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ର ଯୋଗ ଦେଉଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ସଂସ୍କାରିତ ନୀତି, ନୈତିକତାପୂର୍ଣ୍ଣ ବିଦ୍ୟାର୍ଥୀ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ଓ ସଂସ୍କାରବାଦୀ ସଂଗଠନ ମିଳିତ ଆନୁକୂଲ୍ୟରେ ଶନିବାର ସକାଳ ସମୟରେ ଆସ୍କାରୋଡ ସ୍ଥିତ ବିନାୟକ ଆଚାର୍ଯ୍ୟ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରହିଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂସ୍କାରବାଦୀ ସଂଗଠନ ସଭାପତି ତ୍ରିନାଥ ମହାରଣା, ବିନାୟକ ଆଚାର୍ଯ୍ୟ ମେମୋରିଆଲ ଟ୍ରଷ୍ଟ ସମ୍ପାଦକ ଡ. ଶିବପ୍ରସାଦ ମିଶ୍ର, ଶିକ୍ଷାବିତ ଶ୍ୟାମସୁନ୍ଦର ଖାଡଙ୍ଗା, ଅଶୋକ ଦଳାଇ, ସାହିତ୍ୟିକ ହାଡିବନ୍ଧୁ ମାଳି, ସୁବାଷ ଚନ୍ଦ୍ର ମିଶ୍ର, ସୀମାଞ୍ଚଳ ସାହୁ, କବିରାଜ ସ୍ୱାଇଁ, ଅଶୋକ ଦଳାଇ, ସଞ୍ଜୟ କୁମାର ତ୍ରିପାଠୀ, ଶିବ ପ୍ରସାଦ ମିଶ୍ର ଓ ଦିଲ୍ଲିପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପାଣି ପାଇଁ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

ପୋଲସରା, ୩୧।୮ (ସୁବ୍ରତ ବେହେରା)

ପାନୀୟ ଜଳ ନ ମିଳିବା ପ୍ରତିବାଦରେ ରବିବାର ପୋଲସରା ବ୍ଲକ ତୁଙ୍ଗାପଡା ଗ୍ରାମର ନୂଆଁସାହି ଛକରେ ମହିଳା ପୁରୁଷମାନେ ହାଣ୍ଡିମାଠିଆ ରଖି ଟାୟାର ଜାଳି ପ୍ରତିବାଦ କରିଛନ୍ତି। ଫଳରେ ବୁଗୁଡ଼ା ହାତିଓଟ ରାଜ୍ୟ ରାଜପଥରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପାନୀୟ ଜଳ ସମସ୍ୟା ସମାଧାନ ନେଇ ଗ୍ରାମବାସୀ ଅନେକ ଥର ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ତେଣୁ ରାସ୍ତାକୁ ଓହ୍ଲାଇବାକୁ ବାଧ ହେଲୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଖବରପାଇ ଆରଡବ୍ଲୁଏସ୍ଏସ୍ କନିଷ୍ଠଯନ୍ତ୍ରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ୪ ଦିନ ମଧ୍ୟରେ ସମସ୍ୟାର ସମାଧାନ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

**ଦକ୍ଷିଣ ପୂର୍ବ ମଧ ରେଳପଥ**

**ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

**ଟେଣ୍ଡର ବିଜ୍ଞପ୍ତି ନଂ.: ସିଏଓ/ସି/ ବିଏସ୍ପି/୨୫-୨୬/୧, ତାରିଖ: ୧୯.୦୮.୨୦୨୫ (ଖୋଲା ଟେଣ୍ଡର) (ଦୁଇ ପ୍ୟାକେଟ୍ ପ୍ରଣାଳୀ) ।**
**କାର୍ଯ୍ୟର ନାମ:** ଛତିଶଗଡ଼ ରାଜ୍ୟରେ ଇପିସି ପଦ୍ଧତିରେ ''ଦୁର୍ଗ-ରାଜନନ୍ଦଗାଓଁ (୩୧.୦ କିମି) ଓ ସରୋନା-ଭିଲାଇ (୧୭.୩୦ କିମି) ସେକ୍ସନ ମଧ୍ୟରେ ୪ର୍ଥ ଲାଇନ୍ ନିର୍ମାଣ'' ସଂକ୍ରାନ୍ତରେ ପ୍ରତ୍ୟେକ ଆପ୍ରୋଚ୍‌ରେ ୩୦୦ ମିଟର ପର୍ଯ୍ୟନ୍ତ ଫର୍ମେଶନ୍ ସମେତ ୦୧ ଗୋଟି ଗୁରୁତ୍ୱପୂର୍ଣ୍ଣ ସେତୁ ଏବଂ ୦୪ ଗୋଟି ବଡ଼ ସେତୁର ନିର୍ମାଣ ।
**ଟେଣ୍ଡର ମୂଲ୍ୟ:** ₹୧,୨୬,୬୪,୮୨,୭୮୨.୯୪/- **ଇଏମ୍‌ଡି:** ₹୬୩,୩୨,୪୦୦.୦୦/-, **କାର୍ଯ୍ୟର ସମାପ୍ତି ଅବଧି:** ସ୍ୱୀକୃତି ପତ୍ର ତାରିଖରୁ ୭୨୦ (ସାତଶହ କୋଡ଼ିଏ) ଦିନ ।
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୭.୧୨.୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ।
**ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୭.୧୨.୨୦୨୫ରିଖ ୧୫.୩୦ ଘଟିକାରେ ।
ଟେଣ୍ଡର ଦସ୍ତାବିଜ, ଯୋଗ୍ୟତା ମାନଦଣ୍ଡ ସମ୍ବନ୍ଧୀୟ ବିବରଣୀ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ମୁଖ୍ୟ ପ୍ରଶାସନିକ ଅଧିକାରୀ, ସିଓଏନ୍/ଦ.ପୂ.ମ. ରେଳପଥ, ବିଳାସପୁର- ପିନ୍: ୪୯୫୦୦୪ କିମ୍ବା ଉପ ମୁଖ୍ୟ ଯନ୍ତ୍ରୀ (ସିଓଏନ୍), ଦ.ପୂ.ମ. ରେଳପଥ, ବିଳାସପୁର- ପିନ୍: ୪୯୫୦୦୪ କିମ୍ବା ଉପ ମୁଖ୍ୟ ଯନ୍ତ୍ରୀ (ସିଓଏନ୍), ଦ.ପୂ.ମ. ରେଳପଥ, ରାୟପୁର- ପିନ୍: ୪୯୨୦୦୯, ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ପଶ୍ଚିମ/ନିର୍ମାଣ/ଦ.ପୂ.ମ. ରେଳପଥ, ନାଗପୁର- ପିନ୍: ୪୪୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ଅଥବା ଆମର ୱେବ୍‌ସାଇଟ୍ **www.ireps.gov.in** ଦେଖନ୍ତୁ ।

ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ
CPR/10/FL/276 ଦ.ପୂ.ମ. ରେଳପଥ, ବିଳାସପୁର
South East Central Railway @secrail

# ମୁଣ୍ଡ ପାଇଁ ଗଡିଥିଲା ମୁଣ୍ଡ, ୨ ଗିରଫ

**ପଶ୍ଚିମବଙ୍ଗ ଶ୍ରମିକଙ୍କୁ ହତ୍ୟା ଘଟଣା**

ପୁରୁଷୋତ୍ତମପୁର,୩୧।୮(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସହର ଉପକଣ୍ଠ ପାଣ୍ଡିଆ ଛକ ନିକଟସ୍ଥ ରୁଷିକୁଲ୍ୟା ନଦୀ ବ୍ରିଜ କାର୍ଯ୍ୟରେ ନିୟୋଜିତ ଶ୍ରମିକ (ରେଷୋଆ) ଲୋକମାନ ସେଖଙ୍କୁ ହତ୍ୟା ଘଟଣାରେ ୨ଜଣ ଗିରଫ ହୋଇଛନ୍ତି। ଦୁଇ ସହଯୋଗୀ ଶ୍ରମିକଙ୍କୁ ପଶ୍ଚିମବଙ୍ଗରୁ ପୁରୁଷୋତ୍ତମପୁର ପୋଲିସ ଗିରଫ କରିଛି। ନଂ. ୬୭୫/୨୫ରେ ଏକ ମାମଲା ରୁଜୁ ହୋଇ ଉଭୟଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଗିରଫ ୨ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲା ସମସରଗଞ୍ଜ ଥାନା ଅନ୍ତର୍ଗତ ଘନଶ୍ୟାମପୁର ଗ୍ରାମର ସୁନ୍ଦର ସେଖ (୨୮) ଓ କରିମ ସେଖ୍ (୧୯)। ମାଛ ମୁଣ୍ଡ ପାଇଁ ମୁଣ୍ଡ ଗଡିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏମାନଙ୍କୁ ଧରିବା ପାଇଁ ପୁରୁଷୋତ୍ତମପୁର ଆଇଆଇସି ରାଜେଶ ନାୟକଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ଶୁଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ପଶ୍ଚିମବଙ୍ଗ ଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରି ସେଠାକାର ଜାଙ୍ଗିପୁର ଆସିଷ୍ଟାଣ୍ଟ ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରି ତିନିଦିନିଆ ରିମାଣ୍ଡରେ ପୁରୁଷୋତ୍ତମପୁର ଆଣିଥିଲା। ଉଭୟଙ୍କୁ ଜେରାବେଳେ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି।

ଶ୍ରମିକମାନେ କାର୍ଯ୍ୟ କରୁଥିବା ସ୍ଥଳରେ ଗତ ୨୪ ତାରିଖରେ ଖାଇବା ଲାଗି ମାଛ ତରକାରି ହୋଇଥିଲା। ରୋଷେଆ ଶ୍ରମିକ ଲୋକମାନ ସେଖଙ୍କୁ ଅଭିଯୁକ୍ତମାନେ ମାଛର ମୁଣ୍ଡ ଖାଇବାକୁ ମାଗିଥିଲେ। ସେ ମନା କରିବାରୁ ତାଙ୍କୁ ଗୋଡାଇ ଗୋଡାଇ ଟାଙ୍ଗିଆରେ ହାଣି ହତ୍ୟାକରି ଫୋପାଡି ଦେଇଥିବା ୨ ଅଭିଯୁକ୍ତ ପୋଲିସ ସ୍ୱୀକାର କରିଥିବା ଆଇଆଇସି ନାୟକ କହିଛନ୍ତି। ସୂନାଯୋଗ୍ୟ, ପାଣ୍ଡିଆ ଛକ ନିକଟସ୍ଥ ଏକ ଲଟାବୁଦା ମଧ୍ୟରୁ ଜଣେ ଯୁବକଙ୍କ ଏକ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ଏହାକୁ ନେଇ ପୁରୁଷୋତ୍ତମପୁର ଏସ୍ଡିପିଓ ସୁଜିତ ନାୟକ ଓ ଆଇଆଇସି ନାୟକ ଘଟଣାସ୍ଥଳକୁ ଯାଇ ଏହାର ପାରିପାର୍ଶ୍ୱିକ ସ୍ଥିତି ଦେଖି ଏହା ଏକ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇଥିଲେ। ହତ୍ୟାର ଶିକାର ହୋଇଥିବା ଶ୍ରମିକ ଜଣକ ପଶ୍ଚିମବଙ୍ଗ ମୁରଦାବାସ ଜିଲା ସମରଗଞ୍ଜ ଥାନା ଅନ୍ତର୍ଗତ ଦେବଦାଶପୁର ଗ୍ରାମର ଲୋକମାନସେକ୍ (୪୫) ବୋଲି ପୋଲିସକୁ ସୁରାକ ମିଳିଥିଲା। ପୋଲିସ ମୃତଦେହ ବ୍ରହ୍ମପୁର ବଡମେଡିକାଲରେ ବ୍ୟବଚ୍ଛେଦ କରାଇ ପଶ୍ଚିମବଙ୍ଗ ନେଇ ତାଙ୍କ ପରିବାରକୁ ହସ୍ତାନ୍ତର କରି ତଦନ୍ତ ଚଳାଇଥିଲା।

**TPCODL**
**TP CENTRAL ODISHA** DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/06**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | **Corrigendum to Tender Enquiry No. TPCODL/ P&S/ FY 25-26/1000004392 & TPCODL/ P&S/ FY 25-26/ 1000004394 published on Newspaper** (Pratidin, Dharitri & Statesman) **Dt.10.07.2025** "Tender document against above tender enquiry will be available on TPCODL website from **Dt.02.09.2025**" | (I) Open Tender for 02 Years Rate Contract for supply of 630 Amp, Feeder Pillar box. (TPCODL/ P&S/ FY 25-26/ 1000004392)<br>(II) Open Tender for 02 Years Rate Contract for supply of 630 KVA, 11/0.4 KV Compact Substation. (TPCODL/ P&S/ FY 25-26/1000004394) |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details

**ଚିକିଟି ଏନ୍‌ଏସି ପୁରସ୍କୃତ**

ଚିକିଟି,(ପ୍ରକାଶ ଚନ୍ଦ୍ର ସାହୁ)ଓଡିଶା ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଏକ ନମ୍ବର ସ୍ୱଚ୍ଛ ସହର ଭାବେ ପରିଗଣିତ କରି ୨ କୋଟି ଟଙ୍କା ଅନୁଦାନ ପ୍ରଦାନ କରି ପୁରସ୍କୃତ କରିଛନ୍ତି। ଏନ୍‌ଏସି ଅଧକ୍ଷା ଦୀପା କୁମାରୀ ସାହୁଙ୍କୁ ଭୁବନେଶ୍ୱରଠାରେ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

# ଉନ୍ନୟନ କାର୍ଯ୍ୟର ସ୍ୱଚ୍ଛତା ରହିବା ଦରକାର: ମନ୍ତ୍ରୀ ବିଭୂତି

ଗୋପାଳପୁର,୩୧।୮ (ନବୀନ ରାଜ ଆଚାରୀ)

ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ରବିବାର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସକାଳେ କାର୍ଯ୍ୟାଳୟରେ ପରିଷଦ ଅଧ୍ୟକ୍ଷ ଏ.ଜାନକୀ ରାମ ପତାକା ଉତ୍ତୋଳନ କରିଥିଲେ। ପରେ ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ଜେନା, ଅନ୍ୟତମ ଅତିଥି ରୂପେ ପରିଷଦ ଅଧ୍ୟକ୍ଷ ଏ.ଜାନକୀ ରାମ, ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେଣିଆ, ବ୍ରହ୍ମପୁର ଏମ୍‌ପିଙ୍କ ପ୍ରତିନିଧି ଇ.ଲୋକନାଥ, ମନ୍ତ୍ରୀଙ୍କ ପ୍ରତିନିଧି ପଞ୍ଚୁ ବେହେରା ଓ ୱାର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ। ୧୯୬୧ରେ ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ହୋଇଥିଲା। ଆଗାମୀ ଦିନରେ ସମୁଦ୍ର ବେଳାଭୂମିକୁ ଅଧିକ ଆକର୍ଷଣ କରାଯିବ। ସ୍ୱାୟତ୍ତ ଶାସନ ଦିବସ ଅବସରରେ ସମସ୍ତେ ସଂକଳ୍ପ ନେଇ ପ୍ରତ୍ୟେକ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରି ସରକାରଙ୍କ ସବୁ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମନ୍ତ୍ରୀ ଜେନା ଆହ୍ୱାନ ଦେଇଥିଲେ। ଏହି ଅବସରରେ ସଫେଇ କର୍ମଚାରୀମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ଅତିଥି ଓ ପୁରସ୍କୃତ ଛାତ୍ରୀଛାତ୍ର।

ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବରିଷ୍ଠ ନାଗରିକ ଓ ଖବରଦାତାମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କନିଷ୍ଠ ଯନ୍ତ୍ରୀ ମନଜିତା ରଥ, ସାଗରିକା ବିଷୋୟୀ, ପ୍ରଭାତ ରଞ୍ଜନ ବାରିକ, ପୂର୍ବତନ ଉପାଧ୍ୟକ୍ଷ ୱାଇ. ନାଗରତ୍ନମ, ୱାର୍ଡସଭ୍ୟ ଏସ.ବୀରେନ କୁମାର, କଳ୍ପନା ବେହେରା, ରତନୀ କୁମାରୀ ନାୟକ, ନିର୍ମଳା କୁଜୁର, ସୁନୀତା ସାହୁ, କେ. କାଳେସୁ, ଏମ, କାମେଶ୍ୱରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିକଶିତ ସହର ପାଇଁ ସହଯୋଗ ଲୋଡ଼ିଲେ ଅଧ୍ୟକ୍ଷ


କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପିଙ୍କ ସମେତ ଅତିଥି।

ପୁରୁଷୋତ୍ତମପୁର,୩୧।୮ (ସୀମାଞ୍ଚଳ ମିଶ୍ର)

**ପୁରୁଷୋତ୍ତମପୁର ଏନ୍‌ଏସି**

ପୁରୁଷୋତ୍ତମପୁର ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ନିର୍ବାହୀ ଅଧିକାରୀ ଗୋବିନ୍ଦ ଡନସେନାଙ୍କ ସଂଯୋଜନାରେ ଓ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ରବିବାର ଇନଡୋର ଷ୍ଟାଡିୟମ ପରିସରରେ ପାଳିତ ହୋଇଯାଇଛି। ୧୯୭୩ରେ ଏହି ଏନଏସି ପ୍ରତିଷ୍ଠା ହୋଇଥିଲା। ପୂର୍ବରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ହେଉଥିଲେ ମଧ୍ୟ ଚଳିତବର୍ଷ ଭାଜପା ନେତୃତ୍ୱରେ ପ୍ରଥମଥର ଏହି ଦିବସ ପାଳନ ହୋଇଛି। ଏହି ଅବସରରେ ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ଠିକ ଭାବରେ ତ୍ୱରାନ୍ୱିତ କରି ପୁରୁଷୋତ୍ତମପୁରକୁ ଆଗେଇ ନେବାଲାଗି ଅଧ୍ୟକ୍ଷ ପଣ୍ଡା ସହରବାସୀଙ୍କ ସହଯୋଗ ଲୋଡିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ଏମ୍‌ପି ଅନିତା ଶୁଭଦର୍ଶନୀ ପୁରୁଷୋତ୍ତମପୁର ବାସୀଙ୍କୁ ବିକାଶର ବାର୍ତ୍ତାଦେଇ ସହରକୁ ବିକଶିତ କରିବାରେ ପଦକ୍ଷେପ ନେବା କହି ଭାଇଚାରାରେ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ବିନୋଦ କୁମାର ବେହେରା ଯୋଗଦେଇଥିବା ବେଳେ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧି ଓ ବରିଷ୍ଠ ନାଗରିକମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କୁନି ପିଲାମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହାକୁ ଏନଏସିର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ଛତ୍ରପୁରଠାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଛତ୍ରପୁର,୩୧।୮
(ଦିଲୀପ ସାମଲ /ସନ୍ତୋଷ ପାଢ଼ୀ)

ଛତ୍ରପୁର ଏନଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଛତ୍ରପୁର ଉପଜିଲାପାଳ ସୁବାଶିଷ ବରାଳ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ସଭାପତିତ୍ୱ କରିଥିଲେ। ଉପାଧ୍ୟକ୍ଷ ଜି. ପାପାରାଓ ଧନ୍ୟବାଦ ଦେଇଥିଲେ। ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ ଦାଶ ବିବରଣୀ ପାଠ କରିଥିଲେ। ସମସ୍ତ କାଉନସିଲର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ବର୍ଗର ସମାଜସେବା କାର୍ଯ୍ୟରେ ନିୟୋଜିତ ଥିବା ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଜିଲ୍ଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଉଦ୍ୟାନ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଓ ସହରର ବିଭିନ୍ନ ସ୍ଥାନରେ ହୋଇଥିବା ପ୍ରକଳ୍ପ ଗୁଡିକର ଉଦଘାଟନ ଓ ଶିଳାନ୍ୟାସ କରାଯାଇଥିଲା। ଏନଏସି କାର୍ଯ୍ୟାଳୟ ପରିସରରେ ବିଧାୟକ ନାୟକ ପତାକା ଉତ୍ତୋଳନ କରିଥିଲେ।

## ସ୍ୱାୟତ୍ତ ଶାସନ ଦିବସ ପାଳିତ



କବିସୂର୍ଯ୍ୟନଗର,୩୧।୮ (ବିଷ୍ଣୁକେଶରୀ ଆଚାର୍ଯ୍ୟ)

କବିସୂର୍ଯ୍ୟନଗରଠାରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, କାଉନସିଲର ମନୋରଞ୍ଜନ ମହାପାତ୍ର, ପ୍ରିୟଙ୍କା ସୁବୁଦ୍ଧି, ମନମୋହନ ଜେନା, ସଂଯୁକ୍ତା ପ୍ରଧାନ, ଲକ୍ଷ୍ମୀପ୍ରିୟା ସାହୁ, ଦେବୀପ୍ରସାଦ ସ୍ୱାଇଁ, ମଙ୍ଗୁଲୁ ଦାସ, ପଲ୍ଲବୀ ସାହୁ, ସି. ଏଚ କମଳା, ସୁଦେଷ୍ଣା ପ୍ରଧାନ, ଆଶା ବିବି, ଦୀପ୍ତି କୁମାରୀ ମହାପାତ୍ର, ସ୍ୱପ୍ନାରାଣୀ ପାଳ, ନିବେଦିତା ବେହେରା, ଜଗଦିଶ ପ୍ରଧାନ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ମନ୍ମଥ ପରିଡା, ସୁରଜ କୁମାର ରେଡି, ସିଲୁ ପାଣିଗ୍ରାହୀ, ମାହେଶ୍ୱରୀ ଦୋରା, ସୂର୍ଯ୍ୟନାରାୟଣ ନାୟକ, ସୁଦର୍ଶନ ପ୍ରଧାନ ଏବଂ ରାକେଶ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଜନସାଧାରଣ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀଙ୍କ ଭାଷଣ ଭାଷଣ ଶୁଣିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପରିମଳ କର୍ମଚାରୀଙ୍କୁ କାଉନସିଲର ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ପୀତବାସ ଦାସ, କୃଷ୍ଣଚନ୍ଦ୍ର ନାହାକ, ବାଳକୃଷ୍ଣ ପଟ୍ଟନାୟକ ଓ ଲାୟନ୍ସ କ୍ଲବ ସଭାପତି କୃପାସିନ୍ଧୁ ସ୍ୱାଇଁଙ୍କୁ ସମ୍ମାନିତ କରିଥିଲେ। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କବିସୂର୍ଯ୍ୟନଗରକୁ ମ୍ୟୁନିସିପାଲିଟି ଘୋଷଣା କରିଥିଲେ। ଏନଏସି ଗଠନର ୬୫ ବର୍ଷ ପରେ ଏହା ମ୍ୟୁନିସିପାଲିଟି ହୋଇଥିବାରୁ ନଗରବାସୀ ବିଧାୟକଙ୍କୁ ପ୍ରଶଂସା କରିବା ସହ ବାଣ ଫୁଟାଇ ମିଠା ବଣ୍ଟନ କରିଥିଲେ।

## କାଶୀନଗର ଏନଏସିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ପାରଳାଖେମୁଣ୍ଡି,୩୧।୮ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)ରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଏହି ଏନଏସି ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୁପେଶ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଅନୁପ ପଣ୍ଡା, ବ୍ଲକ ଅଧ୍ୟକ୍ଷା ବାଲା ସାୟମା, ଉପାଧ୍ୟକ୍ଷ ରଘୁରାମ ସାହୁ ଓ ତହସିଲଦାର ସୁଧୀର ନନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଏମ. ସୁଧାରାଣୀ ଅଧ୍ୟକ୍ଷତା କରିଥିଲେ। ନିର୍ବାହୀ ଅଧିକାରୀ ଭାଗବତ ସାହୁ ବିବରଣୀ ପାଠ କରିଥିଲେ। କାଉନସିଲର କାର୍ତ୍ତିକି ରାମରାଓ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କାଉନସିଲର କେ. ଜୀବରତ୍ନମ ଉନ୍ନୟନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଭି.ଚଲପତି ରାଓ ଓ ଅନ୍ୟ କାଉନସିଲରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏନଏସିର ବରିଷ୍ଠ ନାଗରିକ, ପୂର୍ବତନ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ପୂର୍ବତନ କାଉନସିଲର, ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ଓ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ବରିଷ୍ଠ ଖବରଦାତା ହୃଷୀକେଶ ଗୌଡ ଓ ଓଡିଆ ଓ ଇଂରାଜୀ ସାହିତ୍ୟ ପ୍ରତି ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀର ରାଜ୍ୟ ସଭାପତି କବି ପ୍ରଶାନ୍ତ ମିଶ୍ରଙ୍କୁ ବିଶେଷ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

## ଉଦ୍‌ଘାଟନ, ଶିଳାନ୍ୟାସ କଲେ ମନ୍ତ୍ରୀ

### ବୁଗୁଡ଼ା ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି ଓ ଅନ୍ୟ ଅତିଥି।

ବୁଗୁଡ଼ା,୩୧।୮ (କାଳିଚରଣ ଦାଶ)

ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ରବିବାର ୫୩ତମ ଅଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ଏହି ଦିବସର ପ୍ରାତଃକାଳରେ ରାମଧୁନ୍ ପ୍ରଚାର ଏବଂ ସାଢେ ୮ଟାରେ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରି ବୁଗୁଡ଼ା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବାପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହାପରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷା ଗିତାଞ୍ଜଳୀ ପାଢୀ କାଉନସିଲରଙ୍କ ଗହଣରେ ଯାଇ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶକ୍ତିନଗର ଅଙ୍ଗନୱାଡି କେନ୍ଦ୍ରର ଉଦ୍‌ଘାଟନ ଏବଂ ବିରଞ୍ଚି ନାରାୟଣ ମାର୍କେଟ୍ କମ୍ପ୍ଲେକ୍ସ ପ୍ରଥମ ମହଲା ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନର ଫଳକ ଉନ୍ମୋଚନ କରିବା ସହ ୧୦୩ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ ଏବଂ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା ପରିଚାଳନା କରିଥିଲେ। କର୍ମଚାରୀମାନେ ସହଯୋଗ କରିଥିଲେ।

## ଭଞ୍ଜନଗର ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଭଞ୍ଜନଗର,୩୧।୮ (ବାବୁଲା ପ୍ରଧାନ)

ଭଞ୍ଜନଗର ଏନଏସି ପକ୍ଷରୁ ରବିବାର ସ୍ଥାନୀୟ ଟାଉନ ହଲରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏଥିରେ ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ ଅଧ୍ୟକ୍ଷତା କରିଥିଲେ। ନିର୍ବାହୀ ଅଧିକାରୀ ମୁରଲୀ କ୍ରିଷ୍ଣା ପଣ୍ଡା ବାର୍ଷିକ ବିବରଣୀ ପାଠ କରିବା ସହ ସହରର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ଉପଜିଲାପାଳ ଉମା ଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏସଡିପିଓ ଡ଼ ଦୀପକ ମିଶ୍ର, ବିଡ଼ିଓ ଭାରତୀ ଦେବୀ, ଅତିରିକ୍ତ ତହସିଲଦାର ଅବିନାଶ ମହାର, ଡିଏଫଓ ହିମାଂଶୁ ଶେଖର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଅଶୋକ ମହାପାତ୍ର ସଭା ସଂଯୋଜନା କରିଥିଲେ। ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ସ୍ୱାସ୍ଥ୍ୟଗତ କାରଣ ଯୋଗୁ ସଭାରେ ଯୋଗ ଦେଇପାରିନଥିଲେ। ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ଥିବା ଯୋଗୁଁ ସେ ମଧ୍ୟ ସଭାରେ ଯୋଗ ଦେଇ ପାରିନଥିଲେ। ଏହା ପୁର୍ବରୁ ସକାଳେ ଏନଏସି କାର୍ଯ୍ୟାଳୟ ପରିସରରେ ଅତିଥି ମାନଙ୍କ ଦ୍ୱାରା ପତାକା ଉତ୍ତୋଳନ ହୋଇଥିଲା। ପରେ କିଛି ସମାଜସେବାମୂଳକ କାର୍ଯ୍ୟ ହୋଇଥିଲା।

## ସ୍ୱଚ୍ଛତା ପ୍ରତି ସମସ୍ତେ ଯତ୍ନବାନ ହେବା ଦରକାର


ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

ଫୁଲବାଣୀ, ୩୧।୮ (ରାକେଶ କୁମାର ରାଉତ)

**ସ୍ୱାୟତ୍ତ ଶାସନ ଦିବସ ପାଳିତ**

ଫୁଲବାଣୀ ପୌରପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ସକାଳେ ପୌରନିର୍ବାହୀ ଅଧିକାରୀ ସମରେଶ ମହାନ୍ତିଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ କର୍ମକର୍ତ୍ତାମାନେ ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ପୌରାଧ୍ୟକ୍ଷା ପାୟେଲ ବେହେରା ପତାକା ଉତ୍ତୋଳନ କରିଥିଲେ। ପରେ ବି.ଟିମ୍ ପଡ଼ିଆରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଜିଲାପାଳ ବେଦଭୂଷଣ ଯୋଗଦେଇ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦାହରଣ ଦେଇ କହିଲେ ଆମେ ଏଠି ଯେତେଜଣ ଉପସ୍ଥିତ ଅଛେ, ସମସ୍ତଙ୍କୁ ଖାଦ୍ୟ ପ୍ୟାକେଟ, ପାଣି ବୋତଲ ଦିଆଯାଇଛି। କେତେଜଣ ଖାଇ ସାରିବା ପରେ ଡଷ୍ଟ ବିନରେ ପ୍ୟାକେଟ ଏବଂ ବୋତଲ ପକାଇଛେ ପଚାରିଥିଲେ। ଅଳ୍ପ କେତେଜଣଙ୍କୁ ଛାଡିଲେ ଅଧିକାଂଶ ବସିଥିବା ଲୋକେ ପ୍ୟାକେଟ ଚେୟାର ତଳକୁ ପକେଇଥିବା କହିଥିଲେ। ତେଣୁ ସ୍ୱଚ୍ଛତା ପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଦରକାର ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାୟକ, ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶମ୍ଭୁନାଥ ନନ୍ଦି ପ୍ରମୁଖ ଯୋଗଦେଇ ସହରର ବିକାଶ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ କାଉନସିଲରମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସାଂସ୍କୃତିକ ଏବଂ ମେଲୋଡି କାର୍ଯ୍ୟକ୍ରମ ହୋଇଥିଲା।

## ସବୁ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯିବ: ବିଧାୟକ

ବେଲଗୁଣ୍ଠା,୩୧।୮ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ନିଖିଳ ଭାରତ ସ୍ୱାୟତ୍ତଶାସନ ଦିବସ ପାଳନ ଅବସରରେ ବେଲଗୁଣ୍ଠା ଏନ୍‌ଏସି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏନ୍‌ଏସି କାର୍ଯାଳୟ ପ୍ରାଙ୍ଗଣରେ ଜାତୀୟ ପତାକାକୁ ନଗରପାଳ ଫିରୋଜ ସେଠୀ ଉତ୍ତୋଳନ କରିଥିଲେ। ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ ଓ ପରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ବେଲଗୁଣ୍ଠା ଜ୍ଞାନଦେବୀ ଉଦ୍ୟାନ ପରିସରରେ ଏକ ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇ ବେଲଗୁଣ୍ଠା ସହରରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଚେଷ୍ଟା କରିବି ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ରୂପେ ନଗରପାଳ ସେଠୀ, ନିର୍ବାହୀ ଅଧିକାରୀ ବନମାଳୀ ଶତପଥି, ବେଲଗୁଣ୍ଠା ନଗରର ଆସିକା ଏମ୍‌ପି ପ୍ରତିନିଧି ନାରାୟଣ ସାହୁ, ଯୁବ ସଂଗଠକ ଜିତେନ୍ଦ୍ର କୁମାର ନାୟକ, ରଞ୍ଜନ ରାଉତ, ମଙ୍ଗଳପୁର ଗ୍ରାମର ସନ୍ତୋଷ ନାୟକଙ୍କ ସମେତ କାଉନସିଲର୍ ଭାସ୍କର ପାତ୍ର, ଦିବ୍ୟ ରଞ୍ଜନ ଦାସ, ଲୀଜା ବେହେରା, ସୁଜ୍ୟୋତି ସୁବୁଦ୍ଧି, ପ୍ରିୟମ୍ବଦା ସାମଲ, ବିଶ୍ୱନାଥ ଦଳାଇ, ପ୍ରଦୀପ ସେଠୀ, ପ୍ରଗତି ପାତ୍ର, ଦିଲ୍ଲୀପ୍ ଆଚାରୀ, ପ୍ରତିମା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସାରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ବିଧାୟକଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜି.ଉଦୟଗିରି ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଜି.ଉଦୟଗିରି,୩୧।୮
(ଶିଶିର ପଟ୍ଟନାୟକ/ଚିନ୍ମୟ ସେଠୀ)

ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ଏହି ଅବସରରେ ଅଧ୍ୟକ୍ଷା ସୁଶ୍ରୀ ଦେବସ୍ମୀତା ଶତପଥୀ ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ କର୍ମଚାରୀଙ୍କୁ ସମ୍ବୋଧିତ କରିଥିଲେ। ପରିଷଦ ତରଫରୁ ସହରରେ ଥିବା ମହାପୁରୁଷ ଜାତିର ପିତା ମହାତ୍ମା ଗାନ୍ଧୀ, ଚକରା ବିଷୋୟୀ ଓ ସହିଦ ବବ୍ରୁବାହନଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ ପରେ ଉପକାରାଗାରରେ ଥିବା ଅନ୍ତେବାସୀ ଓ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ସାହୁ ପରିଷଦର କାର୍ଯ୍ୟ ଓ ସ୍ୱାୟତ୍ତ ଶାସନ ଦିବସ ପାଳନ ବିଷୟରେ ଅବଗତ କରିବା ସହ ସମସ୍ତ କର୍ମଚାରୀଙ୍କୁ ପରିଷଦ କାର୍ଯ୍ୟାଳୟ ପରିଚାଳନାରେ ସହଯୋଗ ନିମନ୍ତେ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ସ୍ୱାୟତ୍ତ ଶାସନ ଦିବସ ପାଳନ ନିମନ୍ତେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଦେବସ୍ମୀତା ଶତପଥୀ ମୁଖ୍ୟ ଅତିଥି ଭାବେ ଆସନ ଅଳଙ୍କୃତ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଇନ୍ଦିରା ପ୍ରିୟଦର୍ଶନୀ ମହିଳା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଶିବରାମ ସାହୁ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ରଞ୍ଜନ ସାହୁ, ଉପାଧ୍ୟକ୍ଷ ସନ୍ତୋଷ ବାଘ, କାଉନସିଲର ଜାକେଶ ପ୍ରଧାନ, ଦୀପକ ନାୟକ, ଭାରତୀ ବେହେରା, କୁନ୍ତିମା ମଲ୍ଲିକ, ସଙ୍ଗୀତା ନାୟକ, ମୋନାଲିସା ଦଳବେହେରା, ନିଶାରାଣୀ ନାୟକ, ନନ୍ଦିତା ପ୍ରଧାନ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସାହୁ, ବରିଷ୍ଠ ସହାୟକ ସୁନ୍ଦରା ସୋରେନ, ଏମଆଇଏସ୍ ମୁକେଶ ରଞ୍ଜନ ନାୟକ, ସିଓ ସରିତା ରଥ, ଟ୍ୟାକ୍ସ କଲେକ୍ଟର ଗଣେଶ ଜେନା ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହ ସଭା ଆରମ୍ଭ ହୋଇଥିଲା। ସୁଧୀର କୁମାର ସାହୁ ଅତିଥିଙ୍କୁ ସାଗତ କରିବା ସହ ସଭା ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ଅଭିଭାଷଣ ଦେଉଛନ୍ତି।

## ଖଲ୍ଲିକୋଟ ଏନ୍‌ଏସିରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଖଲ୍ଲିକୋଟ,୩୧।୮ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଏନ୍‌ଏସି କାର୍ଯ୍ୟାଳୟ ଠାରେ ରବିବାରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ଦୀପ ଖାଡ଼ଙ୍ଗାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପର ଉନ୍ନତି ମୂଳକ କାର୍ଯ୍ୟ ହାତକୁ ନିଆଯାଇଥିବା ବିଧାୟକ ଘୋଷଣା କରିଥିଲେ। ନିର୍ବାହୀ ଅଧିକାରୀ ସନ୍ଦୀପ ଖାଡ଼ଙ୍ଗା ଆଗାମୀ ଦିନରେ ଏନ୍‌ଏସିରେ ହେବାକୁ ଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମସ୍ତ ସଫେଇ କର୍ମଚାରୀ ମାନଙ୍କୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତହସିଲଦାର ଡି. ମାଲେଶ୍ୱର ପାତ୍ର, ଏନଏସି ଉପାଧ୍ୟକ୍ଷ ଲିଲି ସାହୁ ଓ ସମସ୍ତ କାଉନସିଲର ଯୋଗ ଦେଇଥିଲେ। ଏହାପରେ ସମସ୍ତେ ଖଲ୍ଲିକୋଟ ବସଷ୍ଟାଣ୍ଡ ଠାରେ ଥିବା ମହାତ୍ମା ଗାନ୍ଧି ଓ ବାଲୁକେଶ୍ୱର ମନ୍ଦିର ନିକଟରେ ଥିବା ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଦିଆଯାଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**୨ ବାଇକ୍ ଧକ୍କା, ୩ ଗୁରୁତର**

ଖଇରପୁଟ,(ବିଦୁର ବେହେରା): ଖଇରପୁଟ ଥାନା ଅନ୍ତର୍ଗତ ତୁଡିମେଣ୍ଟ ମଲ୍ଲିକ ସାହି ସମ୍ମୁଖରେ ରବିବାର ଦିନ ୨ ବାଇକ ଧକ୍କା ହୋଇ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ବେଳେ ଖଣ୍ଡା ପାଲୁ ଗ୍ରାମର ମନୋଜ ଗରଡ଼ି ଓ ଭଲାଡି ଗାଁର ସ୍ୱାମୀ ସ୍ତ୍ରୀ ଗୁରୁ ପ୍ରଧାନ ଏବଂ ମମତା ପ୍ରଧାନୀ ଗୁରୁ ଓ ମମତା ଖଇରପୁଟରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ବିପରୀତ ଦିଗ ଫୁଲବାଣୀରୁ ଆସୁଥିବା ମନୋଜ ଗରଡ଼ିଙ୍କ ସହିତ ମଲ୍ଲିକ ସାହିରେ ୨ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହାଫଳରେ ୩ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଖଇରପୁଟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ମନୋଜଙ୍କ ଅବସ୍ଥା ନ ଫେରିବାରୁ ତାଙ୍କୁ ଫୁଲବାଣୀ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ଆସିକାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଆସିକା,୩୧।୮(ସୁରେନ୍ଦ୍ର ନାଥ ସାହୁ):** ଆସିକା ଏନ୍ଏସି ପକ୍ଷରୁ ରବିବାର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଏନଏସି କାର୍ଯ୍ୟାଳୟ ପରିସରରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ସନ୍ଧ୍ୟାରେ ଏନଏସି କାର୍ଯ୍ୟାଳୟ ହତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପାଢ଼ୀ ଏବଂ ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁଶିଲ କୁମାର କେରକେଟା, ସାମାଜିକ କର୍ମୀ ସତ୍ୟ ନାରାୟଣ ସ୍ୱାଇଁ, ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଏନଏସି ଉପାଧ୍ୟକ୍ଷ ଜୟନ୍ତୀ ବିଷୋୟୀ ଏବଂ ଏନଏସି କାଉନସିଲରଗଣ ମଞ୍ଚାସୀନ ଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷିତ ନୂଆ ମ୍ୟୁନିସିପାଲିଟି ତାଲିକାରେ ଆସିକା ଅନ୍ତର୍ଭୁକ୍ତ ଥିବାରୁ ଖୁସି ପ୍ରକାଶ କରାଯାଇଥିଲା। ମୁଖ୍ୟ ଅତିଥି ବିଧାୟକ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କ ସହଯୋଗରୁ ଆସିକା ମ୍ୟୁନିସିପାଲିଟି ହୋଇପାରିଥିବା ଏବଂ ଆସିକା ଅଞ୍ଚଳର ସାମଗ୍ରିକ ବିକାଶ ଲାଗି ବହୁଭିତ୍ତି ପ୍ରକଳ୍ପ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଆସିକା ଅଞ୍ଚଳବାସୀଙ୍କ ପାଇଁ ଶତାଧିକ କୋଟି ଟଙ୍କା ଅନୁଦାନର ସୂଚନା ଦେଇଥିଲେ। ପରେ ବରିଷ୍ଠ ନାଗରିକ ତଥା ଶିକ୍ଷାବିତ ଗଣେଶ ରଥ, ବରିଷ୍ଠ ଖବରଦାତା ଧରିତ୍ରୀ ପ୍ରତିନିଧି ସୁରେନ୍ଦ୍ର ନାଥ ସାହୁ, ପରିବେଶବିତ ଓ ଯୋଗଗୁରୁ ଗୁଣ୍ଡିଚା ମହାରଣାଙ୍କ ସମେତ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ବିଭିନ୍ନ ବିଦ୍ୟାଳୟର ଟପ୍ପର ଓ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଏନଏସି ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା।

# ବାଣ ଫୁଟାଇ ଖୁସି ମନାଇଲେ ଭାଜପା ସମର୍ଥକ

**ପାତ୍ରପୁରକୁ ଏନ୍ଏସି ଘୋଷଣା**

**ପାତ୍ରପୁର,୩୧।୮(ଉମା ଚରଣ ନେପାକ):** ଗଞ୍ଜାମ ଜିଲା ଚିକିଟି ନିର୍ବାଚନ ମଣ୍ଡଳୀର ପାତ୍ରପୁରକୁ ମୁଖ୍ୟମନ୍ତ୍ରୀ ନୂତନ ଏନଏସି ଘୋଷଣା କରିଛନ୍ତି। ଏହି ଖବର ପାଇବା ପରେ ପାତ୍ରପୁରରେ ଖୁସିର ଲହରୀ ଖେଳିଯାଇଛି। ଗ୍ରାମର ଶତାଧିକ ଭାଜପା ସମର୍ଥକ ଖୁସିରେ ବାଣ ଫୁଟାଇଛନ୍ତି। ବହୁ ବର୍ଷ ଧରି ପାତ୍ରପୁରକୁ ଏନଏସି ମାନ୍ୟତା ପ୍ରଦାନ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ଦାବି ହେଉଥିଲା। ଗତ ସାଧାରଣ ନିର୍ବାଚନରେ ଭାଜପା ନେତା ତଥା ବର୍ତ୍ତମାନର ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ନିଜ ନିର୍ବାଚନ ଇସ୍ତାହାରରେ ପାତ୍ରପୁରକୁ ନୂତନ ଏନଏସି କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ସେ ନିର୍ବାଚିତ ହେବା ପରେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିକୁ ବିଧାନସଭାରେ ବାରମ୍ବାର ଦୋହରାଇଥିଲେ। ବିଧାୟକଙ୍କ ଦାବିକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ପାତ୍ରପୁରକୁ ଏନଏସି ଘୋଷଣା କରିଛନ୍ତି। ଏଥିପାଇଁ ବିଧାୟକ ଦ୍ୟାନ ସାମନ୍ତରା ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଓ ସଂଗଠନ ମନ୍ତ୍ରୀ ମାନସ ମହାନ୍ତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ବିଧାୟକ କଥା ଦେଇ କଥା ରଖିଥିବା ଯୋଗୁଁ ପାତ୍ରପୁର ଅଞ୍ଚଳର ଜନସାଧାରଣ ଧନ୍ୟବାଦ ଅର୍ପଣ କରିଛନ୍ତି।

# କଲ୍ୟାଣ ମଣ୍ଡପ, ଅତ୍ୟାଧୁନିକ ଶ୍ମଶାନ ଲୋକାର୍ପଣ କଲେ ଏମ୍ପି

**ଗଞ୍ଜାମ,୩୧।୮(ବିଦ୍ୟାଧର ସାହୁ):** ଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ରବିବାର ପାଳିତ ହୋଇଛି। ଏନ୍ଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଏମ୍ପି ଡା. ପ୍ରଦୀପ ପାଣିଗ୍ରାହୀ ଯୋଗଦେଇ ଐତିହାସିକ ପୋତାଗଡ଼ ଦୁର୍ଗରେ କଲ୍ୟାଣ ମଣ୍ଡପ, ଦାମୋଦରପୁର ଗ୍ରାମରେ କଲ୍ୟାଣ ମଣ୍ଡପ ଓ ଆଦର୍ଶ ଶ୍ମଶାନ ଘାଟ ଏବଂ ସହରସ୍ଥିତ ବଡ଼ ବଜାରଠାରେ ଯାତ୍ରୀ ବିଶ୍ରାମଗାର ଓ ଶୌଚାଳୟ ଆଦି ପ୍ରକଳ୍ପଗୁଡ଼ିକ ଉଦ୍ଘାଟନ କରିଥିଲେ। ୨୦୨୬ ସୁଦ୍ଧା ରେଳ ପୋଲ ନିକଟରେ ଋଷିକୁଲ୍ୟା ସେତୁ ନିର୍ମାଣ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆ ବିବରଣୀ ପଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ୱାର୍ଡର କାଉନସିଲର ମଞ୍ଚାସୀନ ଥିଲେ। ଉପାଧ୍ୟକ୍ଷ ଓ ୧୨ ନମ୍ବର ୱାର୍ଡ କାଉନସିଲର ଅନୁପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏନ୍ଏସି ସିଇଓ ଅଞ୍ଜଳି ପାଢ଼ୀ, ଏମ ଶୈଳେଞ୍ଜା, ଲକ୍ଷ୍ମୀ ପାଢ଼ୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ରମ୍ଭା ଏନ୍ଏସିରେ ୩ ମୂର୍ତ୍ତି ଉନ୍ମୋଚନ

ରମ୍ଭା,୩୧।୮(ବନବାସୀ ସେଠୀ):ରମ୍ଭା ଏନ୍ଏସିରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କଲ୍ୟାଣ ମଣ୍ଡପ ପରିସରରେ ପାଳିତ ହୋଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା ଅତିଥି ପରିଚୟ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ଏମପି ଡା.ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ରୂପେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ରମ୍ଭା ଏନ୍ଏସି ପରିସରରେ ଜାତୀୟ ପତକା ଉତ୍ତୋଳନ କରିଥିଲେ। ସଭା ସ୍ଥଳରେ ଉପସ୍ଥିତ ଥିବା ଅତିଥିଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରାଯାଇଥିଲା। ଅତିଥିମାନେ ୩ଟି ମୂର୍ତ୍ତି ଡିଆଁଡେଇଁ ଛକ ଓ ପାତ୍ର ସାହି ଛକରେ ନାଟରାଜ ମୂର୍ତ୍ତି ଏବଂ ଓଡ଼ିଆ ସାହି ଛକରେ ଗଣେଶ ମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ ୩ ଜଣ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡା.ସରୋଜ ଦାଶ, ସର୍ବନାମ ଦାଶ, ଦୀପକ ବିଶୋଇ ପରିଚାଳନା କରିଥିଲେ। ଜେଇ ଲୋକନାଥ ପାଢ଼ୀ, ପୌର ଯନ୍ତ୍ରୀ ନୀଳକଣ୍ଠ ସୁନ୍ଦରରାୟ, ସିଇଓ ପ୍ରଭାସିନୀ ନାୟକ, ଚିକ୍ୱାଲା ଲୋକେଶ୍ୱରୀ, କେ.ଜ୍ୟୋତି ଦୋରା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନରେ ସହଯୋଗ କରିଥିଲେ।

# ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଗୁମ୍ମା,୩୧।୮(ପ୍ରବୀଣ କୁମାର ଲିମା): ଗଜପତି ଗୁମ୍ମା ବ୍ଲକ୍ ଅନ୍ତର୍ଗତ ପରିଡ଼ା ପଞ୍ଚାୟତ ବାଳକ୍ରୀଷ୍ଣା ଗାଣ୍ଟା (୩୨) ତାମିଲନାଡୁକୁ ଯାଇ ଏକ ରାଜମିସ୍ତ୍ରୀ ପାଖରେ କାମ କରୁଥିଲେ। ଶନିବାର ସନ୍ଧ୍ୟାରେ ୨ମହଲାରୁ ହଠାତ ଖସିପଡ଼ିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗ୍ରାମର କେତେକ ଲୋକ କାମ କରୁଥିଲେ। ଖବର ପାଇ ସେଠାକୁ ଯାଇ ମୃତଦେହକୁ ନିଜ ଗ୍ରାମକୁ ଆଣିବାକୁ ବହୁତ ପ୍ରୟାସ କରିଛନ୍ତି। ହେଲେ ଯେଉଁ ରାଜମିସ୍ତ୍ରୀ ପାଖରେ ବାଳକ୍ରୀଷ୍ଣା କାମ କରୁଥିଲେ ସେ କୌଣସି ପ୍ରକାର ସାହାଯ୍ୟ କରୁ ନ ଥିବା ଅଭିଯୋଗ ହେଉଛି। ବାଳକୀଙ୍କର ପରିବାରେ କେହି ନ ଥିବାରୁ ଗ୍ରାମବାସୀ ନାଏବ ସରପଞ୍ଚ ଗୁଣବତୀ ସିଂ, ଦୟା ସିଂ, ଉତ୍ତମ ସିଂ କିଛି ଚାନ୍ଦା କରି ମୃତ ଶରୀରକୁ ନିଜ ଗ୍ରାମକୁ ଆଣିବାର ପ୍ରୟାସ କରୁଛନ୍ତି।

## ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲିଟି ଘୋଷଣା

# ସବୁ ମହଲରୁ ସ୍ୱାଗତ

**ଛତ୍ରପୁର,୩୧।୮(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)**

ଗଞ୍ଜାମ ଜିଲ୍ଲା ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲିଟି ଘୋଷଣା ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଏହି ଘୋଷଣା କରିବା ପରେ ଏହାକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ଛତ୍ରପୁର ସହରରେ ଭାଜପା ପକ୍ଷରୁ ଉତ୍ସବ ପାଳନ କରାଯାଇଛି। ସୂଚନାଯୋଗ୍ୟ, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପାଳନ କରି ଗତ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲିଟି ଘୋଷଣା କରିଥିଲେ। ମାତ୍ର ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରି ନ ଥିଲେ। ନିର୍ବାଚନ ପରେ ନୂଆ ସରକାରଙ୍କ ଗୃହ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଛତ୍ରପୁର ଖୁବଶୀଘ୍ର ମ୍ୟୁନିସିପାଲିଟି ହେବାକୁ ଯାଉଛି ବୋଲି କହିଥିଲେ। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଛତ୍ରପୁରକୁ ମ୍ୟୁନିସିପାଲଟି କରାଯିବା ନେଇ ବ୍ୟବସ୍ଥା ରହିଛି କି ବୋଲି ବିଧାନସଭାରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ, ଛତ୍ରପୁର ଗସ୍ତ ବେଳେ ଏହା ମ୍ୟୁନିସିପାଲିଟି ହେବାର ସମସ୍ତ ଯୋଗ୍ୟତା ରହିଥିବା ଅନୁଭବ କରିଥିଲି। ଖୁବଶୀଘ୍ର ଏହା ମ୍ୟୁନିସିପାଲିଟି ମାନ୍ୟତାପ୍ରାପ୍ତ ହେବ ବୋଲି ମନ୍ତ୍ରୀ କହିଥିଲେ। ମ୍ୟୁନିସିପାଲିଟି ଘୋଷଣା ପରେ ବିଧାୟକ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଉଛନ୍ତି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାକୁ ଭଲ ପାଉଛନ୍ତି। ଛତ୍ରପୁର ଗଞ୍ଜାମ ଜିଲା ହେଡକ୍ୱାର୍ଟର ହୋଇଥିବାରୁ ଏହା କେବେଠୁ ମ୍ୟୁନିସିପାଲିଟି ମାନ୍ୟତା ମିଳିବାର ଆବଶ୍ୟକତା ଥିଲା ବୋଲି କହିଛନ୍ତି। ସେହିପରି ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ କହିଛନ୍ତି, ନବୀନ ପଟ୍ଟନାୟକ ଜିଲାରୁ ୫ଥର ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ଗଞ୍ଜାମ ହେଡକ୍ୱାର୍ଟର ପ୍ରତି ତାଙ୍କର ଆନ୍ତରିକତା ନ ଥିଲା। ୨୦୨୪ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ମ୍ୟୁନିସିପାଲିଟି ଘୋଷଣା କରିଥିଲେ। ଏବେର ସରକାର କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି ବୋଲି କହିଛନ୍ତି। ସେହିପରି ଭାଜପା ନେତା ପ୍ରଶାନ୍ତ କୁମାର ନାୟକ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ମ୍ୟୁନିସିପାଲିଟି ମାନ୍ୟତା ପରେ ଛତ୍ରପୁର ଓ ଆଖପାଖ ଅଞ୍ଚଳର ଆହୁରି ବିକାଶ ହେବ ବୋଲି କହିଛନ୍ତି।

## ୧୮ ରାଜସ୍ୱ ଗ୍ରାମ ମିଶିବା ପ୍ରସ୍ତାବ

ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲିଟି କରିବା ପାଇଁ ଆଖପାଖ ଅଞ୍ଚଳର ୧୮ଟି ରାଜସ୍ୱ ଗ୍ରାମ ମିଶିବ। ଅଗ୍ରହିମାଗାଁ ପଞ୍ଚାୟତର ପାଲିଆ ଗ୍ରାମଠାରୁ ଛତ୍ରପୁର, ବ୍ୟାଙ୍କ କଲୋନୀ, ବଉରାଣୀ ନଗର, ଭାଗ୍ୟଲକ୍ଷ୍ମୀ ନଗର, କଣମଣା ପଞ୍ଚାୟତର ପୁରୁଣା ଛତ୍ରପୁର, ତୁଳସୀ ନଗର, ଜଗନ୍ନାଥ ବିହାର, ଇରଧ୍ୱାଳ ନଗର ମିଶିବ। ସେହିପରି ତରେଇପାଟପୁର, ଚିକଲାଖଣ୍ଡି ପଞ୍ଚାୟତର ସାହେବଜେନାପଲି, ବାଘପଲି, ସରକାରୀ ଆଇଟିଆଇ ସାହି, ମହିଳା ମହାବିଦ୍ୟାଳୟ ସାହି, ଦାମୀୟନ ନଗର ଓ ବାଳକୃଷ୍ଣପୁର ଏବଂ ପୋଡ଼ପଦର ପଞ୍ଚାୟତର କୁମାର ବେଗପଲି ଓ ଦେବୀନଗରରୁ କାଳୀ ଢ଼ାବା ପର୍ଯ୍ୟନ୍ତ ମିଶିବା ପ୍ରସ୍ତାବ ରହିଛି।

# ପରିମଳ ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ

## ସ୍ୱାୟତ୍ତ ଶାସନ ଦିବସ ପାଳିଲା ଏନ୍ଏସି

**ଚିକିଟି,୩୧।୮(ପ୍ରକାଶ ଚନ୍ଦ୍ର ସାହୁ):** ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଚିକିଟିରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୨ ଟି ୱାର୍ଡକୁ ନେଇ ଗଠିତ ହୋଇଥିବା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ୬ ନମ୍ବର ୱାର୍ଡ ସ୍ଥିତ ନୂଆବନ୍ଧ ହିଡ଼ରେ ୪ ଟି ଲେଖାଏ ୮ଟି ଶୁଳ୍କ ମୁକ୍ତ ଶୌଚାଳୟ ହୋଇଥିଲେ ସୁଦ୍ଧା ଲୋକେ ସେହି ଶୌଚାଳୟ ବ୍ୟବହାର ନ କରି ବାହାରେ ମଳତ୍ୟାଗ କରି ପରିବେଶ ଦୂଷିତ କରୁଛନ୍ତି। ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ସ୍ୱାୟତ୍ତ ଶାସନ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଥିଲେ ସୁଦ୍ଧା କାର୍ଯ୍ୟନିର୍ବାହୀ ଅଧିକାରୀ ପରିମଳ ପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ସଫେଇ ପାଇଁ ଏକ ଘରୋଇ ସଂସ୍ଥାକୁ ଲିଜ ଦିଆଯାଇଥିଲେ ମଧ୍ୟ ଉକ୍ତ ସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଓ କର୍ମଚାରୀଙ୍କ ହାତର କରି ଆବଶ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ନ ଦିଆଯାଇ ବ୍ୟାପକ ପରିମାଣର ଅର୍ଥ ହରିଲୁଟ କରାଯାଉଛି। ରାସ୍ତାଘାଟ ନାଳ ନର୍ଦ୍ଦମା ନିୟମିତ ସଫେଇ ହେଉଥିଲେ ସୁଦ୍ଧା କିଛି ଅଞ୍ଚଳରେ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଏ ସମ୍ପର୍କରେ ଚିକିଟି ଅଞ୍ଚଳର ଆଇନଜୀବୀ ମାନସ ରଞ୍ଜନ ପାଢ଼ୀକହିଛନ୍ତି, ପରିମଳ ବିଭାଗକୁ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଥିଲେ ସୁଦ୍ଧା ଏଥିପ୍ରତି ଦୃଷ୍ଟି ଦିଆଯାଉ ନଥିବାରୁ ଏଭଳି ଅବ୍ୟବସ୍ଥା ଉପୁଜିଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ସୋରେନଙ୍କ ସହ ଯୋଗାଯୋଗ କରିବାରୁ ସେ ଅଳ୍ପ ଦିନ ତଳେ ଏଠାକୁ ଆସିଥିବା କହିଛନ୍ତି। କୌଣସି ଅଭିଯୋଗ ଆସିନି। ପରିମଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି। ରବିବାର ଏନଏସି କାର୍ଯ୍ୟାଳୟ ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି। ଏଥିରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି, ଚିକିଟି ତହସିଲଦାର ବିଶ୍ୱରଂଜନ କହଁର, ବିଇଓ ପନ୍ନକ ଭୂଷଣ ମାଝୀ, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ସୋରେନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀଙ୍କୁ ପୁରସ୍କାର ଦିଆଯାଇଥିଲା।

## ଜଗନ୍ନାଥପ୍ରସାଦ ଏନ୍ଏସି, ଭଞ୍ଜନଗରକୁ ମ୍ୟୁନିସିପାଲିଟି ଘୋଷଣା

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବିଧାୟକ ପ୍ରଦ୍ୟୁମ୍ନ

**ଭଞ୍ଜନଗର/ଜଗନ୍ନାଥ ପ୍ରସାଦ,୩୧।୮ (ବାବୁଲା ପ୍ରଧାନ/ବିଶ୍ୱପ୍ରସାଦ ପଟ୍ଟନାୟକ)**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଏନ୍ଏସିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ସ୍ୱାୟତ୍ତ ଶାସନ ଦିବସ ଅବସରରେ ମ୍ୟୁନିସିପାଲିଟି ଘୋଷଣା କରିଛନ୍ତି। ଏଥିସହ ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ଅଧୀନରେ ଆସୁଥିବା ଜଗନ୍ନାଥପ୍ରସାଦକୁ ନୂତନ ଏନ୍ଏସି ଘୋଷଣା କରିଛନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭଞ୍ଜନଗରକୁ ମ୍ୟୁନିସିପାଲିଟି ଘୋଷଣା କରିଥିଲେ। ହେଲେ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇପାରିନଥିଲା। ସରକାର ବଦଳିବା ପରେ ନୂଆ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏଥିରେ ହସ୍ତକ୍ଷେପ କରି ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ଏବଂ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟି ଭଞ୍ଜନଗର ଏବଂ ଜଗନ୍ନାଥପ୍ରସାଦ ସମ୍ପର୍କରେ କହିଥିଲେ। ମୁଖ୍ୟ ମ୍ୟୁନିସିପାଲିଟି ଓ ଏନ୍ଏସି ଘୋଷଣା ପରେ ବିଧାୟକ ନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଡବଲ ଇଞ୍ଜିନ ସରକାର ସହାୟତାରେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ବିକାଶ ଆହୁରି ଆଗକୁ ଯିବ ବୋଲି ପ୍ରଦ୍ୟୁମ୍ନ ଖବରଦାତାଙ୍କ ସହ ଆଲୋଚନା ବେଳେ କହିଛନ୍ତି। ସୂଚନାଯୋଗ୍ୟ, ଭଞ୍ଜନଗର ବିଧାୟକ ନାୟକ କିଛି ମାସ ପୂର୍ବେ ଲୋକଙ୍କ ସହ ଆଲୋଚନା ସମୟରେ ଜଗନ୍ନାଥପ୍ରସାଦ ପଞ୍ଚାୟତକୁ ଏନ୍ଏସି ଘୋଷଣା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ଖବର ଧରିତ୍ରୀରେ ପ୍ରକାଶିତ ପାଇଥିଲା।


**RAVENSHAW UNIVERSITY**
**CUTTACK - 753003, ODISHA**

**WALK-IN-INTERVIEW**

**No.CAD-1630** : Candidates are invited for walk-in-interview for engagement as Guest Faculty in different courses like MCA, JMC, ITM, BCA and Rural Development of Ravenshaw University.
For details please visit 'www.ravenshawuniversity.ac.in'.

**No.3395 / Dt.26.08.2025**
OIPR-11008/11/0036/2526 — Registrar

**ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରଡ଼ା, ଗଞ୍ଜାମ**

**ବାର୍ତ୍ତା**

ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ । ଘରର ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ୍ ଭାବେ ପରିଷଦର ସ୍ୱଚ୍ଛ ବାହନ ଗାଡିରେ ଦିଅନ୍ତୁ । ବାହ୍ୟ ମଳତ୍ୟାଗ କରନ୍ତୁ ନାହିଁ । ସେପଟିକ୍ ଟ୍ୟାଙ୍କର ବ୍ୟବହାର ଏବଂ ପ୍ରତି ୩ ବର୍ଷରେ ଥରେ ସେପଟିକ୍ ଟ୍ୟାଙ୍କକୁ ପରିଷଦର Cesspool ବାହନ (ଦେୟ ୫୦୦ ଟଙ୍କା) ଦ୍ୱାରା ସଫା ରଖିବା । ନିର୍ମାଣ ଏବଂ ଭଗ୍ନାବଶେଷ ବର୍ଜ୍ୟବସ୍ତୁ (C&D) ସଂଗ୍ରହ ଏବଂ ପରିବହନ ବାବଦରେ ପରିଷଦରେ ୧୦୦୦ ଟଙ୍କା ଜମା କରିବା । ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ । ଗଛଟିଏ ଲଗାନ୍ତୁ ଓ ପରିବେଶକୁ ବଞ୍ଚାନ୍ତୁ । ସ୍ୱଚ୍ଛ ସୋରଡା ଓ ସୁସ୍ଥ ଓଡ଼ିଶା ଗଠନରେ ସହାୟକ ହୁଅନ୍ତୁ ।

ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରଡା
ଶ୍ରୀଯୁକ୍ତ ଶିବ ଶଙ୍କର ପଣ୍ଡା, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରଡା

**ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର, ଜିଲ୍ଲା - ଗଜପତି**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୫ (ସ୍ୱର୍ଣ୍ଣ ଜୟନ୍ତୀ) ଅବସରରେ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରୁଅଛୁ। ସହରର ସମସ୍ତ ନାଗରିକମାନଙ୍କୁ ମୌଳିକ ସେବା ଯୋଗାଇଦେବା ସହ ସହରକୁ ନିର୍ମଳ, ସବୁଜ ଓ ସୁନ୍ଦର କରି ଗଢିତୋଳିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ ଏବଂ ଜନସାଧାରଣ ନିଜର ଘର ଟିକସ, ଦୋକାନ ଓ ବ୍ୟବସାୟ ଲାଇସେନ୍ସ ଫି, ବିବାହ ପଞ୍ଜୀକରଣ ପତ୍ର ଏବଂ ଘର ନକ୍ସାର ଅନୁମୋଦନ ଇତ୍ୟାଦି ନିମନ୍ତେ ଅନଲାଇନ ସେବାଗୁଡିକର ସୁବିଧା ନିଅନ୍ତୁ (www.sujogodisha.gov.in) । ଜନସାଧାରଣ ନିଜର ଅଭିଯୋଗ ଓ ମତାମତ ସଠିକ୍ ଠିକଣା ସହ ଆମକୁ ମୋବାଇଲ ନଂ - ୮୮୯୫୯୫୮୧୩୩ ମାଧ୍ୟମରେ ଜଣାଇବା ପାଇଁ ଅନୁରୋଧ ।

ଆପଣଙ୍କ ଶୁଭାକାଂକ୍ଷୀ
ସା./- ଶ୍ରୀ ଭାଗବତ ସାହୁ, ଓ.ପ୍ର.ସେ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର
ସା./- ଶ୍ରୀମତୀ ଏମ୍. ସୁଧାରାଣୀ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର
ଉପାଧ୍ୟକ୍ଷ, ସମସ୍ତ ସଭ୍ୟା/ସଭ୍ୟ ଓ ପରିଷଦର ସମସ୍ତ କର୍ମଚାରୀବୃନ୍ଦ

**NOTIFIED AREA COUNCIL** — ବିଜ୍ଞାପିତ ଅଞ୍ଚଳ ପରିଷଦ
Bellaguntha-761119 (Ganjam) — ବେଲଗୁଣ୍ଠା-୭୬୧୧୧୯ (ଗଞ୍ଜାମ)
Phone No.06821-258244 — ଦୂରଭାଷ-୦୬୮୨୧-୨୫୮୨୪୪
E-Mail Id: eonacbellaguntha@gmail.com

ପତ୍ର ସଂଖ୍ୟା-୨୨୪ — **ସର୍ବସାଧାରଣ ସୂଚନା** — ତାରିଖ-26.08.25

ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠାର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ ବେଲଗୁଣ୍ଠା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସହଯୋଗ କରନ୍ତୁ !

୦୧.ଘର କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକ୍ ପୃଥକ୍ କରି ନୀଳ ଓ ସବୁଜ ଡଷ୍ଟବିନ୍‌ରେ ରଖନ୍ତୁ ଏବଂ ପରିଷଦ ଦ୍ୱାରା ଅଳିଆ ସଂଗ୍ରହ ନିମନ୍ତେ ଘରକୁ ଘର ଆସୁଥିବା ସ୍ୱଚ୍ଛତା ରଥରେ ଦିଅନ୍ତୁ । ୦୨. ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ବାଲି, ଗୋଡି, ପଥର ଆଦିକୁ ରାସ୍ତାରେ ଜମା କରନ୍ତୁ ନାହିଁ ଏବଂ ଗୃହର ଭଗ୍ନାବଶେଷ ଯଥା-ଭଙ୍ଗା ଇଟା, ମାଟି, ପଥର ଆଦିକୁ ରାସ୍ତାରେ ପକାନ୍ତୁ ନାହିଁ । ଏଗୁଡିକର ସୁପରିଚାଳନା ନିମନ୍ତେ ପରିଷଦରେ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କ ଦେଇ ପ୍ରକ୍ରିୟାକରଣ କେନ୍ଦ୍ରକୁ ପଠାନ୍ତୁ । ୦୩. ଗୃହରେ ପାଇଖାନା ଏବଂ ସେପ୍ଟିକ ଟାଙ୍କି କରନ୍ତୁ । ପାଇଖାନାର ମଇଳା ଡ୍ରେନକୁ ଛାଡନ୍ତୁ ନାହିଁ । ନିୟମିତ ବ୍ୟାବଧାନରେ ସେପ୍ଟିକ ଟାଙ୍କିକୁ ପରିଷଦର ମଇଳା ସଂଗ୍ରହ ଗାଡି ଦ୍ୱାରା ସଫା କରନ୍ତୁ । ପାଇଖାନା ଟାଙ୍କି ସଫା ପାଇଁ ୧୪୪୨୦ ହେଲ୍ପଲାଇନ ନମ୍ବରରେ ଫୋନ କରନ୍ତୁ । ୦୪. ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ବର୍ଜନ କରନ୍ତୁ । ୦୫. ବିବାହ, ବ୍ରତ, ଗୃହ ପ୍ରତିଷ୍ଠା ଆଦି ଉତ୍ସବରୁ ବାହାରୁଥିବା ଆବର୍ଜନାକୁ ଏଣେତେଣେ ନ ପକାଇ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କ ଦେଇ ପରିଷଦର ସମ୍ପଦ କେନ୍ଦ୍ରକୁ ପଠାନ୍ତୁ ।

ସ୍ୱା./-ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠା

**GOVERNMENT OF ODISHA**
**Office of the Superintending Engineer**
**Bhanjanagar (R&B) Division, Bhanjanagar**
(Phone/Fax : (06821) 241133 / E-mail : eernbbngr@yahoo.in)
Ltr. No. 8576//Dtd.25.08.2025

No.B-464

**INVITATIONS FOR BIDS (IFB)**
E-Procurement Bid Identification No. S.E - BNJ-R&B-10/2025-26

| | | |
|---|---|---|
| 1. | Name of work | : Road works |
| 2. | No. of works | : 7 Nos. Road work |
| 3. | No. of Covers | : Single Cover |
| 4. | Estimated cost | : Rs.4.93 lakhs to Rs.32.98 Lakhs |
| 5. | Period of Completion | : One Calendar Month |
| 6. | Date of time of availability of bid document in the portal | : From 12.00 Noon of dated 30.08.2025 to 5.00 P.M. of dated 06.09.2025 |
| 7. | Last date/time for receipt of bids in the portal | : Up to 5.00 P.M. of dated 06.09.2025 |
| 8. | Date of opening of bid documents | : At 11.00 A.M. of dated 08.09.2025 |
| 9. | Class of contractor | : "D", "C" & "B" Class Contractor |
| 10. | Name and address of Officer inviting bid | : Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.

Sd./- Superintending Engineer, Bhanjanagar (R&B) Division
OIPR-34015/11/0030/2526

**ZILLA SWASTHYA SAMITI, SAMBALPUR**
DISTRICT PROGRAMME MANAGEMENT UNIT, NHM
SAMBALPUR, ODISHA, 768002
E-mail : nhmsambalpur@gmail.com — Phone : (0663)-2400441
Letter No. : 2304/DPMU/NHM — Date : 26.08.2025

**TENDER CALL NOTICE**

**No.E-353** : Sealed quotations are invited in the prescribed format from Travel agencies/Private Organization/ Individuals for hiring of vehicles (BOLORO/ CAR/Ertiga/Rumion etc) with A/C and Non A/C on monthly rental basis for engagement/On call basis for engagement /empanelment of vehicles for **DHH/SDH/DPMU/CPMU/BPMU/MHT/ MHU, Programme**. Interested travel agencies/Private Organisation/ Individuals may apply in the prescribed format. The details terms and conditions and formats will be available at district website www.sambalpur.odisha.gov.in **from 26.08.2025 to 10.09.2025 till 5 P.M.** The complete quotations should reach at 0/0 CDM & PHO on or before **10.09.2025 by 05 P.M.** through Speed Post/Regd. Post/Courier/ by person only. The sealed quotation will be opened on **dated 11.09.2025 at 11.00 A.M.** in the office chamber of the undersigned. The quotation should be superscribed as **"Tender for Hiring of Vehicles under DPMU/CPMU/BPMU /Rashtriya Bal Swasthya Karyakram (RBSK)"/ MHU for DHH/SDH/CHC__ ."**. The undersigned reserves the right to reject any or all the quotations without assigning any reason thereof.

Sd./- CDM & PHO-cum- District Mission Director, Sambalpur
OIPR-10049/11/0021/2526

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel- MD 0674-2340573, Email- mdosscltd456@gmail.com
NIT No. - OSSC/Mktg (Hort) - 47/2025

**e-Tender Call Notice for Procurement of Certified Seed Potato for Rabi-2025-26**

**No.CAD-1621** : OSSC Ltd. invites Short e-Tender only from registered potato producers (and in case of GOI PSUs, their authorized Agencies) on item wise rate contract basis **for Procurement of Certified Seed Potato for Rabi-2025-26** in double cover system through online mode only for the work below.

| Name of the work | Purchase of Certified Seed Potato for Rabi-2025-26 |
|---|---|
| No. of work | One |
| Availability of bid documents in portal | 15.00 hours on dt.01.09.2025 to 17.00 hrs of dt.22.09.2025 |
| Last date of receipt of tender in portal | 17.00 hrs of dt.22.09.2025 |
| Date and time opening of Bid | 10.30 hrs of dt.23.09.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/corrigendum/cancellation can also be seen in the said website.

Sd./- Managing Director, OSSC Ltd.
OIPR-01045/11/0096/2526

**ZILLA PARISHAD OFFICE : BARGARH**
(ODISHA LIVELIHOODS MISSION
e-mail : bargarhdpm.olm@gmail.com, ori-dbargarh@nic.in
Tel. No. 06646 (296365)
Tender Call Notice No. 127/OLM/ZP — Dt-22.08.2025

**TENDER CALL NOTICE**

**No.CAD-1615** : Sealed Tenders are invited in double cover i.e., Technical & Financial Bid from intending reputed registered Printing Firms, Suppliers, Dealers & Companies for supply of Poshan Sakhis Kit under FNHW Initiatives to OLM, DMMU, ZP, Bargarh. Bid documents should be submitted through Registered post/Speed post/Courier on or before dt-06.09.2025 by 12:00 (P.M.).

| Sl. No. | Particulars | Qnt. Required (Unit) |
|---|---|---|
| 01 | Poshan Sakhis Kit under FNHW Initiatives | 1521 |

For more details, please login to the district website https://bargarh.odisha.gov.in

Sd./- CDO-cum-DMC, OLM, Zilla Parishad, Bargarh
OIPR-19244/11/0008/2526

Government of Odisha "e" procurement Notice
**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**
Bid Identification No. S.E (R&B)KPT - 12/2025-26
No.B-461

| | | |
|---|---|---|
| 1. | Name of the work | Road Works |
| 2. | Total No. of works | 04 Nos. |
| 3. | Estimated cost | Rs.7.07 to 24.26 Lakhs |
| 4. | Period of completion | 01 (One) Month to 03 (Three) Months |
| 5. | Date & Time of availability of bid document in the portal | From 01.09.2025 at 11.00 hours to 08.09.2025 upto 17.00 hours |
| 6. | Last date / Time for receipt of bids in the portal | 08.09.2025 upto 17.00 hours |
| 7. | Date of opening of Tender | 09.09.2025 at 12.00 hours |
| 8. | Name and address of the Officer Inviting Bid | Superintending Engineer, Koraput (R&B) Division |

Further details can be seen from the e-procurement portal https://tendersorissa.gov.in

Sd./- Superintending Engineer, Koraput (R&B) Division
OIPR-34096/11/0030/2526

CAD-1613
**Office of the District Manager, Odisha State Civil Supplies Corporation Ltd.(OSCSC), Sundargarh (District)**
Phone: 94382-00060; District Website:- https://sundargarh.odisha.gov.in
Tender No. 2642, 2643, 2644, 2645 of Level-II & 2658 of Level-I
Dt. 26.08.2025

District Manager, Odisha State Civil Supplies Corporation Ltd., Sundargarh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Level-I Transport Contractor for transportation of wheat from FSD/FCI to RRCs and Level-II Transport Contractors for transportation of food grains under PDS from RRCs to FPS points in Sundargarh district for the biennial 2025-27. |
| 2 | Availability of bid document in the portal | From 30.08.2025 |
| 3 | Pre-Bid conference of tenderers | Dt.02.09.2025 at 11.00 AM |
| 4 | Last Date/Time for receipt of bids in the portal | Dt.16.09.2025 upto 5.30 (PM) |
| 5 | Date/Time of opening of Technical Bid | Level-I & Level-II Transport Contractors- 17.09.2025 at 11.00 AM Place: Office Chamber of ADM (General), Sundargarh |
| 6 | Date of submission of original documents in support of scanned copies uploaded in the portal for verification | Level-I & Level-II Transport Contractors- 17.09.2025 at 11.00 AM |
| 7 | Name and address of the Officer inviting Tender | District Manager, OSCSC Ltd., Sundargarh |

Tender documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/ Corrigendum/ Cancellation/ Re-tenders etc. if any shall be published only in above websites.

Sd./- District Manager, OSCSC Ltd., Sundargarh
OIPR-07017/11/0009/2526

**Government of Odisha**
**Department of Social Security & Empowerment of Persons with Disabilities**
No.SSEPD-DA5-DA-0001-2025-9807/SSEPD Dt.26.08.2025

**NOTICE INVITING TENDER**

**No.gg-23** : SSEPD Dept. invites tender for selection of agency for supply of readymade Aids/ Appliances under Bhimabhoi Bhinnakhyama Samarthya Abhiyan (BBSA) Scheme as per the following schedule.
Complete set of bidding document is available on e-tender website http://www.tendersodisha.gov.in from 25.08.2025 up-to 15.09.2025 (05.00 PM). Pre-bid meeting will be held on 04.09.2025 (3:30PM). The last date of submission bid is 15.09.2025 (05.00 PM). Interested Agencies/Firms may visit above website for details on the tender process and schedule of requirements.
The SSEPD Department reserves all rights to accept or reject all or any of the bids at any stage without assigning any reason thereof.
**N.B:**- All subsequent addendums / corrigendum to the tender shall be hosted in the Government of Odisha e-tender portal www.tendersodisha.gov.in

Sd./- Director, SSEPD Department
OIPR-46001/11/0066/2526

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel- MD 0674-2340573, Email- mdossCltd456@gmail.com
NIT No. - OSSC/Mktg (Hort) - 46/2025

**e-Tender Call Notice for Procurement of Certified Coriander Seeds for Rabi-2025-26**

**No.CAD-1625** : OSSC Ltd. invites Short e-Tender only from registered Coriander seed producers (and in case of GOI PSUs, their authorized Agencies) on item wise rate contract basis **for Procurement of Certified Coriander Seeds for Rabi-2025-26** in double cover system through online mode only for the work below.

| Name of the work | Purchase of Certified Coriander Seeds for Rabi-2025-26 |
|---|---|
| No. of work | One |
| Availability of bid documents in portal | 15.00 hours on dt.01.09.2025 to 17.00 hrs of dt.22.09.2025 |
| Last date of receipt of tender in portal | 17.00 hrs of dt.22.09.2025 |
| Date and time opening of Bid | 10.30 hrs of dt.23.09.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/corrigendum/cancellation can also be seen in the said website.

Sd./- Managing Director, OSSC Ltd.
OIPR-01045/11/0092/2526

# ବାଘଛାଲ ଜବତ, ୭ ଗିରଫ

## ଅବସରପ୍ରାପ୍ତ ଏଏସ୍ଆଇଙ୍କ ସମ୍ପୃକ୍ତି

ଭଞ୍ଜନଗର,୩୧।୮ (ବାବୁଲା ପ୍ରଧାନ)


ଖବରଦାତା ସମ୍ମିଳନୀରେ ଡିଏଫ୍ଓ, ଗିରଫ ଅଭିଯୁକ୍ତ ଓ ଅନ୍ୟମାନେ।

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କର୍ମଚାରୀ ରବିବାର ସକାଳେ ଏକ କଲରାପତରିଆ ବାଘଛାଲ ଜବତ କରିଛନ୍ତି। ଏହି ମାମଲାରେ ଜଣେ ଅବସରପ୍ରାପ୍ତ ପୋଲିସ ଏଏସ୍ଆଇ, ଜଣେ ବାବାଜିଙ୍କ ସମେତ ୭ ଜଣଙ୍କୁ ବନବିଭାଗ ଗିରଫ କରିଛି। ଆଉ ଜଣେ ଫେରାର ବ୍ୟକ୍ତିଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ମୁଜାଗଡ଼ ରେଞ୍ଜ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଡିଏଫ୍ଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି। ଗିରଫ ୭ ବ୍ୟକ୍ତି ହେଲେ ଗଜପତି ଜିଲା ରାମଗିରି ଥାନା ବେଡିଙ୍ଗି ଗ୍ରାମର ଅବସରପ୍ରାପ୍ତ ଏଏସ୍ଆଇ କାଳି ଚରଣ ଜାନୀ, ରାମଗିରି ଥାନା ଆଡମଙ୍ଗି ଗ୍ରାମର ବିପିନ ଚରଣ ପ୍ରଧାନ, ବେଲଗୁଣ୍ଠା ଥାନା ଗୁଣ୍ଡୁରିବାଡି ଗ୍ରାମର ସୁରେନ୍ଦ୍ର ପ୍ରଧାନ ଓ ତାଙ୍କ ପୁଅ ଲକ୍ଷ୍ମଣ ପ୍ରଧାନ, ବେଲଗୁଣ୍ଠା ଥାନା ପନ୍ତିଖାଡି ଗ୍ରାମର ସୁଶାନ୍ତ ଡାକୁଆ, ମୋହନା ଥାନା ଗୋଛାଗଡା ଗ୍ରାମର କ୍ଷେତ୍ରୀୟ ମଲ୍ଲିକ ଓ ପୁରୁଷୋତ୍ତମପୁର ଥାନା ସୋମା ଗ୍ରାମର ତ୍ରିନାଥ ବିଶ୍ୱାଳ। ଏମାନଙ୍କଠାରୁ ଗୋଟିଏ କାତି, ଦୁଇଟି ଭୁଜାଲି, ୫ଟି ମୋବାଇଲ ଫୋନ, ବାଘଛାଲ ଓ ପୂଜାରେ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି।

ଖବରରୁ ଜଣାପଡିଛି, ଗଜପତି ଜିଲାର ୩ ଜଣ ଏବଂ ପୁରୁଷୋତ୍ତମପୁରର ଜଣେ ବ୍ୟକ୍ତି ମିଶି ଏକ ବାଘଛାଲ ଧରି ଭଞ୍ଜନଗର ଅଭିମୁଖେ ଆସି ଶନିବାର ବାବାଜି ସୁରେନ୍ଦ୍ର ପ୍ରଧାନଙ୍କୁ ଦେଇଥିଲେ। ଏହାକୁ ନେଇ ବାବାଜି ଅନ୍ୟମାନଙ୍କ ସହାୟତାରେ ରବିବାର ସକାଳେ ପୂଜା କରିଥିଲେ। ବାଘଛାଲକୁ ପୂଜା କଲେ ଧନ ବଢିବ ବୋଲି ସେମାନଙ୍କ ବିଶ୍ୱାସ ଥିଲା। ପୂଜା ପରେ ବାଘଛାଲକୁ ବିକ୍ରି କରିବା ଯୋଜନା ଥିଲା। ତେବେ ଏହା ପୂର୍ବରୁ ଡିଏଫ୍ଓ ମହାନ୍ତି ଖବର ପାଇ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଯୋଜନା କରିଥିଲେ। ତୁରନ୍ତ ୫ ଟିମ୍ ଗଠନ କରାଯାଇଥିଲା। ପରେ କର୍ମଚାରୀମାନେ ବ୍ୟବସାୟୀ, ଚାଷୀ ବେଶରେ ଯାଇ ପ୍ରଥମେ ବାବାଜିଙ୍କ ଘରେ ରବିବାର ସକାଳ ୮ଟାରେ ଚଢାଉ କରି ବାଘଛାଲ ଜବତ କରିଥିଲେ। ସେଠାରୁ ୩ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ସୂଚନା ପାଇ ଭଞ୍ଜନଗର ରାଜ ପ୍ୟାଲେସରେ ଥିବା ଅନ୍ୟ ୪ ଜଣଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ଥିବା ଆଉ ଜଣେ ବ୍ୟକ୍ତି ଖସି ଯାଇଛନ୍ତି। ଏସିଏଫ୍ ବିବେକ ଦାସ, ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା, ରେଞ୍ଜର ପୃଥ୍ୱୀରାଜ ପ୍ରଧାନ, ଜଗନ୍ନାଥପ୍ରସାଦ ରେଞ୍ଜର ସୁଜାତାରାଣୀ ପଣ୍ଡା, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, ବନପାଳ ଅନୁପ ବିଷୋୟୀ, ଜୀବନ ତ୍ରିପାଠୀ, ବବୁଲ ସେଠୀ ଚଢାଉର ନେତୃତ୍ୱ ନେଇଥିଲେ। ଜବତ ବାଘଛାଲଟି ମାସେ ତଳର। ବାଘଟିର ଗଜପତି ଜିଲା ମୋହନା ରେଞ୍ଜରେ ବାର୍ହା ଶିକାର ପାଇଁ ବିଛାଯାଇଥିବା ଜାଲରେ ପଡି ମୃତ୍ୟୁ ହୋଇଥିଲା। ପରେ ଅଭିଯୁକ୍ତମାନେ ଛାଲଟିକୁ ଶୁଖାଇ କିଛିଦିନ ନିଜ ପାଖରେ ରଖିବା ପରେ ବିକ୍ରି ଉଦ୍ଦେଶ୍ୟରେ ଶନିବାର ପୂଜା କରିବାକୁ ଭଞ୍ଜନଗର ଆଣି ପ୍ରଧାନଙ୍କୁ ଦେଇଥିଲେ। ପୂଜା ପରେ ସେମାନେ ଏହାକୁ ବିକ୍ରି କରିଥାନ୍ତେ। ତେବେ ଏହା ପୂର୍ବରୁ ସେମାନେ ଧରାପଡିଯାଇଥିଲେ। ବିଭାଗ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି।

# ସାନଭାଇର ଠେଙ୍ଗାମାଡ଼ରେ ବଡ଼ଭାଇ ମୃତ

## ସଲପ ଗଛକୁ କେନ୍ଦ୍ରକରି ୨ ଭାଇ ମଧ୍ୟରେ ବଚସା ଅଭିଯୁକ୍ତ ଥାନାରେ ଅଟକ

ନନ୍ଦପୁର/ପାଡୁଆ,୩୧।୮ (ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପାଡୁଆ ଥାନା ଅଧୀନ କସନ୍ଦି ପଞ୍ଚାୟତର ଗୁଡ଼ିଗୁଆ ଗ୍ରାମରେ ସାନଭାଇର ଠେଙ୍ଗାମାଡ଼ରେ ବଡ଼ ଭାଇଙ୍କ ରବିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଜୟରାମ ପାଙ୍ଗୀ(୩୮)। ଏ ନେଇ ଜୟରାମଙ୍କ ସ୍ତ୍ରୀ ମଣି ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଏତଲା ଅନୁଯାୟୀ, ଅଗଷ୍ଟ ୨୨ରେ ନିଜ ବାଡ଼ରେ ଥିବା ସଲପଗଛକୁ କେନ୍ଦ୍ରକରି ଜୟରାମ ଓ ତାଙ୍କ ସାନ ଭାଇ ରାମ ପାଙ୍ଗୀ(୩୫)ଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରାମ ଜୟରାମଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଜୟରାମ କ୍ଷତାକ୍ତ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ଶନିବାର ସକାଳୁ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସ୍ତ୍ରୀ ଓ ସାନ ଭାଇ ପ୍ରଥମେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ଚିକିତ୍ସା ପାଇଁ ନେଇଥିଲେ। ମୁଣ୍ଡରେ ଆଘାତ ଲାଗିଥିବାରୁ ଡାକ୍ତର ତାଙ୍କୁ ବିଶାଖାପାଟଣା ରେଫର କରିଥିଲେ। ପରିବାର ଲୋକେ ଜୟରାମଙ୍କୁ ପ୍ରସ୍ତୁତି ପାଇଁ ଘରକୁ ଫେରାଇ ଆଣିବା ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଜୟରାମଙ୍କ ସ୍ତ୍ରୀ ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ କେସ୍ ନଂ. ୧୦୦/୨୫ରେ ମାମଲା ରୁଜୁ କରାଯାଇଛି। ପାଡୁଆ ଥାନାଧିକାରୀ ଅଶୋକ କୁମାର ବିଷୋୟୀ, ନନ୍ଦପୁର ଥାନାଧିକାରୀ ମମତା ପଣ୍ଡା, ଏସ୍ଆଇ ହୃଷୀକେଶ ବେନିଆ, ଏସ୍ଆଇ ଟୁନା ଶବର ଓ ସୁରେନ୍ଦ୍ର ସେଠୀ ପ୍ରମୁଖ ରବିବାର ଅପରାହ୍ନରେ ଗୁଡ଼ିଗୁଆ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତଦେହ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ପାଇଁ ରଖାଯାଇଛି।

# ପୂର୍ବତନ ନିର୍ବାହୀ ଅଧିକାରୀ ନିଲମ୍ବିତ

## ବେଲପାହାଡ଼ ପୌର ପରିଷଦରେ ଆର୍ଥିକ ଅନିୟମିତତା ଘଟଣା

ବେଲପାହାଡ଼, ୩୧।୮ (ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦରେ ହୋଇଥିବା ଆର୍ଥିକ ଅନିୟମିତତା ଘଟଣାରେ ପୂର୍ବତନ ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ ନିଲମ୍ବିତ ହୋଇଛନ୍ତି। ଶନିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ଏଥିସହ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରାଯାଇଛି। ନିଲମ୍ବନ ବଳବତ୍ତର ଥିବା ପର୍ଯ୍ୟନ୍ତ ମଧୁସ୍ମିତା ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ। ସେ ମୟୂରଭଞ୍ଜ ଜିଲାପାଳଙ୍କ ବିନା ଅନୁମତିରେ ଜିଲା ମୁଖ୍ୟାଳୟ ଛାଡ଼ି ଯାଇପାରିବେନାହିଁ। ମଧୁସ୍ମିତା ଏବେ ମୟୂରଭଞ୍ଜ ଜିଲା ଜାମଦା ତହସିଲଦାର ଭାବେ କାର୍ଯ୍ୟରତ ଅଛନ୍ତି।

# ୧ କୁଇଣ୍ଟାଲ ୨୧କେଜି ଗଞ୍ଜେଇ ଜବତ, ୧୪ ଗିରଫ

ମାଲକାନଗିରି/ବଡ଼ବିଲ ୩୧।୮
(ଦୁର୍ଯ୍ୟୋଧନ ପାତ୍ର/ ଦେବପ୍ରିୟ ରଣା)

ମାଲକାନଗିରି ଜିଲା ଏବଂ କେନ୍ଦୁଝର ବଡବିଲରେ ୧ କୁଇଣ୍ଟାଲ ୨୧ କେଜି ଗଞ୍ଜେଇ ଜବତ ଘଟଣାରେ ପୋଲିସ ୧୪ ଜଣଙ୍କୁ ଗିରଫ କରିଛି। ମାଲକାନଗିରି ଜିଲା ଆଦର୍ଶ ଥାନା ପୋଲିସ ୧ କୁଇଣ୍ଟାଲ ଗଞ୍ଜେଇ ଜବତକରିବା ସହ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ରବିବାର ଗିରଫ କରିଛି। ଶନିବାର ସନ୍ଧ୍ୟାରେ ସଦର ମହକୁମାଠାରୁ ୬ କି.ମି.ଦୂର ଚମ୍ପାଖାରୀ ପୋଲିସ ଚେକ୍ ପୋଷ୍ଟ ନିକଟରେ ଗାଡ଼ି ଯାଞ୍ଚ କରୁଥିଲା। ଏହି ସମୟରେ ଏକ କାର୍ ଦ୍ରୁତଗତିରେ ଆସୁଥିବା ଦେଖି ଏହାକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୪ଟି ବସ୍ତାରେ ୧୦୦ କେଜି ଗଞ୍ଜେଇ ଥିବା ଦେଖି ଥିଲା। ସେଥିରେ ଥିବା ୩ ଜଣଙ୍କୁ ଗିରଫ କରିଥିଲା। ଗିରଫମାନେ ହେଲେ ଛତିଶଗଡ଼ ଦୁର୍ଗ ଥାନା ଅନ୍ତର୍ଗତ ଉର୍ଲା ଗ୍ରାମର ସୁଦର୍ଶନ ଯାଦବ, ବିହାର ଚୌସା ଥାନା ଅନ୍ତର୍ଗତ ଜାସୁଲଦେରା ଗ୍ରାମର ଭୋଲା ରାଜବର ଓ ଛତିଶଗଡ଼ ସୁକ୍ମା ଜିଲା କୁମାରସ ଗ୍ରାମର ଗୋଲକ ବିଶ୍ୱାସ । ଏମାନଙ୍କ ନିକଟରୁ ଗୋଟିଏ କାର୍, ୭ ହଜାର ଟଙ୍କା ଜବତ ହୋଇଛି। ଏହି ଗଞ୍ଜେଇ ଏମ୍ଭି ୫୦ ଗ୍ରାମରୁ ଛତିଶଗଡ଼ ଦୁର୍ଗକୁ ଚୋରାଚାଲାଣ ହେଉଥିବା ଜଣାପଡ଼ିଛି। ରବିବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

ସେହିପରି କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ରବିବାର ୨୧କିଲୋ ୮୯୫ ଗ୍ରାମ୍ ଗଞ୍ଜେଇ ଜବତ କରିଛି। ଚୋରାକାରବାରରେ ସମ୍ପୃକ୍ତ ୧୧ ଜଣଙ୍କୁ ଗିରଫ କରିଛି। ଗିରଫ ମୁଖ୍ୟ ଅଭିଯୁକ୍ତ ହେଲେ ବଡ଼ବିଲ ଧୋବି ହଟିଂର ବାବୁଲି ବେହେରା, ଖୁଚୁରା ବ୍ୟବସାୟୀ ବଡ଼ବିଲ ସେଡିଂର ଜତିନ ସାହୁ, ଷ୍ଟେଶନ ରୋଡର ଜୟରାମ ଦାସ, ଧୋବି ହଟିଂର ଚନ୍ଦନ ଭଗତ, ମହାନ୍ତ ବସ୍ତିର ଧିରେନ ବାରିକ, କାଶିଆର ରାଜ କିଶୋର ବେହେରା, ପୋଷ୍ଟ ଅଫିସ ନିକଟବର୍ତ୍ତି ଅଞ୍ଚଳର ଅର୍ଜୁନ କେଶରୀ, ସେରେଣ୍ଡାର କପିଳ ସାହୁ, ନାଳଦା ହୀରାକୁଦ କଲୋନୀର ଅଜୟ ବେହେରା, ଏନ୍ଏସି ହଟିଂର ଏମ୍ଡି ଅଜଗର ଓ ବଲାଣି ରେଲୱେ କଲୋନୀର ବିପ୍ର ରାଉତ ହୋଇଥିବା ବଡ଼ବିଲ ଏସ୍ଡିପିଓ ଦେବେନ୍ଦ୍ର ପିଙ୍ଗୁଆ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ରବିବାର ସକାଳେ ବଡ଼ବିଲ ଥାନା ଅନ୍ତର୍ଗତ ସୟାବାଲି ଫୁଟ୍‌ବଲ ପଡ଼ିଆ ନିକଟରେ ଡ୍ରଗ୍ସ ବିକ୍ରି କରିବାକୁ ଜଣେ ବ୍ୟକ୍ତି ଛିଡ଼ା ହୋଇଥିବା ପୋଲିସ ସୂଚନା ପାଇଥିଲା। ପୋଲିସ ଘଟଣାସ୍ଥଳରେ ଚଢ଼ାଉ କରି ବାବୁଲିଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଏକ ଜରିଅଖାରେ ଥିବା ୨୧କିଲୋ ୮୯୫ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ପଚରାଉଚରା ସମୟରେ ବାବୁଲି ଝାଡଖଣ୍ଡ ରାଜ୍ୟରୁ ଗଞ୍ଜେଇ ଆଣି ବଡ଼ବିଲ, ବଲାଣି, ରୁଗୁଡି, ଯୋଡ଼ା ଓ ବାମେବାରୀ ଥାନାଞ୍ଚଳରେ ଖୁଚୁରା ବ୍ୟବସାୟୀଙ୍କୁ ଯୋଗାଉଥିବା କହିଥିଲେ। ଅଧିକ ତଦନ୍ତ କରି ପୋଲିସ ୧୦ ଜଣ ଖୁଚୁରା ବ୍ୟବସାୟୀଙ୍କୁ ଗିରଫ କରିଥିଲା। ସନ୍ଧ୍ୟାରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବଡବିଲ ଥାନା ଇନ୍ସପେକ୍ଟର ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି।

# ସ୍ତ୍ରୀଙ୍କୁ ହାଣିଦେଲେ ସ୍ୱାମୀ

ନୂଆପଡ଼ା,୩୧।୮ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ଥାନା ଖୁଟମନ ଭେରା ଗାଁ କେନାଲପଡ଼ାରେ ରବିବାର ଅପରାହ୍ନରେ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ଦେଇଛନ୍ତି ସ୍ୱାମୀ। ମୃତକ ହେଲେ ତିରିତ କମାର। ପୋଲିସ ଅଭିଯୁକ୍ତ ସ୍ୱାମୀ ସନ୍ତୋଷ କମାରଙ୍କୁ ଗିରଫ କରିଛି। ସନ୍ତୋଷ ଅପରାହ୍ନ ୫ଟାରେ କୌଣସି କାମରେ ବାହାରକୁ ଯାଇ ଘରକୁ ଫେରିଥିଲେ। ସେହି ସମୟରେ ସ୍ତ୍ରୀଙ୍କ ସହିତ ପାଟିତୁଣ୍ଡ ହୋଇଥିଲା। ସନ୍ତୋଷ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ସ୍ତ୍ରୀଙ୍କୁ ପ୍ରହାର କରିଥିଲେ। ବେକରେ ଟାଙ୍ଗିଆ ଚୋଟ ବାଜିବାରୁ ଘଟଣାସ୍ଥଳରେ ହିଁ ତିରିତଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ସନ୍ତୋଷ ଫେରାର୍ ହୋଇଯାଉଥିବା ସମୟରେ ଗ୍ରାମବାସୀ ଧରି ରଶିରେ ବାନ୍ଧି ରଖିଥିଲେ। ଧରମବନ୍ଧା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ଟାଙ୍ଗିଆ ଜବତ କରିଥିଲା। ସନ୍ତୋଷଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି।

# ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ବାରିପଦା,୩୧।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହର ଦାରଗାଡାହିସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ରବିବାର ଅବକାରୀ ବିଭାଗ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୬୧ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଗିରଫ ବେପାରୀ ହେଲେ ତକତପୁର ଭିଆର୍‌ପି କଲୋନୀର ଶମ୍ଭୁ ମୁଖି(୩୫)। ବିଭାଗ ପକ୍ଷରୁ ଏକ ମାମଲା (ନଂ. ୬୦/୨୫) ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି। ସୂଚନାଥାଉ କି, ଶମ୍ଭୁ ପୂର୍ବରୁ ମଧ୍ୟ ବ୍ରାଉନସୁଗାର କାରବାର କରୁଥିବା ନେଇ ଗିରଫ ହୋଇଥିଲେ। ତାଙ୍କ ନାମରେ ପିଆର୍ କେସ୍ (ନଂ. ୧୮/୨୪) ବିଚାରାଧୀନ ରହିଛି।

## Business

# ସହରାଞ୍ଚଳରେ ଘର କିଣିବା ମଧ୍ୟବିତ୍ତଙ୍କ ପାଇଁ ସହଜ ନୁହେଁ

ଭୁବନେଶ୍ୱର,୩୧।୮



ମଧ୍ୟବିତ୍ତ ବର୍ଗର ବ୍ୟକ୍ତିମାନେ ବର୍ତ୍ତମାନ ସହରାଞ୍ଚଳରେ ଘରଟିଏ କରିବା ସ୍ୱପ୍ନ ହୋଇଯାଇଛି। ନାଇଟ ଫ୍ରାଙ୍କ ଇଣ୍ଡିଆ ଏବଂ ଏନଏଆରଇଡିସିଓ ର ଏକ ରିପୋର୍ଟ ଅନୁସାରେ, ୨୦୨୫ର ପ୍ରଥମ ଷାଣ୍ମାସିକରେ କମମ ମୂଲ୍ୟଯୁକ୍ତ ଘରଗୁଡ଼ିକର ବିକ୍ରି ତୁଳନାରେ ନୂଆ ଘର ଲଞ୍ଚ ସଂଖ୍ୟା ମାତ୍ର ଏକ ତୃତୀୟାଂଶ ରହିଛି। ଏହା ରିଅଲ ଏଷ୍ଟେଟ ବଜାରରେ ଆସୁଥିବା ଏକ ବଡ଼ ସଙ୍କଟକୁ ସୂଚାଉଛି। ରିପୋର୍ଟ ମୁତାବକ, ବଜାରରେ ବିକ୍ରି ହେଉଥିବା ପ୍ରତି ତିନୋଟି କମ୍ ମୂଲ୍ୟଯୁକ୍ତ ଘର ପାଇଁ ନିର୍ମାତାମାନେ ମାତ୍ର ଗୋଟିଏ ନୂଆ ଘର ନିର୍ମାଣ କରୁଛନ୍ତି। ଯୋଗାଣ ଏବଂ ଚାହିଦା ମଧ୍ୟରେ ଏହି ବଢୁଥିବା ଅନ୍ତର ଭବିଷ୍ୟତରେ ମଧ୍ୟବିତ୍ତ ପରିବାରଙ୍କ ପାଇଁ ଘର କିଣିବା ସ୍ୱପ୍ନ ସାକାର ହେବାକୁ ଦେବ ନାହିଁ। ରିପୋର୍ଟ ଅନୁସାରେ, ୨୦୧୮ ମସିହାରେ ମୋଟ ଲଞ୍ଚ ହୋଇଥିବା ଘରଗୁଡ଼ିକରେ କମ୍ ମୂଲ୍ୟଯୁକ୍ତ ବର୍ଗର ଅଂଶ ୫୨.୪% ଥିଲା, କିନ୍ତୁ ୨୦୨୫ ମସିହାରେ ଏହା ଚିନ୍ତାଜନକ ଭାବେ ହ୍ରାସ ପାଇ ୧୭.୧% ହୋଇଛି। ରିପୋର୍ଟ ଅନୁସାରେ, ଏହି ବଡ଼ ହ୍ରାସର ମୁଖ୍ୟ କାରଣ ହେଉଛି ଜମିର ମୂଲ୍ୟ ବୃଦ୍ଧି, ନିର୍ମାଣ ଖରଚରେ ବୃଦ୍ଧି ଏବଂ କମ ଲାଭ। ଏହି କାରଣରୁ ନିର୍ମାତାମାନେ ଏହି ବର୍ଗରୁ ମୁହଁ ଫେରାଇ ନେଇଛନ୍ତି। ଲଞ୍ଚ-ଟୁ-ସେଲ୍ସ ଅନୁପାତ ୨୦୨୦ ମସିହାରେ ୧.୨୦ ଥିଲା, ଯାହା ୨୦୨୫ରେ ୦.୩୬କୁ ହ୍ରାସ ପାଇଛି। ଅର୍ଥାତ୍ ୨୦୨୦ ମସିହାରେ ପ୍ରତି ବିକ୍ରି ହେଉଥିବା ଘର ପାଇଁ ୧.୨ ନୂଆ ଘର ଲଞ୍ଚ ହେଉଥିଲା, କିନ୍ତୁ ଏବେ ମାତ୍ର ୦.୩୬ ରହିଛି। ଏହା ସ୍ପଷ୍ଟ ସଙ୍କେତ ଦେଉଛି ଯେ ନିର୍ମାତାମାନେ ନୂଆ କମ୍ ମୂଲ୍ୟଯୁକ୍ତ ପ୍ରୋଜେକ୍ଟ ଆରମ୍ଭ କରିବାକୁ ଇଚ୍ଛୁକ ନାହାନ୍ତି, ଯାହା ଫଳରେ ବଜାରରେ ଉପଲବ୍ଧ ଘରଗୁଡ଼ିକର ଷ୍ଟକ ଦ୍ରୁତ ଗତିରେ ହ୍ରାସ ପାଉଛି। ଏହି ସଙ୍କଟ ଦେଶର ଘର କିଣୁଥିବା ଲୋକଙ୍କ ଉପରେ ଦୁଇଗୁଣ ମାଡ଼ ପକାଉଛି। ଗୋଟିଏପଟେ ସହରମାନଙ୍କରେ ଘରଗୁଡ଼ିକର ବିକଳ୍ପ ଦ୍ରୁତ ଗତିରେ ହ୍ରାସ ପାଉଛି, ଅନ୍ୟପଟେ ଲୋକଙ୍କର କିଣିବା କ୍ଷମତା ମଧ୍ୟ କମୁଛି। ଆର୍ଥିକ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ୍) ପରିବାରମାନଙ୍କ ପାଇଁ ଘରର ଇଏମଆଇ ଏବଂ ଆୟର ଅନୁପାତ ୨୦୨୦ରେ ୪୩% ଥିଲା, ଯାହା ଏବେ ବଢ଼ି ୬୦% ହୋଇଛି, ଯାହା ଆର୍ଥିକ ଚାପକୁ ସୂଚାଉଛି। ୨୦୨୫ର ପ୍ରଥମ ୬ମାସର ତଥ୍ୟ ଅନୁସାରେ ବଜାରରେ ବିକ୍ରି ହେଉଥିବା ପ୍ରତି ୧୦୦ ସସ୍ତା ଘର ପାଇଁ ଡେଭେଲପରମାନେ ମାତ୍ର ୩୬ଟି ନୂଆ ଘର ନିର୍ମାଣ କରୁଛନ୍ତି, ଯାହା ଯୋଗାଣର ଗମ୍ଭୀର ସଙ୍କଟ ସୃଷ୍ଟି କରୁଛି। ଯୋଗାଣ କମିବା ଏବଂ ଚାହିଦା ବଜାୟ ରହିବା ଫଳରେ ଭବିଷ୍ୟତରେ ଆବାସିକ ଘରଗୁଡ଼ିକର ମୂଲ୍ୟରେ ତୀବ୍ର ବୃଦ୍ଧି ହେବାର ଆଶଙ୍କା ରହିଛି, ଯାହା ଘର କିଣିବାକୁ ଆହୁରି ମହଙ୍ଗା କରିଦେବ। ଭାରତର ସହରାଞ୍ଚଳରେ ବର୍ତ୍ତମାନ ୯୪ ଲକ୍ଷ ଆବାସ ଇଉନିଟର ଅଭାବ ରହିଛି।

# ଅନୁଗୋଳରେ ଖୋଲିଲା ଖିମ୍‌ଜୀ ଜୁଏଲର୍ସ



ଅନୁଗୋଳ,୩୧।୮ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଶଙ୍କର ସିନେମା ରୋଡ୍‌ଠାରେ ରବିବାର ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ରାଜ୍ୟର ୧୦ମ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୬୦୦୦ ବର୍ଗ ଫୁଟର ଏହି ଶୋ'ରୁମ୍ ସହର ମଧ୍ୟରେ ସର୍ବ ବୃହତ୍ତମ ଗହଣା ଦୋକାନ ଭାବେ ଖିମ୍‌ଜୀ ଏହାକୁ ଉଦ୍‌ଘାଟନକରି ପ୍ରକାଶ କରିଛନ୍ତି। ଏହି ଉଦ୍‌ଘାଟନ ସମାରୋହରେ ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ, ଖିମ୍‌ଜୀ ଜୁଏଲର୍ସ ନିର୍ଦ୍ଦେଶକ ସୁମିତ ଖିମ୍‌ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସୁନା, ହୀରା, ପ୍ଲାଟିନମ ଏବଂ ରୁପା ଅଳଙ୍କାର ସହ ଫ୍ୟାଶନ ଜୁଏଲେରି ଏବଂ କର୍ପୋରେଟ୍ ଉପହାର ଉପଲବ୍ଧ ହେବ। ପ୍ରଥମ ଦିନରେ ଗ୍ରାହକମାନେ ସୁନା ଅଳଙ୍କାର ଗଢ଼ା ମଜୁରିରେ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି, ରୁପା ଓଜନ ବସ୍ତୁର ଗଢ଼ା ମଜୁରିରେ ୨୫% ରିହାତି, ରୁପା ଏବଂ ଫ୍ୟାଶନ ଜୁଏଲେରି ଏମ୍ଆର୍‌ପିରେ ୧୫% ରିହାତି ଏବଂ କଳାକୃତି (ଆର୍ଟେଫ୍ୟାକ୍ଟସ) ଉପରେ ୧୦% ରିହାତି ପାଇବେ। ସୂଚନା ଥାଉ କି ଖିମ୍‌ଜୀର ଭୁବନେଶ୍ୱରରେ ୪ଟି, କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ, ଝାରସୁଗୁଡ଼ା ଏବଂ ଅନୁଗୋଳରେ ଗୋଟିଏ ଲେଖାଏ ଶୋ'ରୁମ୍ ରହିଛି। ଯାଜପୁରରେ ଖୁବ୍‌ଶୀଘ୍ର ଆଉ ଏକ ଷ୍ଟୋର ଖୋଲାଯିବ ବୋଲି ସୂଚନା ରହିଛି। ଏହିଅବସରରେ ମିତେଶ ଖିମଜୀ କହିଛନ୍ତି, ଅନୁଗୋଳରେ ବହୁଦିନ ଧରି ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପାୱାର ହାଉସ ହୋଇରହିଛି ।

# ତନିସ୍କର ହୀରା ପ୍ରଦର୍ଶନୀ

ଭୁବନେଶ୍ୱର,୩୧।୮ (ଅନୁରାଧା ମହାରଣା)



ଦେଶର ଅନ୍ୟତମ ଅଗ୍ରଣୀ ଗହଣା ରିଟେଲ୍ ବ୍ରାଣ୍ଡ ତନିସ୍କ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ପ୍ରାକୃତିକ ହୀରାର ସ୍ୱତନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଠାରେ ୩୫ଟି ଏକ୍ସକ୍ଲୁସିଭ୍ ଡିଜାଇନର ହୀରା ଗହଣା ପ୍ରଦର୍ଶିତ ହୋଇଥିଲା। ଏହାସହ ପ୍ରାକୃତିକ ହୀରାମାନ ଚିହ୍ନଟ କରୁଥିବା ହାଇଟେକ୍ ମେଶିନ ଲାଇଟ୍ ସ୍କୋପ୍ ଓ ସିନ୍ଥ ଡିଟେକ୍ଟର ପ୍ରଦର୍ଶିତ ହୋଇଥିଲା। ତନିସ୍କର ୪ ଉତ୍କୃଷ୍ଟ କଲେକ୍ସନ 'ରେଡିଆନ୍ସ ଇନ୍ ରିଦିମ୍', 'ଇଲାନ୍', 'ଅନବାଉଣ୍ଡ' ଓ 'ଏନ୍‌ଚାଣ୍ଟେଡ୍ ଟ୍ରେଲସ୍' ଗ୍ରାହକଙ୍କୁ ଆକୃଷ୍ଟ କରିଥିଲା। ଏହି ଅବସରରେ ତନିସ୍କର ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପରମାଣିକ କହିଛନ୍ତି, ଏହି ପ୍ରଦର୍ଶନୀ ମାଧ୍ୟମରେ ଭୁବନେଶ୍ୱରରେ ନୂଆ ପ୍ରାକୃତିକ ହୀରା ଗହଣାର ସମ୍ଭାର ଆସି ପହଞ୍ଚିଛି। ଏହା ଗ୍ରାହକଙ୍କୁ ଭରସାଯୋଗ୍ୟ ଉତ୍ସରୁ ସଂଗୃହୀତ ପ୍ରାକୃତିକ ହୀରା ଚୟନ କରିବାରେ ସାହାଯ୍ୟ କରୁଛି। ତନିସ୍କର ବିଜ୍‌ନେସ୍ ଆସୋସିଏଟ୍ ଯୋଗେନ୍ଦ୍ର ହଂସ୍ କହିଛନ୍ତି, ତନିସ୍କ ଟାଟା ଗ୍ରୁପ୍ ପକ୍ଷରୁ ପ୍ରସ୍ତୁତ ଭାରତର ବହୁ ପସନ୍ଦଯୋଗ୍ୟ ଗହଣା ବ୍ରାଣ୍ଡ। ଆକର୍ଷଣୀୟ କାରିଗରି, ସ୍ୱତନ୍ତ୍ର ଡିଜାଇନ, ଉତ୍ତମ ଗୁଣବତ୍ତାଯୁକ୍ତ ଉତ୍ପାଦ ସହ ଏହା ୨୫ ବର୍ଷ ଧରି ଗ୍ରାହକଙ୍କ ସେବା କରିଆସୁଛି। କ୍ୟାରେଟ ମିଟରରେ ସୁନାର ଶୁଦ୍ଧତା ମାପିବାରେ ତନିସ୍କ ପ୍ରଥମ ହୋଇଥିବାବେଳେ ବର୍ତ୍ତମାନ ହୀରାର ଗୁଣବତ୍ତା ନିର୍ଣ୍ଣୟ ପାଇଁ ଡାଇମଣ୍ଡ ମିଟର ବ୍ୟବହାର ଆରମ୍ଭ କରିବାକୁ ଯାଉଛି। ତନିସ୍କର ଏରିଆ ବିଜ୍‌ନେସ୍ ମ୍ୟାନେଜର କୌଶିକ ବାନାର୍ଜୀ କହିଛନ୍ତି, ହୀରା ଏପରି ଏକ ରତ୍ନ ଯାହାକି ଡାଇନୋସରର ଜନ୍ମ ପୂର୍ବରୁ ପୃଥିବୀ ପୃଷ୍ଠରେ ଉପଲବ୍ଧ। ପ୍ରାକୃତିକ ହୀରା ଭୂଗର୍ଭରେ ପ୍ରଚୁର ଚାପ ମଧ୍ୟରେ ପ୍ରସ୍ତୁତ ହୋଇଥାଏ। ଆଇଫେଲ୍ ଟାୱାରକୁ ଓଲଟାଇବାକୁ ଯେତିକି ଚାପ ଆବଶ୍ୟକ ସେତିକି ଚାପ ଦ୍ୱାରା ହୀରା ପ୍ରସ୍ତୁତ ହୋଇଥାଏ। ହୀରା ଅତ୍ୟନ୍ତ ଦୁର୍ଲଭ ପଦାର୍ଥ। ବର୍ତ୍ତମାନ ସୁଦ୍ଧା ଯେତିକି ହୀରା ଖନନ ହୋଇଛି ତାହା କେବଳ ଏକ ଡବଲ ଡେକର ବସ୍‌ରେ ରଖାଯାଇପାରିବ। ୧୯୭୨ରେ ଭୂବିଜ୍ଞାନୀଙ୍କୁ ହୀରାଖଣିରେ ପହଞ୍ଚାଇବାରେ ଉଇ ସାହାଯ୍ୟ କରିଥିବା କୌଶିକ କହିଛନ୍ତି। ଭାଓଲିନ୍ ବ୍ରଦର୍ସଙ୍କ ପ୍ରଦର୍ଶନ ଏବଂ ର୍ୟାମ୍ପ ୱାକ୍ କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା।

# ଅକ୍ଟୋବର ୩୧ ପୂର୍ବରୁ ଆଇଟିଆର ଦାଖଲ

ଭୁବନେଶ୍ୱର,୩୧।୮

ଆୟକର ବିଭାଗ ଚଳିତ ବର୍ଷ ଆୟକର ରିଟର୍ଣ୍ଣ ଦାଖଲ କରିବାର ଅନ୍ତିମ ତାରିଖକୁ ୩୦ ଜୁଲାଇରୁ ବୃଦ୍ଧି କରି ୧୫ ସେପ୍ଟେମ୍ବର କରିଛି। ଏହା ଦ୍ୱାରା କରଦାତାମାନଙ୍କୁ ନିଜର ଆୟକର ରିଟର୍ଣ୍ଣ ଦାଖଲ କରିବା ପାଇଁ ଅତିରିକ୍ତ ୪୬ ଦିନ ସମୟ ମିଳିଛି। ଏହି ସମୟ ସେହି କରଦାତାମାନଙ୍କୁ ମିଳିଛି, ଯାହାଙ୍କ ଖାତାର ଅଡ଼ିଟ କରାଇବା ଆବଶ୍ୟକ ନୁହେଁ। ଯେଉଁ କରଦାତାମାନଙ୍କ ଖାତାର ଅଡ଼ିଟ ଆବଶ୍ୟକ, ସେମାନଙ୍କୁ ୩୧ ଅକ୍ଟୋବର ୨୦୨୫ ପୂର୍ବରୁ ନିଜର ଆୟକର ରିଟର୍ଣ୍ଣ ଦାଖଲ କରିବାକୁ ହେବ।

# ପାୱାର ଗ୍ରୀଡ୍‌କୁ ସ୍କୋପ୍ ଏମିନେନ୍ସ ଆୱାର୍ଡ

ଭୁବନେଶ୍ୱର,୩୧।୮



ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ମହାରତ୍ନ ସାର୍ବଜନିକ କ୍ଷେତ୍ର ଉଦ୍ୟୋଗ (ସିପିଏସ୍‌ୟୁ) ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାର ଗ୍ରୀଡ୍) ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ସ୍କୋପ୍ ଏମିନେନ୍ସ ଆୱାର୍ଡ ହାସଲ କରିଛି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ ସମାରୋହରେ ପାୱାର ଗ୍ରୀଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ତ୍ୟାଗୀ ଏବଂ ନିର୍ଦ୍ଦେଶକ (ପର୍ସୋନେଲ) ଡ. ଯତୀନ୍ଦ୍ର ଦ୍ୱିବେଦୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ ଅର୍ଥ ମନ୍ତ୍ରଣାଳୟର ଡିପିଇ ସଚିବ କେ. ମୋସେସ ଚାଲାଇ ଉପସ୍ଥିତ ଥିଲେ। ଏହାସହ ସିପିଏସ୍‌ୟୁ, ସ୍କୋପ୍ ଏବଂ ପାୱାର ଗ୍ରୀଡ୍‌ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ପୁରସ୍କାର ପାୱାର ଗ୍ରୀଡ୍‌ର ଉନ୍ନତ ମାନବ ସମ୍ବଳ ଅଭ୍ୟାସକୁ ସମ୍ମାନିତ କରିଛି, ଯାହା କର୍ମଚାରୀ କେନ୍ଦ୍ରିତ ନୀତି, ନିରନ୍ତର ଦକ୍ଷତା ବିକାଶ, ନେତୃତ୍ୱ ବିକାଶ ଏବଂ ସଂସ୍ଥା ଭିତରେ ନୂତନତ୍ୱ, ସମାବେଶୀକରଣ ଏବଂ ସାମଗ୍ରିକ କଲ୍ୟାଣର ସଂସ୍କୃତିକୁ ପ୍ରୋତ୍ସାହନ ଦେଇଥାଏ। ଚଳିତବର୍ଷ ଜୁଲାଇ ଶେଷ ସୁଦ୍ଧା ପାୱାର ଗ୍ରୀଡ୍ ୨୮୬ଟି ସବ୍‌ଷ୍ଟେଶନ ଏବଂ ୧,୮୦,୮୪୯ କି.ମି.ରୁ ଅଧିକ ଟ୍ରାନ୍ସମିସନ ଲାଇନ ନିର୍ମାଣ ଓ ପରିଚାଳନା କରୁଛି। ଏହାସହ ୫,୭୪,୩୩୧ ଏମ୍‌ଭିଏ ଟ୍ରାନ୍ସଫର୍ମେସନ କ୍ଷମତା ମଧ୍ୟ ରହିଛି। ନୂତନ ପ୍ରଯୁକ୍ତି, ସ୍ୱୟଂଚାଳନ ଏବଂ ଡିଜିଟାଲ ସମାଧାନର ବ୍ୟବହାର ମାଧ୍ୟମରେ ପାୱାର ଗ୍ରୀଡ୍ ୯୯.୮୫%ରୁ ଅଧିକ ଟ୍ରାନ୍ସମିସନ ସିଷ୍ଟମ ଉପଲବ୍ଧତା ବଜାୟ ରଖିଛି।

# କଳିଙ୍ଗରେ 'ସାଇକେଲ ସହିତ ରବିବାର' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପତାକା ଦେଖାଇ 'ସାଇକେଲ ସହିତ ରବିବାର' କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ଅଗଷ୍ଟ ୨୯ରୁ ୩୧ ପର୍ଯ୍ୟନ୍ତ ୩ ଦିନ ଧରି ସାରା ଦେଶରେ ପାଳିତ ହୋଇଯାଇଛି ଜାତୀୟ କ୍ରୀଡ଼ା ଦିବସ। ଏହି ଅବସରରେ ରବିବାର ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ ଖେଳ ପ୍ରାଧିକରଣ ଏବଂ ଓଡ଼ିଶା ସାଇକେଲିଂ ଆସୋସିଏଶନ୍‌ର ମିଳିତ ଆନୁକୂଲ୍ୟରେ 'ସାଇକେଲ ସହିତ ରବିବାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ସାଇକେଲ୍ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ''ଜାତୀୟ କ୍ରୀଡ଼ା ଦିବସ କେବଳ କ୍ରୀଡ଼ାବିତ୍‌ଙ୍କ ପାଇଁ ନୁହେଁ, ବରଂ ସମସ୍ତ ଜନସାଧାରଣଙ୍କୁ ଏକ ସୁସ୍ଥ ଓ ନିରାମୟ ଜୀବନଚର୍ଯ୍ୟା ଆପଣାଇବା ପାଇଁ ବାର୍ତ୍ତା ପ୍ରଦାନ କରିଥାଏ। ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ଆମେ ସମସ୍ତଙ୍କୁ ଫିଟ୍ ରହିବା ପାଇଁ ପ୍ରୋତ୍ସାହିତ କରୁଛୁ। ଏକ ସୁସ୍ଥ ଓ ନିରାମୟ ଜୀବନଯାପନ ପାଇଁ କେବଳ ଆଜି ନୁହେଁ, ବରଂ ଦୈନିକ ଯୋଗ ଓ ବ୍ୟାୟାମ କରିବା, ସାଇକେଲ ଚଳାଇବା ଆଦି କାର୍ଯ୍ୟକୁ ଆମ ଦୈନନ୍ଦିନ ଜୀବନରେ ସାମିଲ କରିବା ଉଚିତ''ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। ଏଥିରେ ବହୁ ଜନସାଧାରଣ ଭାଗନେଇ ଫିଟ୍‌ନେସ୍ ଓ ଏକତାର ବାର୍ତ୍ତା ସଞ୍ଚାର କରିବା ସହିତ ଏକ ସୁସ୍ଥ ଓ ନିରାମୟ ଜୀବନଶୈଳୀ ଯାପନ କରିବା ନିମନ୍ତେ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସଭାପତି ମିନତି ମହାପାତ୍ର, ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲର ସିଇଓ ଦୀପଙ୍କର ମହାପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଚତୁର୍ଥ ରାଉଣ୍ଡରେ ସିନର, ସ୍ୱିଟେକ

## ୟୁଏସ୍ ଓପନରୁ ଜେରେଭ ବିଦା

ନ୍ୟୁୟର୍କ, ୩୧।୮: ଡିଫେଣ୍ଡିଂ ଚାମ୍ପିୟନ ତଥା ୱାର୍ଲ୍ଡ ନଂ-୧ ଜାନିକ ସିନର ଓ ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ ଇଗା ସ୍ୱିଟେକ ଚଳିତ ଟେନିସ ସିଜନର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ତୃତୀୟ ସିଡ୍ ଆଲେକଜାଣ୍ଡର ଜେରେଭ ଓ ୧୪ତମ ସିଡ୍ ଟମି ପଲ ପରାଜୟ ସହ ବିଦାୟ ନେଇଛନ୍ତି।

ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସିନର ୫-୭, ୬-୪, ୬-୩, ୬-୩ ସେଟ୍‌ରେ ୨୭ତମ ସିଡ୍ ଡେନିସ ଶାପୋଭାଲୋଭ୍‌ଙ୍କୁ ଓ ୧୫ତମ ସିଡ୍ ଆଣ୍ଡ୍ରେ ରୁବଲେଭ ୨-୬, ୬-୪, ୬-୩, ୪-୬, ୬-୩ ସେଟ୍‌ରେ କୋଲେମାନ ୱଙ୍ଗଙ୍କୁ ହରାଇଛନ୍ତି। ସେହିଭଳି ୨୩ତମ ସିଡ୍ ଆଲେକଜାଣ୍ଡର ବବ୍ଲିକ ୭-୬ (୭/୫), ୬-୭(୪/୭), ୬-୩, ୬-୭(୫/୭), ୬-୧ ସେଟ୍‌ରେ ପଲଙ୍କୁ ଓ ୨୫ତମ ସିଡ୍ ଫେଲିକ୍ସ ଅଗର ଆଲିଆସିମ ୪-୬, ୭-୬(୯/୭), ୬-୪, ୬-୪ ସେଟ୍‌ରେ ଜେରେଭଙ୍କୁ ପରାସ୍ତ କରିଛନ୍ତି। ଅଷ୍ଟମ ସିଡ୍ ଆଲେକ୍ସ ଡି ମିନାଉର ଓ ଲେଆଣ୍ଡ୍ରୋ ରିଏଡି ୱାକଓଭର ପାଇ ଆଗକୁ ବଢ଼ିଛନ୍ତି।

ମହିଳା ସିଙ୍ଗଲ୍ସରେ ସ୍ୱଟେକ ୭-୬(୭/୨), ୬-୪ ସେଟ୍‌ରେ ଆନା କାଲିନସ୍କାୟାଙ୍କୁ ହରାଇଛନ୍ତି। ତାଙ୍କ ଭଳି ଅଷ୍ଟମ ସିଡ୍ ଆମାଣ୍ଡା ଆନିସିମୋଭା ୬-୪, ୪-୬, ୬-୨ ସେଟ୍‌ରେ ଜ୍ୟାକଲିନ କ୍ରିଷ୍ଟିଆନଙ୍କୁ, ୧୩ତମ ସିଡ୍ ଏକାଟେରିନା ଆଲେକଜାଣ୍ଡ୍ରୋଭା ୬-୦, ୬-୧ ସେଟ୍‌ରେ ଲୌରା ସିଜମୁଣ୍ଡଙ୍କୁ ଓ ୧୮ତମ ସିଡ୍ ବିଆଟ୍ରିଜ ହାଦାଦ ମାଇଆ ୬-୧, ୬-୨ ସେଟ୍‌ରେ ମାରିଆ ସାକାରିଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଈଶା ଗ୍ରାମୋତ୍ସବମ୍: ଦେଉଳି ଚାମ୍ପିୟନ

ଭୁବନେଶ୍ୱର, ୩୧।୮ (ଅନାଦି କର)

ଈଶା ଫାଉଣ୍ଡେଶନ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଈଶା ଗ୍ରାମୋତ୍ସବମ୍‌ରେ ଖୋର୍ଦ୍ଧା ଜିଲାର ସିକୋ, ସାରୁଅ ଓ ଦେଉଳି ଗାଁର ମହିଳା ଓ ସରପଞ୍ଚମାନେ ଭାଗ ନେଇଥିଲେ। ୬ ମହିଳା ଦଳକୁ ନେଇ ହୋଇଥିବା ଥ୍ରୋବଲ୍ ପ୍ରତିଯୋଗିତାରେ ଦେଉଳି ଚାମ୍ପିୟନ ହୋଇଥିବା ବେଳେ ସିକୋ ରନରଅପ୍ ଓ ସାରୁଅ ୱାରିଅର୍ସ ଦ୍ୱିତୀୟ ରନରଅପ୍ ହୋଇଥିଲା। ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ।

# ନବରଞ୍ଜନ ସଭାପତି, ପ୍ରଫୁଲ୍ଲ ସମ୍ପାଦକ

ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)

ଭୁବନେଶ୍ୱର ଭେଟେରାନ୍ ପ୍ଲେୟର୍ସ ଫୁଟ୍‌ବଲ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ଓ କର୍ମକର୍ତ୍ତା ମନୋନୟନ ରବିବାର ମଦର୍ସ ସ୍କୁଲ ଅଡିଟୋରିୟମ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଞ୍ଜନ ପଟ୍ଟନାୟକ ସଭାପତି, ବିରଞ୍ଚି ନାରାୟଣ ମହାନ୍ତି, ବିବେକାନନ୍ଦ ଦାସ, ସୁକାନ୍ତ ଆଚାର୍ଯ୍ୟ, ପ୍ରଦୀପ କୁମାର ବଳିୟାରସିଂ, ପ୍ରଦୀପ କୁମାର ଦଣ୍ଡପାଟ ଉପସଭାପତି, ପ୍ରଫୁଲ୍ଲ କୁମାର ମିଶ୍ର ସମ୍ପାଦକ, ଚିନ୍ମୟ କୁମାର ଦାସ, ପ୍ରଶାନ୍ତ କୁମାର ପ୍ରଧାନ ସହସମ୍ପାଦକ, ଶ୍ରୀମନ୍ତ କୁମାର ମହାନ୍ତି କୋଷାଧ୍ୟକ୍ଷ ଏବଂ ଶ୍ରୀକାନ୍ତ ସାହୁ, ବିଳାସ ଚନ୍ଦ୍ର ବେହେରା, ଅଶୋକ କୁମାର ରାଉତରାୟ, ମଧୁସୂଦନ ଦାସ, ପ୍ରଦୀପ କୁମାର ଦାସ, ଦେବାଶିଷ ନାୟକ, ପ୍ରସନ୍ନ ଦାସ, ମହେଶ୍ୱର ସିଂ ଓ ବିଜୟ ବେହେରା କାର୍ଯ୍ୟନିର୍ବାହୀ ସଦସ୍ୟ ମନୋନୀତ ହୋଇଛନ୍ତି। ଏଥିସହ ଆସୋସିଏଶନର ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଏଥିରେ ଆଲୋଚନା ହୋଇଥିଲା।

# ରାଜ୍ୟ ଓପନ ଚେସ୍: ସଞ୍ଜୀବନ ଚାମ୍ପିୟନ

ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ରାକେଶ କୁମାର ସାହୁ ସ୍ମାରକୀ ଓପନ୍ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ଏହି ପ୍ରତିଯୋଗିତାରେ ପୂରା ୫ ପଏଣ୍ଟ ପାଇ ସଞ୍ଜୀବନ ନାୟକ ଚାମ୍ପିୟନ ହୋଇଛନ୍ତି। ଓମ୍ ଆଦିତ୍ୟ ଖାଡ଼ଙ୍ଗା, ସ୍ୱପ୍ନିଲ ପ୍ରିୟଦର୍ଶୀ, ସୌମ୍ୟରଞ୍ଜନ ମିଶ୍ର, ଶୁଭେନ୍ଦୁ କୁମାର ପାତ୍ର, ରଜତ୍ ରଞ୍ଜନ ମହାନ୍ତି ଓ ସତ୍ୟଜିତ୍ ପଟ୍ଟନାୟକ ପରବର୍ତ୍ତୀ ୬ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୯ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପାରାଦୀପସ୍ଥିତ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନର ବିଜ୍‌ନେସ ଡେଭେଲପ୍‌ମେଣ୍ଟ ଅଫିସର ରାଜେଶ କୁମାର ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏଥିରେ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ରାକେଶ କୁମାର ସାହୁଙ୍କ ବାପା ରବୀନ୍ଦ୍ର ସାହୁ ଉପସ୍ଥିତ ଥିଲେ।


**ODISHA POLICE STATE HEADQUARTERS Cuttack**

Odisha Police

**Office of the D.G. & I.G. of Police, Odisha, Cuttack**

Tel. : 0671-2304001, Website : www.odishapolice.gov.in,
Email : dirscrb.odpol@od.gov.in

**No.D-191** : Online Bids through e-Tender Portal https://tendersodisha.gov.in are invited from the eligible bidders of Palm Print Live Scanner with Enrollment Software & Web camera for Odisha Police during the current financial year, 2025-26 as per the particulars mentioned below.

| Sl. No. | Name of Item | Approximate quantity |
|---|---|---|
| 1. | 05-RFP-Plam Print Live Scanner-2025-26 | For SCRB :- 50 Nos. Total : 50 Nos. |

| Sl. No. | Particulars | Date | Time |
|---|---|---|---|
| 1 | Date & Time of release of bid | 30.08.2025 | 05 PM |
| 2 | Date & Time of Pre Bid meeting Queries to be submited on Mail ID : dirscrb.odpol@od.gov.in by 06.09.2025 by 05.00 PM | In this connection a pre-proposal meeting will be held in virtual mode based on the request receive from bidder and the link will be sent through mail for the meeting. The pre-bid date is tentatively nature and subjected to postponement which be duly in formed through mail intimated through Mail dirscrb.odpol@od.gov.in Venue_O/o the SCRB, Rasulgarh, Bhubaneswar | |
| 3 | Publication of Corrigendum to RFP (if any) in the website | After complication of Query meeting | |
| 4 | Date & Time of online bid submission | Start Date & Time 08.09.2025 05 PM | End date & Time 18.09.2025 05 PM |
| 5 | Date & Time for online Technical bid opening | 19.09.2025 05 PM | |
| 6 | Date of presentation of solution of e-tender / Technical Bid evaluation | To be informed to the participated bidders | |
| 7 | Date of Price bid opening | To be informed to the qualified bidders | |

The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

Sd./- A.I.G. of Police (Provisioning,)
Odisha, Cuttack
(Tender Calling Authority)

OIPR-12029/11/0100/2526



**ବ୍ରଜରାଜନଗର ପୌର ପରିଷଦ, ବ୍ରଜରାଜନଗର**

No. DSPL - 230: ବ୍ରଜରାଜନଗର ପୌର ପରିଷଦ ସହରାଞ୍ଚଳର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀମାନଙ୍କୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ପାଳନ ଅବସରରେ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି।
ବ୍ରଜରାଜନଗର ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଏବଂ ସାମଗ୍ରିକ ବିକାଶ ଆମର ଲକ୍ଷ୍ୟ।
**ଆମର ଲକ୍ଷ୍ୟ:** ସବୁଜ ସୁନ୍ଦର ତଥା ସ୍ୱଚ୍ଛ ପରିବେଶ, ବ୍ରଜରାଜନଗର

ସ୍ୱା./- ନିର୍ବାହୀ ଅଧିକାରୀ, ବ୍ରଜରାଜନଗର ପୌର ପରିଷଦ
ଶ୍ରୀଯୁକ୍ତ କ୍ରିଷ୍ଣା ଗୋପାଳ ସିତାନୀ, ନଗରପାଳ
ଏବଂ ପରିଷଦର ସମସ୍ତ ସଦସ୍ୟ/ସଦସ୍ୟା ବୃନ୍ଦ
ବ୍ରଜରାଜନଗର ପୌର ପରିଷଦ

OIPR-13099/13/0065/2526



**OFFICE OF THE SORO MUNICIPALITY, SORO, BALASORE**

Tel. Phone No.: 06788-221262, Email ID: soromunicipality@gmail.com

No. DSPL - 234: ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଅବସରରେ ସୋର ପୌରପାଳିକା ତରଫରୁ ଶିକ୍ଷା, କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ମାଟି ସୋର ପୌରପାଳିକାର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ, ବୁଦ୍ଧିଜୀବୀ, ମହିଳା, ଛାତ୍ରଛାତ୍ରୀ, ସର୍ବୋପରି ସବୁ କ୍ଷେତ୍ରରେ ଦେଶ ଓ ରାଜ୍ୟ ପାଇଁ ଗର୍ବ ଆଣିଦେଇଥିବା ଏହି ମାଟିର ଯଶସ୍ୱୀ ଯୋଦ୍ଧା ସୈନିକ, କ୍ରୀଡ଼ାବିତ୍, ଶିକ୍ଷାବିତ୍, ସାହିତ୍ୟିକ, ପ୍ରବନ୍ଧକ, ପ୍ରଶାସକ, ରାଜନୈତିକ ବ୍ୟକ୍ତିତ୍ୱ, ସମାଜସେବୀ ଆଦି ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭ କାମନା ଜଣାଇବା ସହିତ ସୋର ମାଟିର ଆହୁରି ଉତ୍ତୋରତ୍ତର ସମୃଦ୍ଧି ସହିତ ଏକ ସ୍ୱଚ୍ଛ, ସବୁଜ ଓ ଶାନ୍ତ ସ୍ୱର ସହର ଗଠନ ପାଇଁ ଆପଣଙ୍କର ସହଯୋଗ ଏକାନ୍ତ କାମ୍ୟ।

କାର୍ଯ୍ୟନିର୍ବାହୀ ଅଧିକାରୀ, ସୋର ପୌରପାଳିକା
ଭାରପ୍ରାପ୍ତ ଅଧକ୍ଷା ଏବଂ ସମସ୍ତ ପାରିଷଦବୃନ୍ଦ, ସୋର ପୌରପାଳିକା

OIPR-13166/13/0012/2526



**ଚୌଦ୍ୱାର ପୌର ପରିଷଦ, ଚୌଦ୍ୱାର**

No. DSPL-231: ଚୌଦ୍ୱାର ପୌରପରିଷଦ ଅଞ୍ଚଳର ଗୋଡ଼ିପାଟଣାସ୍ଥିତ ଇନ୍ଦୁପୂର୍ଣ୍ଣିମା ମହୋତ୍ସବ ଅବସରରେ ନଗରବାସୀଙ୍କର ସର୍ବଦା ଉନ୍ନତି କାମନା କରି ଶୁଭେଚ୍ଛା ଜଣାଇବା ସହିତ ନିମ୍ନ ପଦକ୍ଷେପ ନେବା ନିମନ୍ତେ ପୌରବାସୀଙ୍କ ସହଯୋଗ କାମନା କରୁଅଛୁ। ସମସ୍ତ ୱାର୍ଡ଼ର ଜନସାଧାରଣଙ୍କ ସୁବିଧା ଅନୁଯାୟୀ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ ଆମ୍ଭେ ସଙ୍କଳ୍ପବଦ୍ଧ। ଆସନ୍ତୁ ଆମ୍ଭେ ସମସ୍ତେ ମିଳିମିଶି ଏକ ବିକାଶଶୀଳ ଓ ସମୃଦ୍ଧ ଚୌଦ୍ୱାର ଗଠନ କରିବାରେ ସହାୟକ ହେବା ଏବଂ ଚୌଦ୍ୱାରକୁ ଏକ ସୁନ୍ଦର ଓ ପ୍ରଗତିଶୀଳ ପରିଷଦଭାବେ ଗଢ଼ିତୋଳିବା।

**ନିମ୍ନଲିଖିତ ଯୋଜନା ଗୁଡ଼ିକୁ ଆମ ସହରର ଉନ୍ନତି ପାଇଁ ଆମ୍ଭେ ସେବା ପ୍ରଦାନ କରିଆସୁଅଛୁ**


୧. ଆପଣଙ୍କର ପ୍ରଦତ୍ତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି। ଏଣୁ ସଠିକ୍ ସମୟରେ ଘର ଏବଂ ଆଲୋକ ଟିକସ, ଦୋକାନ ଘର ଭଡ଼ା, ଲାଇସେନ୍ସ ଫି, ୟୁଜର୍ସ ଫି ପଇଠ କରନ୍ତୁ।
୨. ଚୌଦ୍ୱାର ପୌର ପରିଷଦର ସମସ୍ତ ବକେୟା କର ପୈଠ କରନ୍ତୁ ଓ ସରକାରଙ୍କ ସମସ୍ତ ସୁବିଧାକୁ ଉପଭୋଗ କରନ୍ତୁ।
୩. ଚୌଦ୍ୱାର ପୌର ପରିଷଦର ମୂଲ୍ୟବାନ ସରକାରୀ ଜମି ଗୁଡ଼ିକୁ ବେଆଇନ ଭାବରେ ଜବରଦଖଲ କରନ୍ତୁ ନାହିଁ।
୪. ପୌରାଞ୍ଚଳର ବିଭିନ୍ନ ରାସ୍ତାରେ ନିଜର ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ ଏବଂ ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
୫. ରାସ୍ତା ଗୁଡ଼ିକ ଉପରେ ନିଜ ନିଜ ଘରର ନିର୍ମାଣ ସାମଗ୍ରୀ ଯଥା: ବାଲି, ଗୋଡ଼ି, ଇଟା, ପଥର, ଚିପ୍ସ ଇତ୍ୟାଦି ଗଦା କରି ରଖନ୍ତୁ ନାହିଁ କିମ୍ବା ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ।
୬. ଚୌଦ୍ୱାର ପୌର ପରିଷଦର ବିଭିନ୍ନ ୱାର୍ଡ଼ରେ ଥିବା ସମ୍ପଦ କେନ୍ଦ୍ର (MCC & MRF)କୁ ବିଭିନ୍ନ ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛକର୍ମୀଙ୍କ ଜରିଆରେ ନିଜ ଗୃହର (ଓଦା ଓ ଶୁଖିଲା) ବର୍ଜ୍ୟବସ୍ତୁକୁ ଅଲଗା ଅଲଗା କରି ଦିଅନ୍ତୁ ଏବଂ ଏକ ସ୍ୱଚ୍ଛ ଓ ସୁସ୍ଥ ଚୌଦ୍ୱାର ଗଠନ କରିବାରେ ସହଯୋଗ କରନ୍ତୁ।
୭. ଚୌଦ୍ୱାର ପୌରପରିଷଦର ୦୩ (ତିନି) ଗୋଟି ଖତ ଉତ୍ପାଦନ କେନ୍ଦ୍ରରେ ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ''ମୋ ଖତ''କୁ ନିଜ ନିଜ ଘରେ ବ୍ୟବହାର କରନ୍ତୁ।

**ଆମ ସଙ୍କଳ୍ପ ଓ ପରିକଳ୍ପନା**

୧. ୱାର୍ଡ଼ ନଂ.୧ରେ ବିରୂପା ନଦୀ କୂଳର ମାଗୁରାଠାରେ ଜନସାଧାରଣଙ୍କ ଆମୋଦ ପ୍ରମୋଦ ନିମନ୍ତେ ୧୦ କୋଟି ଟଙ୍କା ବ୍ୟୟରେ ଏକ ସୁନ୍ଦର ବୋଟିଂ କମ୍ପ୍ଲେକ୍ସ ଓ ସ୍ମାର୍ଟ ପାର୍କ ନିର୍ମାଣ।
୨. ଚୌଦ୍ୱାର ପୌର ପରିଷଦର ୱାର୍ଡ଼ ନଂ. ୦୨ର ଚାଟେଶ୍ୱରଠାରେ ଏକ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ ଏକ ଅତ୍ୟାଧୁନିକ ମଡ଼େଲ ଶବଦାହ କେନ୍ଦ୍ର ନିର୍ମାଣ।
୩. ଚୌଦ୍ୱାରର ସମସ୍ତ ୱାର୍ଡ଼ରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଜରିଆରେ ପାଖାପାଖି ୧୦କୋଟି ଟଙ୍କା ବ୍ୟୟରେ ନୂତନ ଭାବେ ଅତ୍ୟାଧୁନିକ Park, Multi Gym, Open Space Beautification, Jogging Track, କାନ୍ଥ ଚିତ୍ରକଳା ଇତ୍ୟାଦିର ନିର୍ମାଣ।
୪. ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ସମସ୍ତ ୱାର୍ଡ଼ରେ ପାଖାପାଖି ୨୦କୋଟି ଟଙ୍କା ବ୍ୟୟରେ ନୂତନ Paver Road & Covered Drain ନିର୍ମାଣ।
୫. ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୱାର୍ଡ଼ ନଂ. ୦୬, ୧୦, ୧୪ ଏବଂ ୧୬ରେ ୪ଗୋଟି ଅତ୍ୟାଧୁନିକ ବହୁମୁଖୀ କେନ୍ଦ୍ର (Multi-Purpose Centre) ନିର୍ମାଣ ଓ ୱାର୍ଡ଼ ନଂ. ୦୧, ୦୪, ୦୯, ୧୦, ୧୨, ୧୬, ୧୮ ଏବଂ ୧୯ରେ ୦୮ଗୋଟି ବୃହତ୍ LED Web-Board ନିର୍ମାଣ କରାଯାଇଅଛି।
୬. ଚୌଦ୍ୱାର ପୌରାଞ୍ଚଳର ବିଭିନ୍ନ ୱାର୍ଡ଼ରେ (୦୯) ନଅ ଗୋଟି ପର୍ଯ୍ୟାୟରେ ଆବାସ ଯୋଜନା ୧.୦ ଜରିଆରେ ପାଖାପାଖି ୧୧୫୦ଜଣ ଏବଂ ଆବାସ ଯୋଜନା ୨.୦ ଜରିଆରେ ୧୩୭ଜଣ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ନୂତନ ଗୃହ ନିର୍ମାଣ ନିମନ୍ତେ ସହାୟତା ରାଶି ପ୍ରଦାନ କରାଯାଇଅଛି।



ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ମିଶ୍ର
ନିର୍ବାହୀ ଅଧିକାରୀ, ଚୌଦ୍ୱାର ପୌରପାଳିକା



ଶ୍ରୀଯୁକ୍ତ ଶୁଭେନ୍ଦୁ ସାମଲ
ଉପାଧ୍ୟକ୍ଷ, ଚୌଦ୍ୱାର ପୌର ପରିଷଦ
ଓ ସମସ୍ତ ପାରିଷଦ ବୃନ୍ଦ



ଶ୍ରୀମତୀ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ
ଅଧ୍ୟକ୍ଷା, ଚୌଦ୍ୱାର ପୌର ପରିଷଦ

''ସ୍ୱଚ୍ଛ ଚୌଦ୍ୱାର'' ''ସୁସ୍ଥ ଚୌଦ୍ୱାର'' ''ଆପଣଙ୍କ ସହଯୋଗ, ଆମର କାମନା''

OIPR-13138/13/0048/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**

No.O-671

e-mail : serwsbd2003@yahoo.com

Letter No. : 3143 / Date :26.08.2025

**1st Corrigendum**

In continuation to this office Bid Identification No. CCERWCSBD-Online-10/2025-26 invited vide this office Notice No.2759 Dtd.31.07.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 08.08.2025 at 11.00 AM to 29.08.2025 up to 5.00 PM | Extended up to 19.09.2025 5.00 PM |
| 2 | Date and Time of seeking tender clarification if any | 26.08.2025 up to 2.00 PM | 18.09.2025 up to 2.00 PM |
| 3 | Date & Time of opening of tender (Technical Bid) | 30.08.2025 at 11.00 AM | 20.09.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer,
RW Circle, Sunabeda

OIPR-25182/11/0070/2526



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**

No.O-670

e-mail : serwsbd2003@yahoo.com

Letter No. : 3154 / Date :26.08.2025

**1st Corrigendum**

In continuation to this office Bid Identification No. CCERWCSBD-Online-11/2025-26 invited vide this office Notice No.2747 Dtd.31.07.2025, partial modification of NCB has been made as follows :-

| Sl. No. | Item | Time Schedule as per original NCB | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 08.08.2025 at 11.00 AM to 29.08.2025 up to 5.00 PM | Extended up to 19.09.2025 5.00 PM |
| 2 | Date and Time of seeking tender clarification if any | 26.08.2025 up to 2.00 PM | 18.09.2025 up to 2.00 PM |
| 3 | Date & Time of opening of tender (Technical Bid) | 30.08.2025 at 11.00 AM | 20.09.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd./- Chief Construction Engineer,
RW Circle, Sunabeda

OIPR-25182/11/0071/2526



**ଖୋରଧା**

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଅବସରରେ
ଖୋରଧା ପୌର ପରିଷଦ ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

No. DSPL-229

**ଆମ ପଦକ୍ଷେପ**

- ସହରକୁ ସମ୍ପୂର୍ଣ୍ଣ ରୂପେ ଟ୍ରାଫିକ୍ ନିୟନ୍ତ୍ରଣମୁକ୍ତ କରିବା ନିମନ୍ତେ ରାସ୍ତାକଡ଼ରେ ଥିବା ଉଠା ଦୋକାନୀମାନଙ୍କୁ ଭେଣ୍ଡିଂ ଯୋଜନା ମାଧ୍ୟମରେ ୪ଗୋଟି ନୂତନ ଭେଣ୍ଡିଂ ଜୋନ୍ ଓ ପିଣ୍ଡି ନିର୍ମାଣ କରାଯାଇ ଥଇଥାନ କରାଯିବା ପାଇଁ ପ୍ରୟାସ।
- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ସହରର ସର୍ବାଙ୍ଗୀନ ବିକାଶ ପାଇଁ ପଦକ୍ଷେପ।
- ସହଯୋଗ ଯୋଜନାରେ ସମସ୍ତ ସରକାରୀ ଯୋଜନାର ଉପଯୋଗିତା ଓ ସହଭାଗିତା ହେବା ନିମନ୍ତେ ସହରର ସମସ୍ତ ଜନସାଧାରଣଙ୍କୁ ସଚେତନତା କରାଇବା ନିମନ୍ତେ ପ୍ରୟାସ।
- ଖୋରଧା ସହରକୁ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ।

**ପୌରବାସୀଙ୍କୁ ଅନୁରୋଧ**

- ଆସନ୍ତୁ ଏକ ଶାନ୍ତ, ସମୃଦ୍ଧ, ବିକଶିତ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଖୋରଧା ଗଢ଼ିବା।
- ନିର୍ଦ୍ଧାରିତ ସମୟରେ ପରିଷଦର ସମସ୍ତ ଟିକସ ଦାଖଲ କରି ସହରର ଉନ୍ନତିରେ ସହାୟକ ହୁଅନ୍ତୁ।
- ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
- ପଲିଥିନ୍ ମୁକ୍ତ ଖୋରଧା ସହର କରିବା ପାଇଁ ପ୍ରୟାସ ଜାରି ରଖନ୍ତୁ।
- ହର୍ ଘର୍ ସ୍ୱଚ୍ଛତା ସମୂହ ସଫେଇ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାନ୍ତୁ।
- ଆସନ୍ତୁ ଖୋରଧା ସହରକୁ ସବୁଜ ସ୍ୱଚ୍ଛ ରୂପେ ଗଢ଼ିତୋଳିବା।

ରିଜ୍ୱାନା କଅକବ୍, (ଓ.ପ୍ର.ସେ.)
ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋରଧା

ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି
ପୌରାଧ୍ୟକ୍ଷା, ପୌର ପରିଷଦ, ଖୋରଧା

ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧ୍ୟକ୍ଷ
ଓ ସମସ୍ତ ସଭ୍ୟ-ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା

OIPR-13082/13/0034/2526



**OFFICE OF THE NIMAPARA NOTIFIED AREA COUNCIL**
At/Po/Ps-Nimapara, Dist-Puri, Odisha, Pin-752106, Emai:nimapadanac@gmail.com
web: www.nimaparanac.in, Phone No.(06758) 454167

No.C-238:

**ଶୁଭେଚ୍ଛା ବାର୍ତ୍ତା**


**ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ, ନିମାପଡ଼ା**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୫ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ। ନିମାପଡା ସହରକୁ ଏକ ସ୍ୱଚ୍ଛ ନିର୍ମଳ, ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ ଓ ବିକଶିତ ସହର ରୂପେ ଗଠନ କରି ଏହାକୁ ଏକ ଆଦର୍ଶ ସହରରେ ପରିଣତ କରିବା ପାଇଁ ଆପଣଙ୍କ ସହଯୋଗ ନିମନ୍ତେ ବିନମ୍ର ନିବେଦନ କରୁଅଛୁ। ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ କାର୍ଯ୍ୟଗୁଡିକର ପରିପାଳନ ନିମନ୍ତେ ଆପଣମାନଙ୍କ ସହଯୋଗ କାମନା କରୁଅଛୁ।

୧. ପରିଷଦ ହୋଲଡିଙ୍ଗ ଟିକସ ବ୍ୟବସାୟିକ ଟିକସ, ପରିଷଦର ମାର୍କେଟ କଂପ୍ଲେକ୍ସ ଓ ଭେଣ୍ଡିଙ୍ଗ ଜୋନ ଗୃହର ମାସିକ ଭଡା ଏବଂ ଅନ୍ୟାନ୍ୟ ଟିକସ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ। ୨. ରାସ୍ତା କଡରେ ଇଟା, ବାଲି, ଗୋଡି ଇତ୍ୟାଦି ଜମା କରି ଜନସାଧାରଣଙ୍କୁ ଯାତାୟାତରେ ବାଧା ସୃଷ୍ଟି କରନ୍ତୁ ନାହିଁ ଓ ପରିବେଶ ଦୂଷିତ କରନ୍ତୁ ନାହିଁ। ୩. ଗାଈ ଗୋରୁ ଓ ଗୃହପାଳିତ ଜୀବଜନ୍ତୁଙ୍କୁ ରାସ୍ତା ଉପରକୁ ଛାଡନ୍ତୁ ନାହିଁ। ୪. ପରିଷଦ ମଧ୍ୟରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହନିର୍ମାଣର ନକ୍ସା ଓ ବିଲ୍ଡିଂ ପ୍ଲାନ ମଞ୍ଜୁର କରାଇ ନିଅନ୍ତୁ। ୫. ପରିଷଦର ବିନା ଅନୁମତିରେ ଯେକୌଣସି କାର୍ଯ୍ୟ ନିମନ୍ତେ ପରିଷଦ ଅଧିନସ୍ଥ ରାସ୍ତାକୁ ଖୋଳନ୍ତୁ ନାହିଁ। ୬. ପରିଷଦର ପାଣିଟାଙ୍କି, ସେସପୁଲ ଟୋଲ ଫ୍ରି ନମ୍ବର (୧୪୪୨୦), ନିର୍ଦ୍ଧାରିତ ପାଉଣା ପଇଠ କରି ଏହାର ଉପଯୋଗ କରନ୍ତୁ ଓ ବିନା ସୁରକ୍ଷା ବ୍ୟବସ୍ଥା ସହିତ ଶ୍ରମିକମାନଙ୍କୁ ସେପ୍ଟିକ ଟାଙ୍କି ସଫେଇରେ ନିୟୋଜିତ କରନ୍ତୁ ନାହିଁ। ୭. ପରିଷଦ ଦ୍ୱାରା ନିର୍ମିତ କଲ୍ୟାଣ ମଣ୍ଡପକୁ ସୁଲଭ ମୂଲ୍ୟରେ ସଭାସମିତି କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ନିମନ୍ତେ ବ୍ୟବହାର କରିବାର ସୁଯୋଗ ନିଅନ୍ତୁ। ୮. ପରିଷଦ ମଧ୍ୟ ଦେଇ ପ୍ରବାହିତ ହୋଇଥିବା ମୁଖ୍ୟ କେନାଲ ଓ ଶାଖା କେନାଲ ମଧ୍ୟକୁ ଅଳିଆ ଆବର୍ଜନା ପକାନ୍ତୁ ନାହିଁ। ୯. ପରିଷଦର ଉପଲବ୍ଧ "ସ୍ୱର୍ଗରଥ" ଯାନର ସୁବିଧା ଆବଶ୍ୟକ ବେଳେ ଉପଯୋଗ କରନ୍ତୁ। ଏହାର ସର୍ବନିମ୍ନ ଭଡା (ପରିଷଦର ୨୫ କିମି ବ୍ୟାସାର୍ଦ୍ଧ ମଧ୍ୟରେ ଉପଯୋଗ ନିମନ୍ତେ ଟ.୫୦୦.୦୦ ଟଙ୍କା ନିମାପଡାଠାରୁ ଭାୟା ବଳଙ୍ଗା କିମ୍ବା ଭାୟା ଗୋପ ଛଇତନା ଟ.୨୦୦୦/- ସହ ଯଦି ଅତିରିକ୍ତ ଦୂରତା ପାଇଁ ଟ.୨୦.୦୦ ପ୍ରତି କିଲୋମିଟର ପିଛା)। ୧୦. ସ୍ୱଚ୍ଛ ଭାରତ ମିଶନ ଅଧିନରେ ଘରକୁ ଘର ଅଳିଆ ସଂଗ୍ରହରେ ନିୟୋଜିତ "ସଫେଇ ଗାଡି" କୁ ନିଜ ଗୃହ ଅଳିଆକୁ ପୃଥକୀକରଣ କରି ଦିଅନ୍ତୁ ଓ ନିଜର ପରିବେଶକୁ ସ୍ୱଚ୍ଛ ଓ ଗଛଟିଏ ଲଗାଇ ସବୁଜ ରଖିବାରେ ପ୍ରୟାସ କରନ୍ତୁ। ୧୧. ଏକକ ବ୍ୟବହାର ଯୋଗ୍ୟ ପଲିଥିନ, ପ୍ଲାଷ୍ଟିକ ଓ ଥର୍ମୋକୁଲ ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରନ୍ତୁ ଓ ପ୍ରତ୍ୟେକ ବ୍ୟବସାୟିକ ପ୍ରତିଷ୍ଠାନ ନିଜ ନିଜ ଦୋକାନ ସମ୍ମୁଖରେ ଡଷ୍ଟବିନ ରଖିବାର ବ୍ୟବସ୍ଥା କରନ୍ତୁ। ୧୨. ପରିଷଦଙ୍କ ବିନା ଅନୁମତିରେ ହୋଡିଙ୍ଗ, ରାସ୍ତାରେ ସ୍ୱାଗତ ତୋରଣ, ଫ୍ଲେକ୍ସ, ବିଲ ବୋର୍ଡ ଇତ୍ୟାଦି ଲଗାନ୍ତୁ ନାହିଁ।



ଶ୍ରୀ ଚିନ୍ମୟ ଦାସ, ଓ.ରା.ସେ.
କାର୍ଯ୍ୟନିର୍ବାହୀ ଅଧିକାରୀ
ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ



ଶ୍ରୀ ସନ୍ତୋଷ କୁମାର ଦାଶ
ଉପାଧ୍ୟକ୍ଷ
ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ



ଶ୍ରୀମତୀ ସସ୍ମିତା ସାହୁ
ଅଧ୍ୟକ୍ଷା
ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ

OIPR-13112/13/0034/2526



**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002
Tel - MD 0674 - 2340573, Email - mdossc1td456@gmail.com

**TENDER CALL NOTICE**
No-OSSC/Engg-123/2025

**No.CAD-1619** : The Managing Director, Odisha State Seeds Corporation Ltd invites the following tenders through ONLINE through e-procurement site of Govt of Odisha www.tenderodisha.gov.in.
***Percentage Rate Tenders*** from eligible Civil works contractors registered under Competent authority of Govt of Odisha

*Amount in Rs.*

| Sl | Name of the work | Estimated Amt | EMD | Cost of tender document | Completion period | Eligibility class of Contractors |
|---|---|---|---|---|---|---|
| 1 | Repair of Flooring of Seed Storage Godown and creation of office space at Keonjhar | 24,73,877.00 | 24,738.00 | 6720/- | 120 | C or above |

The details of location of work, estimated amount regarding construction work along-with cost of Tender Document, EMD and other criteria along with critical dates for the above Tenders can be seen in the ***Detailed Tender Call Notice*** posted in Website of Govt of Odisha www.tenderodisha.gov.in.
The last date for uploading of tender to tender portal is **dt.13.09.2025**

Sd./- Managing Director
OSSC Ltd., BBSR

OIPR-01045/11/0098/2526



**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଢେଙ୍କାନାଳ**

**ବିଜ୍ଞପ୍ତି**

No.g-84:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଶିଶୁଟି ସ୍ୱତନ୍ତ୍ର ପୋଷ୍ୟସନ୍ତାନ ଗୃହ, ମହର୍ଷି ଦୟାନନ୍ଦ ସେବା ଅନୁଷ୍ଠାନ, କାଠଗଡ଼ାରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତା ମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ **ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ତଳମହଲା, ବନ୍ଦୋବସ୍ତ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ଢେଙ୍କାନାଳ-୭୫୯୦୦୧, ଫୋନ୍- ୦୬୭୬୨-୨୨୩୨୪୬ କିମ୍ବା ଶିଶୁ ମଙ୍ଗଳ ସମିତି, ବଡ଼ପଣ୍ଡା ସାହି, ଦୁର୍ଗା ବଜାର, ଢେଙ୍କାନାଳ, ଫୋନ୍- ୦୬୭୬୨-୨୨୫୦୦୨**କୁ ଯୋଗାଯୋଗ କରନ୍ତୁ। ଏହି ସମୟସୀମାର ପରିସମାପ୍ତି ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।
ନିମ୍ନରେ ଶିଶୁଟିର ବିବରଣୀ ପ୍ରଦାନ କରାଗଲା:-

| କ୍ର.ନଂ. | ଶିଶୁର ନାମ | ପୁଅ/ଝିଅ | ବୟସ/ଜନ୍ମ ତାରିଖ | କେବେ ମିଳିଛି | ଫଟୋ |
|---|---|---|---|---|---|
| ୧ | ଅନୁରାଗ | ପୁଅ | ୦୫।୦୩।୨୦୨୩ | ୦୪।୦୮।୨୦୨୫ |  |

OIPR-33030/11/0007/2526
ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଢେଙ୍କାନାଳ



**ଜଳେଶ୍ୱର ପୌର ପାଳିକା, ଜଳେଶ୍ୱର**

DSPL-233: ଜଳେଶ୍ୱର ପୌରପାଳିକା ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଅବସରରେ ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛି। ଆସନ୍ତୁ, ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା।

୧. ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶମୂଳକ କାର୍ଯ୍ୟରେ ଲାଗିଥାଏ। ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ। ୨. ଅଳିଆ ଆବର୍ଜନାକୁ ଏଣେତେଣେ ନ ଫିଙ୍ଗି ପୌରପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡ଼ିରେ ଅଲଗା ଅଲଗା କରି ଦିଅନ୍ତୁ ଓ ବର୍ଜ୍ୟବସ୍ତୁ ପରିଚାଳନା ଦେୟ (Userfee) ସଠିକ୍ ସମୟରେ ସ୍ୱଚ୍ଛସାଥୀଙ୍କୁ ପଇଠକରି ଉତ୍ତମ ପରିମଳ ସେବା ଦାବି କରନ୍ତୁ। ୩. ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନକରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ। ୪. ପାଇଖାନା କିମ୍ବା ସେପଟିକ ଟାଙ୍କିର ପାଇପକୁ ସିଧାସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସ୍ୱୀକୃତିପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ cesspole ଦ୍ୱାରା ସଫା କରନ୍ତୁ। ୫. ସର୍ବସାଧାରଣଙ୍କ ରାସ୍ତା ଉପରେ, ନାଳନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟବସ୍ତୁ ତଥା ଗୃହନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ। ୬. ନିଜ ପଟ୍ଟାଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ। ୭. ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବରଦଖଲ କରନ୍ତୁ ନାହିଁ। ୮. ଟ୍ରାଫିକ୍ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ। ୯. ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ସ୍ୱାଇନ ଫ୍ଲୁ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫାସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗଗୁଡିକ ପାଇଁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ।

**ସ୍ୱଚ୍ଛ ଜଳେଶ୍ୱର ।। ସୁସ୍ଥ ଜଳେଶ୍ୱର**

ଶ୍ରୀ ପ୍ରତିପ କୁମାର ପ୍ରଧାନ, ନଗରପାଳ, ଜଳେଶ୍ୱର ପୌରପାଳିକା
ଶ୍ରୀମତୀ ପୁଷ୍ପପ୍ରିୟା କାମିଲା, ଉପ-ନଗରପାଳ, ଜଳେଶ୍ୱର ପୌରପାଳିକା
ଶ୍ରୀ ହେମନ୍ତ କୁମାର ସିଂ (ORS), କାର୍ଯ୍ୟନିର୍ବାହୀ ଅଧିକାରୀ, ଜଳେଶ୍ୱର ପୌରପାଳିକା
ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା
ଜଳେଶ୍ୱର ପୌରପାଳିକା

OIPR-13126/13/0025/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ......................................


ଜୁହି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ 'ସଙ୍ଗଠନ ସୃଜନ ଅଭିଯାନ'

**ପହଞ୍ଚିଲେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ**

ଭୁବନେଶ୍ୱର,୩୧।୮(ରବିନାରାୟଣ ଜେନା)

ଆସନ୍ତାକାଲି(ସୋମବାର)ଠାରୁ ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ ଆରମ୍ଭ ହେବ। ଏଥିପାଇଁ ଏଆଇସିସି ପକ୍ଷରୁ ନିଯୁକ୍ତ ଦୁଇଜଣ ପର୍ଯ୍ୟବେକ୍ଷକ ସାଂସଦ ଶ୍ରେୟାଶ ଏମ୍ ପଟେଲ ଓ ଏଆଇସିସି ସମ୍ପାଦକ ଗୋପୀନାଥ ପାଲାନୀୟାପନ୍ ରବିବାର ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେମାନଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟ କଂଗ୍ରେସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଉକ୍ତ ଜିଲାରେ କିପରି ସଭାପତି ଚୟନ ପ୍ରକ୍ରିୟା ସୁରୁଖୁରୁରେ ହୋଇପାରିବ ସେଥିନେଇ ନିଯୁକ୍ତ ପିସିସି ପର୍ଯ୍ୟବେକ୍ଷକ ମାନେ ଦୃଷ୍ଟି ଦେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଅନୁରୋଧ କରିଛନ୍ତି। ଆସନ୍ତା କାଲିଠାରୁ ସେମାନେ ସଂପୃକ୍ତ ଜିଲା ଗସ୍ତ କରି ତୃଣମୂଳସ୍ତରର କଂଗ୍ରେସ କର୍ମୀଙ୍କଠୁଁ ଆରମ୍ଭ କରି ବରିଷ୍ଠ ନେତୃବୃନ୍ଦ ଏବଂ ବିଭିନ୍ନ ପଦାଧିକାରୀଙ୍କ ସହ ତୃଣମୂଳ ସଂଗଠନକୁ ନେଇ ଆଲୋଚନା କରିବେ। ଜିଲା ସଭାପତି ଚୟନ ନେଇ ଏସଟି, ଏସସି, ଓବିସି, ମହିଳା, ଯୁବ ଏହିପରି ସମସ୍ତ ବର୍ଗରୁ ୬ ଜଣଙ୍କ ନାମ ଯେପରି ରହିବ ସେମାନେ ସ୍ୱତନ୍ତ୍ର ଦୃଷ୍ଟିଦେବେ ଏବଂ ସୁପାରିଶ କରିବେ। ଏହି ପ୍ରକ୍ରିୟା ଆସନ୍ତା ୧୪ ତାରିଖ ମଧ୍ୟରେ ସରିବ ବୋଲି ପିସିସି ସଭାପତି ସୂଚନା ପ୍ରଦାନ କରିଛନ୍ତି।


## ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା



**ତନିଷ୍କା ସିଂହ (ଜୁହି)**
ନରସିଂହପୁର, ଦଶପଲ୍ଲା, ଜି- ନୟାଗଡ଼

ଜୁହିଲୋ, କେତେ ଶୀଘ୍ର ତୋତେ ଏକ ବର୍ଷ ପୂରଣ ହୋଇଗଲା ଜାଣି ହେଲାନି, ତୁ ସଦାସର୍ବଦା ଏମିତି ଚଞ୍ଚଳ ହୋଇ ସମସ୍ତଙ୍କ ସ୍ନେହ, ଆଦର ଓ ଆଶିଷ ପାଇ ଜୀବନର ଚଲାପଥରେ ଆଗେଇ ଚାଲ, ଏହା ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇନାଥଙ୍କ ପାଖରେ ପ୍ରାର୍ଥନା।

ଶୁଭେଚ୍ଛା ସହ- ବାବା, ମାମା, ଦାଦା, ଦିଦି, ବନ୍ଧୁ ଓ ପରିବାରବର୍ଗ

ଧ-୧୮୨୭


## ବାଙ୍ଗିରିପୋଷି ଗଣବଳାତ୍କାର: ପିସିସି ତଥ୍ୟ ଅନୁଧ୍ୟାନ କମିଟି ଗଠିତ

ଭୁବନେଶ୍ୱର,୩୧।୮(ରବିନାରାୟଣ ଜେନା)

ମୟୂରଭଞ୍ଜ ବାଙ୍ଗିରିପୋଷି ଅଞ୍ଚଳରେ ହୋଇଥିବା ଗଣବଳାତ୍କାର ଘଟଣାର ତଥ୍ୟ ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଉକ୍ତ କମିଟିରେ ସୁଶ୍ରୀ ସୁଶିଳା ତିରିଆ ଅଧ୍ୟକ୍ଷ ରହିଥିବା ବେଳେ ସୁସ୍ମିତା ଘୋଷାଲ, ସୁନିତା ନାୟକ, ବୃନ୍ଦାବତୀ ମହାପାତ୍ର ପ୍ରମୁଖ ସଭ୍ୟ ଭାବରେ ରହିଛନ୍ତି।

# ଶ୍ରୀମହାଭାସ୍କରଙ୍କ ପ୍ରତିଷ୍ଠା ପୂର୍ବରୁ ସାମନ୍ତରାପୁର ଗାଁ ଦାନ ଦେଇଥିଲେ ଶିବେଇ ସାମନ୍ତରା

ଐତିହ୍ୟରେ ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର

ପୂର୍ବ ସଂଖ୍ୟାରେ ଆମେ ଅର୍କକ୍ଷେତ୍ରର ପଞ୍ଚତୀର୍ଥ ପ୍ରସଙ୍ଗ ଅବତାରଣା କରିଥିଲୁ। ପଞ୍ଚତୀର୍ଥର ମହତ୍ୱ ଶ୍ରୀସୂର୍ଯ୍ୟଙ୍କ ଉପାସନା କାଳରେ ଗୁରୁତ୍ୱପୂର୍ଣ୍ଣ ଥିଲା। ଐତିହ୍ୟର ଅବକ୍ଷୟ ପରେ ପୂଜା ବନ୍ଦ ହୋଇଯାଇଛି। ନା ଐତିହ୍ୟକୁ ଆମେ ସଜାଡ଼ିବାରେ ସକ୍ଷମ ହୋଇଛୁ ନା ସ୍ଥାନାନ୍ତରିତ ହୋଇଥିବା ଶ୍ରୀସୂର୍ଯ୍ୟଙ୍କ ବିଗ୍ରହଙ୍କୁ ଫେରେଇ ଆଣି ପୂଜା ପ୍ରଚଳନ କରାଇପାରିଛୁ। ଆଉ କିଛି ବର୍ଷ ପରେ ଏହି ବିଡ଼ମ୍ବନାକୁ ୫୦୦ ବର୍ଷ ପୂରିଯିବ। ପଞ୍ଚତୀର୍ଥ ମଧ୍ୟରୁ ମହୋଦଧି ଓ ଚନ୍ଦ୍ରଭାଗାକୁ ଆମେ ସଭିଏଁ ଦେଖୁଛେ। ଆଉ ତିନୋଟି ତୀର୍ଥ ହଜିଯିବାକୁ ବସିଛି। ପୁନରୁଦ୍ଧାର କଥା ଭୁଲିଯାଇଛୁ। ତୀର୍ଥକୁ ପରିକ୍ରମା ମାର୍ଗ ଅନ୍ତର୍ଭୁକ୍ତ କରିବା କଥା ତ ବହୁ ଦୂରରେ ଅଛି!

କୋଣାଦିତ୍ୟକୁ ଚଳଚଞ୍ଚଳ କରେଇବା ଆମ ସଭିଙ୍କର ଦାୟିତ୍ୱ। ଐତିହ୍ୟ ବିକାଶ କାଳଖଣ୍ଡରେ ତାହା ଯଦି ହୋଇ ନ ପାରିବ, ଭବିଷ୍ୟତରେ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବ। କି ଉତ୍ସାହ... କି ଉଦ୍ଦୀପନା... ସେତେବେଳେ ଓଡ଼ିଆଙ୍କର ଥିଲା। ଅଭିଷେକ କାର୍ଯ୍ୟ ଆରମ୍ଭ ପୂର୍ବରୁ ଗଜପତି ମହାରାଜା ସେବା ପାଇଁ 'ସେବାୟତ'ଙ୍କ ମୁଣ୍ଡରେ ଶାଢ଼ି ବାନ୍ଧି ସାରିଥିଲେ। କୋଡ଼ିଏ ଜଣ 'ସୁଆର' ସେବାୟତଙ୍କୁ ଶାଢ଼ି ବନ୍ଧା ଯାଇଥିଲା। ସେମାନଙ୍କର ପ୍ରଥମ ସେବା ଥିଲା ପୂଜାଦ୍ରବ୍ୟକୁ 'ନ୍ୟାସ ମଣ୍ଡପ'କୁ ନେବା ଆଣିବା କରିବା।

ସେବା ଆରମ୍ଭ ପୂର୍ବରୁ ମାଧବପୁରରେ ଡିହବାଡ଼ି ଯୋଗାଇ ଦେଇଥିଲେ। ସେଇ ମାଧବପୁର ଏବେ 'ମାଧିପୁର' ନାମରେ ପରିଚିତ। ଗୋଟିଏ ଗୋଟିଏ ଅନୁଷ୍ଠାନବେଳେ ଗୋଟିଏ ଗୋଟିଏ ସ୍ମରଣୀୟ ଘଟଣା ଘଟି ଚାଲିଥିଲା। ତାହା ହିଁ ଆମ ସହଯୋଗିତାର ସ୍ମରଣୀୟ ଉଦାହରଣ। ଗାଁର ନାମକରଣ କଲେ ମହାରଣା ସମାଜ। ନାଁ ଦେଲେ ସାମନ୍ତରାୟପୁର। ଗାଁ ବସିବା ପାଇଁ ଜମିଦେବା ପରେ ପଦ୍ମଚିହ୍ନ ଥିବା ୨୭ ମାଢ଼ ସୁନା ଦେଇଥିଲେ। ଶ୍ରୀପଦ୍ମକେଶର ମନ୍ଦିରର ଉତ୍ତର-ପୂର୍ବ ଦିଗରେ ଏହି ଗାଁ ବସିଥିଲା।

ଏହାପରେ ଶ୍ରୀମହାଭାସ୍କର ପ୍ରତିଷ୍ଠା ମଣ୍ଡପକୁ ବିଜେ କରି ସିଂହାସନ ପିଣ୍ଡିରେ ବସିଥିଲେ। ଅନୁଷ୍ଠାନ ଆରମ୍ଭ ପୂର୍ବରୁ ଶିଳ୍ପୀ ଗଦାଧର ମହାପାତ୍ରଙ୍କୁ ଖୋଜିଲେ ଶିବେଇ ସାମନ୍ତରା। କହିଲେ, ତମେ ନିର୍ମାଣ କରୁଥିଲ- ଶ୍ରୀରାମଚନ୍ଦ୍ରଙ୍କ ବିବାହ ଉତ୍ସବର ବିଗ୍ରହ। ଆଣିବା ବ୍ୟବସ୍ଥା ହେଉ। ନିଶାତଳ ପୀଠ ଅର୍ଥାତ୍ ନିଶା ମନ୍ଦିର ମୂଳ ପ୍ରଦେଶରେ ସେଇ ବିଗ୍ରହଙ୍କୁ ଖଞ୍ଜାଯିବ। ଯେତେବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବିବାହ- ଉତ୍ସବର ବିଗ୍ରହ ଦେଖିଲେ ଶିବେଇ ସାମନ୍ତରା, ଖୁସି ହୋଇଗଲେ। ଦଣ୍ଡେ ଅଟକିଗଲେ, ଗଦା ମହାପାତ୍ରେ ତ ପାଉଣା ନେବେ। ମାତ୍ର ଏ କଳାକୃତିର ପଟାନ୍ତର ନାହିଁ... ଏଥିପାଇଁ ଦୁଇ ତୋଳାର ଦୁଇଟି କୁଣ୍ଡଳ ଉପହାର ଦିଆଯାଉ ଗଦାଧରଙ୍କୁ। ସୂତ୍ରଧର ଶିବେଇଙ୍କର କଥା ହିଁ ଆଦେଶ ଭାବରେ ପାଳନ ହେଉଥିଲା। ଭଣ୍ଡାରରୁ ସୁବର୍ଣ୍ଣ କୁଣ୍ଡଳ ଆସିଲା... ଗଦାଧରଙ୍କୁ ନିଜ ହାତରେ ସେ ଦେଲେ।

### ଶ୍ରୀରାମଚନ୍ଦ୍ରଙ୍କ ବିବାହ ଉତ୍ସବ ବିଗ୍ରହ ଭାରତରେ ବିରଳ



କୋଣାର୍କ ସଂଗ୍ରହାଳୟରେ ଥିବା ଶ୍ରୀରାମଚନ୍ଦ୍ରଙ୍କ ବିବାହୋତ୍ସବ ବିଗ୍ରହ, ଭାରତରେ ଅନନ୍ୟ ତଥା ବିରଳ ଏହି ବିଗ୍ରହ ମଝିରେ ଗୁରୁ ମହର୍ଷି ବଶିଷ୍ଠ, ବାମପଟେ ମହାରାଜା ଦଶରଥ, ଡାହାଣ ପଟେ ଶ୍ରୀଲକ୍ଷ୍ମଣ ଏବଂ ତଳେ ଉତ୍ସବର ନୃତ୍ୟବାଦ୍ୟ ଦୃଶ୍ୟ।

### ବିବାହ ଉତ୍ସବ ବିଗ୍ରହ ନିର୍ମାଣ ପାଇଁ ଶିବେଇ ସାମନ୍ତରା ଦେଇଥିଲେ ସୁବର୍ଣ୍ଣ କୁଣ୍ଡଳ

ଏହା ଥିଲା ମନ୍ଦିର ନିର୍ମାଣ ଇତିହାସରେ ସେ କାଳଖଣ୍ଡରେ ପ୍ରଥମ ଘଟଣା। ସେ ପର୍ଯ୍ୟନ୍ତ ପାଉଣା ବାଦ୍ ବସ୍ତ୍ରଠାରୁ ଆରମ୍ଭ କରି କଉଡ଼ି ପୁରସ୍କାର ଦିଆଯାଇଥିଲା। ସୁବର୍ଣ୍ଣ କୁଣ୍ଡଳ ପୁରସ୍କାର ଆଜି ବି ଇତିହାସରେ ସ୍ମରଣୀୟ।

ଆମେ ଜାଣିଛେ ଶ୍ରୀରାମଚନ୍ଦ୍ରଙ୍କର ଅଭିଷେକ ଉତ୍ସବ ହୋଇଥିଲା ଅଯୋଧ୍ୟାରେ। ସେଇ ଅଭିଷେକ ଉତ୍ସବର ଅବିକଳ ବେଶ ଓଡ଼ିଶାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରତ୍ନସିଂହାସନ ଉପରେ ବହୁ କାଳରୁ ଅନୁଷ୍ଠିତ ହୋଇଆସୁଥିଲା। କୁହାଯାଏ- ଶ୍ରୀରାମାଭିଷେକ ବେଶ। ମନେହୁଏ ଏଇ ଅଭିଷେକ ବେଶର ପ୍ରଚଳନ ଏକ ଅଭିନବ ଉଦାହରଣ ଶ୍ରୀମନ୍ଦିରରେ। ଭାରତରେ ପ୍ରାୟ ବିରଳ। ତଥାପି ୧୯୦୫ ମସିହା ପରେ ଆଉ ଏଇ ବେଶ ଶ୍ରୀମନ୍ଦିରରେ କରିବାକୁ ଆମେ ସକ୍ଷମ ହୋଇ ନାହୁଁ। ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ବେଶର ଅବିକଳ ଭାସ୍କର୍ଯ୍ୟ ପୁରୀର ଶ୍ରୀଶଙ୍କରାନନ୍ଦ ମଠ କାନ୍ଥରେ ଆଜି ବି ବିଦ୍ୟମାନ। ଶାସ୍ତ୍ର ବର୍ଣ୍ଣନା ଅନୁଯାୟୀ ଓଲମବିଲମ ବିଲ୍‌କୁଲ ନାହିଁ। ଶ୍ରୀରାମଙ୍କ ପାଦ ତଳେ ବିଜେ କରିଛନ୍ତି ଶ୍ରୀହନୁମାନ। ଅନନ୍ୟ ରହସ୍ୟମୟ ନିଦର୍ଶନ।


# Classified Everyday
0674-2580101, 9692975378



**REAL ESTATE**
**SALE**

Gharabari residential plot 2100sft. (60x35) 7KM from Phulanakhara, 12KM from Bhubaneswar middle of Cuttack & Bhubaneswar. No broker please, cost Rs. 25 lakhs including registration charges & compound wall. 7809525452. D-76486

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781




Full body massage experience,good looking therapist @999 (bhubaneswar) 8658088274. D-1791

Newly open health benefits SPA by expert therapist. Contact- 8280961126. D-76935

**LOST**

I, Sarmistha Kar, W/o- Dibakar Mohapatra, At- Balisahi, P.O./P.S.- Salipur, Dist.- Cuttack, Odisha have lost the original 2 numbers of Record of Rights bearing Khata No.- 652, Plot No.- 969, Mouza- Bali Sahi, Salipur, Dist.- Cuttack in my vendor's name Ramesh Chandra Sahoo and his father's name Radhanath Sahoo in my residence area locality of Bali Sahi, Salipur, Dist.- Cuttack. If anybody found and misuse it, I shall not be responsible. I wish to sell the said property to Mrs. Minati Patra who is intending to take home loan from SBI, HOME LOAN Centre Cuttack by creating mortgage on the said property. If anybody has found the same RORs please return the original document to SBI Home Loan Centre, Cuttack or contact me on my mobile No. 7381372660.
Sarmistha Kar D-1824

**AFFIDAVIT**

ASITA KUMAR GOUDA, S/o- Neelamani Gouda, Resident of F-51/9, Saileshree Vihar, C.S.Pur, BBSR, PIN- 751021, Odisha declare by this affidavit No.- 255015, dt- 30.08.25 that now onwards I shall be known as ASIT KUMAR GOUDA for all future purposes. D-76485

By virtue of an affidavit sworn before Executive Magistrate, Bhadrak, dtd. 30.08.2025, I Dipak Mohapatra (38 yrs) S/o- Maruta Mohapatra, Vill/P.O.- No.- 201 Atto, P.S.- Sabarang, Dist.- Bhadrak, PIN- 756123, Odisha declare that I have changed my name in my Passport bearing No.- M2685540 from Dipak Kumar Mohapatra to Dipak Mohapatra. Henceforth, I shall be known as Dipak Mohapatra for all future purposes. D-1826

I, Mohammad Jahangir, S/o- Late Hanif Mohammamad, R/o. At- Sunapali, near Naurani Masjid, P.S.- Dhanupali, Dist.- Sambalpur, Odisha, PIN- 768006 declare by this affidavit No.- 2571 date 30.08.2025 that now onwards I shall be known as **MOHAMMED JAHANGIR, S/o- Late MOHMMED HANIF** for all future purposes. D-1821

By virtue of an affidavit sworn before the Executive Magistrate, Berhampur, Ganjam, I, Minakshy Dalai, D/o- Bipin Jena of Laxmi Narayan Nagar 1st Lane, Industrial Estate, Ankuli, P.O.- Lanjipalli, P.S.- B.N.Pur, Berhampur, Ganjam declare by this affidavit No. A-107, dt. 26.08.2025 that now onwards I shall be known as Minakshy Jena for all future purposes. D-1820

**Email** ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Manas Kumar Pati, S/o- Benudhar Pati, Vill/P.O.- Chitalpur, P.S.- Rasol, Dist.- Dhenkanal, Odisha- 759020 solemnly declare that I have changed my minor daughter's name from SOMA PATI to SUBHASHREE PATI & DOB from 19.02.2016 to 19.12.2015 on dated 26.08.2025 before Executive Magistrate, Hindol. D-1819

I, Janhabi Pradhani, W/o- Late Bhimasen Pradhani, Village- Dalapatiput, P.O.- Kutnipalli, P.S.- Mathili, Dist.- Malkangiri, presently residing at Mathili, P.O./P.S.- Mathili, Dist.- Malkangiri do hereby solemnly affirm and state on oath as follows. That my actual name is Janhabi Pradhani which is mentioned in my all records. That, in Aadhaar Card my name is mentioned as Jahmabi Pradhani in place of Janhabi Pradhani. That, Janhabi Pradhani and Jahmabi Pradhani is one and same i.e. myself. That, I swear this affidavit in order to produce before the concerned authority to ascertain my name as Janhabi Pradhani. D-1814

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଭୁଲ୍ ଇଞ୍ଜେକ୍‌ଶନ ଯୋଗୁ ଶିଶୁକନ୍ୟାଙ୍କ ମୃତ୍ୟୁ ଅଭିଯୋଗ

ଖଇରା,୩୧।୮(ଉତ୍କଳବନ୍ଧୁ ପଣ୍ଡା)

ଆୟୁଷ ଡାକ୍ତରଙ୍କ ଭୁଲ୍ ଇଞ୍ଜେକ୍‌ଶନ ଯୋଗୁ ବାଲେଶ୍ୱର ଜିଲା ଖଇରା ଥାନା ଗଗନଧୂଳି ପଞ୍ଚାୟତ ଅଧୀନ ରାଇଗଡ଼ିଆ ଗ୍ରାମର ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ଶିଶୁକନ୍ୟା ହେଲେ ବଳରାମ ରାମଙ୍କ ଝିଅ ଲିପ୍ସିତା(୨ବର୍ଷ)। ଏନେଇ ଉତ୍ତେଜନା ପ୍ରକାଶ ପାଇବା ସହ ପ୍ରତିବାଦରେ ଉତ୍ତ୍ୟକ୍ତ ପରିବାର ଲୋକ ଓ ଗ୍ରାମବାସୀ ରବିବାର ଅପରାହ୍ନରେ ମୃତଦେହ ରଖି ଟାୟାର ଜାଳି ସୋର-କୁପାରୀ ରାଜ୍ୟ ରାଜପଥକୁ ଡୁଡିଗଡ଼ିଆଠାରେ ଅବରୋଧ କରିଥିଲେ। ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ଓ ଥାନା ଆଇଆଇସି ସୁଚନ୍ଦ୍ର ମହାଳିକ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ସମ୍ପୃକ୍ତ ଡାକ୍ତର ଦେବକାନ୍ତ ପାଢ଼ୀଙ୍କୁ ଯଥାଶୀଘ୍ର ଗିରଫ କରିବା ଦାବିନେଇ ଲୋକେ ପୁଣି ରାସ୍ତା ଅବରୋଧ କରିଛନ୍ତି। ଖଇରା ତହସିଲଦାର ଉକ୍ତ ଘରୋଇ କ୍ଲିନିକକୁ ସିଲ୍ କରିଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତିରେ ଥଣ୍ଡାଜ୍ୱରରେ ଆକ୍ରାନ୍ତ ଲିପ୍ସିତାଙ୍କୁ ମା'ବାପା ଡୁଡ଼ିଗଡ଼ିଆ ବଜାରରେ ଖୋଲିଥିବା ଆୟୁଷ ଡାକ୍ତର ପାଢ଼ୀଙ୍କ ଘରୋଇ କ୍ଲିନିକ୍‌କୁ ଆଣି ଦେଖାଇଥିଲେ। ଡାକ୍ତର ପାଢ଼ୀ ଏକ ଇଞ୍ଜେକ୍‌ଶନ ଦେଇଥିଲେ। ଘରକୁ ଫେରିବା ମାତ୍ରେ ଝିଅର ଅବସ୍ଥା ଗୁରୁତର ହୋଇ ପଡ଼ିବାରୁ ପରିବାର ଲୋକେ ପ୍ରଥମେ ସୋର ଓ ପରେ ବାଲେଶ୍ୱର ମେଡିକାଲ ନେଇଥିଲେ ହେଁ ସେଠାରେ ଲିପ୍ସିତାଙ୍କ ମୃତ୍ୟୁ ଘଟିଥିଲା।



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646



## ମନେ ପଡ଼ନ୍ତି

**ଏକାଦଶାହ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଦୟାନିଧି ସାହୁ**
ଠିକଣା- ମହରମପୁର, ତିହିଡ଼ି, ଭଦ୍ରକ
ଆବିର୍ଭାବ- ୨୭।୭।୧୯୫୬
ତିରୋଧାନ- ୨୨।୮।୨୦୨୫

ଆପଣ ଜଣେ ସଙ୍ଗୀତଜ୍ଞ, ଶିଳ୍ପୀ ଓ ଶ୍ରମିକ ସଙ୍ଗଠକଭାବେ ସୁଖ୍ୟାତି ଲଭିଥିଲେ। ଗ୍ରାମର ମହାଦେବ, ହନୁମାନ ମନ୍ଦିର ନିର୍ମାଣରେ ଆପଣଙ୍କର ଥିଲା ଅଗ୍ରଣୀ ଭୂମିକା। ବ୍ଲକ ଶ୍ରମିକ ସଙ୍ଗଠନର ସମ୍ପାଦକ ଦାୟିତ୍ୱରେ ଥାଇ ଆପଣ ବହୁ ନିଃସହାୟ ଶ୍ରମିକଙ୍କ ସହାୟକ ସାଜିଥିଲେ। ପିଲାଟି ଦିନରୁ ମା' ବାପାଙ୍କୁ ହରାଇଥିଲେ ବି ଆପଣ ଭାଙ୍ଗି ନ ପଡ଼ି ଆତ୍ମନିର୍ଭରଶୀଳ ହେବା ସହ ପିଲାମାନଙ୍କୁ ଆଦର୍ଶ ଶିକ୍ଷକ ରୂପେ ଗଢ଼ି ତୋଳିଛନ୍ତି। ଆପଣଙ୍କ ଆକସ୍ମିକ ବିୟୋଗରେ ଆମେ ମର୍ମାହତ। ଈଶ୍ୱରଙ୍କ ନିକଟରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ପତ୍ନୀ ମାଧବୀଲତା ସାହୁ, ପୁତ୍ର ପ୍ରଫୁଲ୍ଲ କୁମାର ସାହୁ, ପୁତ୍ରବଧୂ ପ୍ରତିଭା ବିଶ୍ୱାଳ, ନାତୁଣୀ ଅଭିସ୍ମିତା ସାହୁ
ଧ-୧୮୨୩


# ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ରଶ୍ମିତାଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

**ସ୍ୱର୍ଣ୍ଣ ପଦକ ହାସଲ ପାଇଁ ଶୁଭେଚ୍ଛା ଜଣାଇଲେ**

ମଙ୍ଗୁଳି-ଜଗତପୁର/ଚୌଦ୍ୱାର,୩୧।୮
(ମାନସ ସାମଲ/ଆଶୁତୋଷ ଦାସ)

ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ନରେନ୍ଦ୍ର ମୋଦି କଟକ ଜିଲା ଚୌଦ୍ୱାର ପୌର ପରିଷଦ ଅଧୀନ ୧ ନଂ ୱାର୍ଡ଼ ନବଗ୍ରହସାହି ଝିଅ ରଶ୍ମିତା ସାହୁଙ୍କୁ ପ୍ରଶଂସା କରିବା ସହିତ ସିଧାସଳଖ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ରଶ୍ମିତାଙ୍କ ଯାତ୍ରା, ଶ୍ରୀନଗରରେ ସମ୍ପ୍ରତି ଅନୁଷ୍ଠିତ ଖେଲୋ ଇଣ୍ଡିଆ ଜଳକ୍ରୀଡାରେ ତାଙ୍କର ବିଜୟ ଏବଂ ଯୁବ ଖେଳାଳିମାନଙ୍କୁ ପ୍ରେରଣା ଦେବା ପାଇଁ ରଶ୍ମିତାଙ୍କର ଦୃଢ଼ ସଂକଳ୍ପକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ଖବର ପ୍ରଚାର ପରେ ଜଗତପୁରସ୍ଥିତ ସାଇସ୍ପୋର୍ଟ୍ସ ହଷ୍ଟେଲକୁ ଟାଙ୍ଗୀ-ସାଲେପୁର ବରିଷ୍ଠ ଭାଜପା ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ, ବହୁ ସେଚ୍ଛାସେବୀ ସଙ୍ଗଠନ ଓ ନେତୃବୃନ୍ଦ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଥାଉ କି, ରଶ୍ମିତା ଚୌଦ୍ୱାର ନବଗ୍ରହସାହିରେ ଗୋଟିଏ ଗରିବ ପରିବାରରେ ଜନ୍ମ। ରଶ୍ମିତା ଛୋଟ ସମୟରେ ହିଁ ତାଙ୍କ ମା'ଙ୍କ ଦେହାନ୍ତ ହୋଇଥିଲା। କିଛି ବର୍ଷ ବ୍ୟବଧାନରେ ତାଙ୍କ ବାପା ଏକ ସଡ଼କ ଦୁର୍ଘଟଣାରେ ଭିନ୍ନକ୍ଷମ ହୋଇଥିଲେ। ଫଳରେ ରଶ୍ମିତା ଖେଳ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ହେଲେ ବାପାଙ୍କ ସ୍ୱପ୍ନ ଓ ପ୍ରଶିକ୍ଷକ ତାଙ୍କୁ ପୁନଃ ସାହସ ଦେବାରୁ ସେ ନୌକାଚାଳନା ପ୍ରଶିକ୍ଷଣରେ ଯୋଗଦେବା ପାଇଁ କଟକ ଜିଲା ଜଗତପୁରସ୍ଥିତ ସାଇ ସ୍ପୋର୍ଟ୍ସ କ୍ଲବରେ ପ୍ରାକ୍ଟିସ ଆରମ୍ଭ କରି ଶ୍ରୀନଗର ଖେଲୋ ଇଣ୍ଡିଆ ଜଳକ୍ରୀଡାରେ ୨ଶହ ମିଟର ନୌକାଚାଳନା ଖେଳ ପ୍ରଦର୍ଶନ କରି ରଶ୍ମିତା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିବା ଓ ପ୍ରଧାନମନ୍ତ୍ରୀଙ୍କ କଥା ହେବା ପରେ ସବୁ ଦୁଃଖକୁ ପଛରେ ପକାଇ ତାଙ୍କର ଆଉ ତାଙ୍କ ପରିବାର ପାଇଁ ଖୁସି ଆଣି ଦେଇଛି ବୋଲି ସେ ପ୍ରକାଶ କରିଛନ୍ତି।



ରଶ୍ମିତା ସାହୁ

## ସଂକ୍ରମଣ ଆଶଙ୍କା ଦୂର କରେ ଅଙ୍ଗୁର



ଅଙ୍ଗୁରରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ଏହାକୁ ନିୟମିତ ଖାଇଲେ ତାହା କେତେକାଂଶରେ ସଂକ୍ରମଣ ଆଶଙ୍କା ଦୂର କରିଥାଏ। ୱାଶିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ପ୍ରକାଶ କରିଛନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ସଂକ୍ରମଣଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ନିୟମିତ ଅଙ୍ଗୁର ଖାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରରେ ଏହାର କେଉଁ ପ୍ରକାର ପ୍ରଭାବ ସେମାନଙ୍କର ସଂକ୍ରମଣ ଉପରେ ପଡୁଛି ତାହାକୁ ନିରୀକ୍ଷଣ ମଧ୍ୟ କରିଥିଲେ। ଏହାଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତଙ୍କଠାରେ ସଂକ୍ରମଣ କମୁଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଖାଇଲେ ତାହା ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖେ। ସବୁଠାରୁ ଖାସ୍ କଥା ହେଲା, ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ଅଙ୍ଗୁରରେ ଭିଟାମିନ୍ 'କେ', କ୍ୟାଲସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଭରି ରହିଛି। ଏହା ମଧ୍ୟ ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ।

## ଅଳ୍ପରେ...



➔ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍‌ରେ ପ୍ରଚୁର ଭିଟାମିନ୍ ଭରି ରହିଛି। ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

➔ନିଜ ଶରୀର ଯେତେସମ୍ଭବ ଚଳଚଞ୍ଚଳ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ଅନେକାଂଶରେ ଫିଟ୍ ରହିବା ସହ ମାନସିକତା ସକାରାତ୍ମକ ରହିଥାଏ।


➔ମନକୁ ମନ କୌଣସି ରୋଗରୁ ଆରୋଗ୍ୟ ଲାଭ କରିବାକୁ ଆଣ୍ଟିବାୟୋଟିକ୍ ଖାଆନ୍ତୁ ନାହିଁ। ସବୁବେଳେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ହିଁ ଔଷଧ ଖାଆନ୍ତୁ।

➔ଖାଦ୍ୟ ଖାଇ ସାରିବାର ଠିକ୍ ପରେ ପରେ କୋଲ୍ଡ ଡ୍ରିଙ୍କସ ପିଅନ୍ତୁ ନାହିଁ। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ।

➔ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ। ଏହାଦ୍ୱାରା ଶରୀରକୁ ଅନେକାଂଶରେ ଭିଟାମିନ୍ 'ଡି' ମିଳିଥାଏ।

➔ପ୍ରତିଦିନ କିଛି ପରିମାଣରେ ପ୍ରୋଟିନଜାତୀୟ ଖାଦ୍ୟ ଖାଆନ୍ତୁ। ଏହା ଶରୀର ପାଇଁ ବେଶ୍ ଉପକାରୀ।

## ରେନଡ୍ସ ସିଣ୍ଡ୍ରୋମ




ବାରମ୍ବାର ହାତ ଗରମ କିମ୍ବା ଥଣ୍ଡା ପାଣି ସଂସ୍ପର୍ଶରେ ଆସିବା ଦ୍ୱାରା ଏକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ଡାକ୍ତରୀ ଭାଷାରେ ଏହାକୁ 'ରେନଡ୍ସ ସିଣ୍ଡ୍ରୋମ' କହନ୍ତି। କେବଳ ସେତିକି ନୁହେଁ, ଦ୍ରୁତ ଗତିରେ ଘୂରି ବୁଲୁଥିବା ସାମଗ୍ରୀ- ଡ୍ରିଲିଙ୍ଗ ମେଶିନ ଏବଂ ହେୟାର ଡ୍ରାୟର ଆଦି ବାରମ୍ବାର ବ୍ୟବହାର କଲେ ଏଭଳି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଏହି ରୋଗରେ ବ୍ୟକ୍ତିର ହାତ ଏବଂ ଗୋଡ଼ର ଆଙ୍ଗୁଠିର ଧମନୀ ସିଧାସଳଖ ପ୍ରଭାବିତ ହୋଇଥାଏ। ଏହାଦ୍ୱାରା ହାତ ଗୋଡ଼କୁ ଆବଶ୍ୟକ ପରିମାଣର ଅମ୍ଳଜାନ ଯାଇପାରି ନ ଥାଏ। ଫଳରେ ଏଥିରେ ରକ୍ତ ଜମାଟ ବାନ୍ଧିବା ଦ୍ୱାରା ହାତଗୋଡ଼ର ଆଙ୍ଗୁଠି ରଙ୍ଗ ନୀଳ ପଡ଼ିଯାଏ। ଏଭଳି ସମସ୍ୟା ଲାଗି ରହିଲେ ଆଙ୍ଗୁଠିର ରଙ୍ଗ ଧୀରେ ଧୀରେ ଆହୁରି ବଦଳି ହଳଦିଆ ଏବଂ ଲାଲ ରଙ୍ଗ ହୋଇଯାଏ। ଏଥିଯୋଗୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ କାନ୍ଧର ମାଂସପେଶୀ ଉପରେ ଅଧିକ ଚାପ ପଡ଼ିଲେ ଏଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଏଭଳି ସମସ୍ୟାଠାରୁ ଦୂରେଇ ରହିବା ଲାଗି ବାରମ୍ବାର ଥଣ୍ଡା କିମ୍ବା ଗରମ ପାଣି ବ୍ୟବହାର କରୁଥିଲେ ହ୍ୟାଣ୍ଡ ଗ୍ଲୋଭ୍ସ ବ୍ୟବହାର କରନ୍ତୁ।

# ବାଦଲଫଟା ବର୍ଷା



ନିକୁଞ୍ଜ ବିହାରୀ ସାହୁ

''କୌଣସି ୨୦ ରୁ ୩୦ ବର୍ଗ କି.ମି. ପରିମିତ ସୀମିତ ଅଞ୍ଚଳ ମଧ୍ୟରେ ଏକ ଘଣ୍ଟା କିମ୍ବା ତା'ଠାରୁ କମ୍ ସମୟ ମଧ୍ୟରେ ୧୦୦ ମି.ମି. ରୁ ଅଧିକ ବୃଷ୍ଟିପାତ ହେଲେ ତାହାକୁ 'ବାଦଲ ଫାଟିବା' ଘଟଣା କହନ୍ତି। ପୂର୍ବେ ବିଶ୍ୱାସ କରାଯାଉଥିଲା ଯେ, ଆକାଶର ବାଦଲ ଏକ ଜଳପୂର୍ଣ୍ଣ ବେଲୁନ ସଦୃଶ ଏବଂ ଏହା ଫାଟିଗଲେ ଏଥିରେ ଥିବା ସମସ୍ତ ଜଳରାଶି ବର୍ଷା ଆକାରରେ ଅଚାନକ ତଳକୁ ଖସିପଡ଼େ। ସେଥିପାଇଁ ଏହାକୁ ପୂର୍ବେ ବାଦଲ ଫାଟିବା ବୋଲି କୁହାଯାଉଥିଲା। ମାତ୍ର ଏହି ଧାରଣା ଠିକ୍ ନୁହେଁ। ସ୍ୱଳ୍ପ ସମୟ ମଧ୍ୟରେ ଅତି ସୀମିତ ସ୍ଥାନରେ ଅଚାନକ ଅତ୍ୟଧିକ ବର୍ଷା ହୋଇଗଲେ ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ।''



ବନ୍ୟା ବାତ୍ୟା ଭଳି ବାଦଲ ଫାଟିବା ଏକ ପ୍ରାକୃତିକ ବିପ୍ରାତ। ଏହା ବିଶେଷକରି ସମୁଦ୍ର ପତ୍ତନଠାରୁ ଯଥେଷ୍ଟ ଉଚ୍ଚରେ ଥିବା ପାର୍ବତ୍ୟାଞ୍ଚଳରେ ସଂଘଟିତ ହୋଇଥାଏ। ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଚାନକ ବନ୍ୟା ଆସେ ଏବଂ ଘରଦ୍ୱାର ପାଣିରେ ଭସେଇ ନିଏ, ଯାହା ଧନଜୀବନ ହାନିର କାରଣ ସାଜିଥାଏ। ଏଥିରେ ସାରା ବିଶ୍ୱରେ ପ୍ରତି ବର୍ଷ ବହୁ ଧନଜୀବନ ହାନି ଘଟିଥାଏ। ଚଳିତ ବର୍ଷ ଅଗଷ୍ଟ ୧୪ରେ ଜମ୍ମୁ-କଶ୍ମୀରର ମଚେଲ ମାତା ମନ୍ଦିରକୁ ଯିବା ମାର୍ଗରେ କିସ୍ତୱାଡା ଜିଲାର ସମୁଦ୍ର ପତ୍ତନରୁ ୯୫୦୦ ଫୁଟ ଉର୍ଦ୍ଧ୍ୱରେ ଥିବା ଚାସୋଟି ଗ୍ରାମ ନିକଟରେ ବାଦଲ ଫାଟିବା କାରଣରୁ ୪୬ ଜଣ ତୀର୍ଥଯାତ୍ରୀଙ୍କ ମତ୍ୟୁ ଘଟିଥିଲା ଏବଂ ଶତାଧିକ ବ୍ୟକ୍ତି ଆହତ ହୋଇଥିଲେ। ୨୦୨୪ ଜୁଲାଇ ୩୧ ତାରିଖ ଏବଂ ଚଳିତ ବର୍ଷ ଅଗଷ୍ଟ ୫ ତାରିଖରେ ଉତ୍ତରାଖଣ୍ଡ ରାଜ୍ୟର ହିମାଳୟ ପାର୍ବତ୍ୟାଞ୍ଚଳରେ ବାଦଲ ଫାଟିବା କାରଣରୁ ଅଚାନକ ବନ୍ୟା ଆସି ଧନଜୀବନର ବ୍ୟାପକ କ୍ଷତି ଘଟିଥିଲା। ସେହିପରି ଗତ ୨୦୨୨ ମସିହା ଜୁଲାଇ ୮ ତାରିଖ ଦିନ ଜମ୍ମୁ-କଶ୍ମୀରର ପବିତ୍ର ଅମରନାଥ ଗୁମ୍ଫା ରାସ୍ତାର ପହଲଗାମ୍ ନିକଟରେ ବାଦଲ ଫାଟିବା କାରଣରୁ ଅଚାନକ ବନ୍ୟା ଆସି ୧୫ ଜଣଙ୍କ ମୃତ୍ୟୁ ଘଟିବା ସାଙ୍ଗକୁ ବହୁ ଲୋକ ଆହତ ହୋଇଥିଲେ। ତା' ସହ ଅନେକ ଅସ୍ଥାୟୀ ଶିବିର, ଭୋଜନାଳୟ ଓ ଲାଙ୍ଗରର ତମ୍ବୁ ପାଣିରେ ଭାସିଯାଇଥିଲା। ଫଳରେ ଅମରନାଥ ଯାତ୍ରାକୁ ଅସ୍ଥାୟୀ ରୂପେ ସ୍ଥଗିତ କରିବାକୁ ପଡ଼ିଥିଲା। ତେବେ ପ୍ରଶ୍ନ ଉଠେ : ଏହି ବାଦଲ ଫାଟିବା କ'ଣ ଏବଂ ଏହାର କାରଣ କ'ଣ।

କୌଣସି ୨୦ ରୁ ୩୦ ବର୍ଗ କି.ମି. ପରିମିତ ସୀମିତ ଅଞ୍ଚଳ ମଧ୍ୟରେ ଏକ ଘଣ୍ଟା କିମ୍ବା ତା'ଠାରୁ କମ୍ ସମୟ ମଧ୍ୟରେ ୧୦୦ ମି.ମି. ରୁ ଅଧିକ ବୃଷ୍ଟିପାତ ହେଲେ ତାହାକୁ 'ବାଦଲ ଫାଟିବା' ଘଟଣା କହନ୍ତି। ପୂର୍ବେ ବିଶ୍ୱାସ କରାଯାଉଥିଲା ଯେ, ଆକାଶର ବାଦଲ ଏକ ଜଳ ପୂର୍ଣ୍ଣ ବେଲୁନ ସଦୃଶ ଏବଂ ଏହା ଫାଟିଗଲେ ଏଥିରେ ଥିବା ସମସ୍ତ ଜଳରାଶି ବର୍ଷା ଆକାରରେ ଅଚାନକ ତଳକୁ ଖସିପଡ଼େ। ସେଥିପାଇଁ ଏହାକୁ ପୂର୍ବେ ବାଦଲ ଫାଟିବା (Cloud Bursting) ବୋଲି କୁହାଯାଉଥିଲା। ମାତ୍ର ଏହି ଧାରଣା ଠିକ୍ ନୁହେଁ। ସ୍ୱଳ୍ପ ସମୟ ମଧ୍ୟରେ ଅତି ସୀମିତ ସ୍ଥାନରେ ଅଚାନକ ଅତ୍ୟଧିକ ବର୍ଷା ହୋଇଗଲେ ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ। ତଥାପି ପୂର୍ବର ଏହି ନାମକରଣ ଏବେବି ରହିଯାଇଛି। ପୂର୍ବର ଏହି ଅଜବ ନାମକରଣ ଏବେ ମଧ୍ୟ ପ୍ରଚଳିତ ହେଉଛି।

ଏବେ ଆସନ୍ତୁ, ବାଦଲ ଫାଟିବାର କାରଣ ଜାଣିବା। ଯେତେବେଳେ ଜଳୀୟବାଷ୍ପ ଭରା ମୌସୁମୀ ବାୟୁ କୌଣସି ଉଚ୍ଚ ପର୍ବତରେ ବାଧା ପାଇ ଏହାର ତୀଖ ପୃଷ୍ଠ ଦେଇ ଉପରକୁ ଉଠିବା ପାଇଁ ବାଧ୍ୟ ହୁଏ, ଏହା ଅଚାନକ ପ୍ରସାରିତ ହୋଇ ଶୀତଳତା ସୃଷ୍ଟିକରେ। ଏଥିରେ ଥିବା ସମସ୍ତ ଜଳୀୟବାଷ୍ପ ଘନୀଭୂତ ହୋଇ ଜଳକଣାରେ ପରିଣତ ହୁଏ। ମାତ୍ର ଏହି ଜଳକଣା ଉର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତର ସଂଘାତରେ ତଳେ ଖସି ନ ପଡ଼ି ଆକାଶରେ ବିପୁଳ ଜଳକଣା ଭରା ଏକ ବିଶାଳ ପିଣ୍ଡ ରୂପରେ ଜମା ହୋଇ ରହେ। ଜଳୀୟବାଷ୍ପ ଭରା ଏହି ବିଶାଳ ପିଣ୍ଡ କିନ୍ତୁ ବାସ୍ତବରେ ଅତ୍ୟନ୍ତ ଅସ୍ଥିର ଓ ଅସ୍ଥାୟୀ ଅଟେ। ସମୟକ୍ରମେ, ଉର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତ ଦୁର୍ବଳ ହୋଇଗଲେ, ଏହି ପିଣ୍ଡର ସମସ୍ତ ଜଳକଣା ଏକାବେଳକେ ତଳକୁ ଖସି ପଡ଼ିଥାଏ। ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ। ଏହା ଅଚାନକ ବନ୍ୟା ସୃଷ୍ଟି କରେ।

ଆମ ଭାରତରେ ବିଶେଷ କରି ହିମାଳୟ ଅଞ୍ଚଳରେ ବାଦଲ ଫାଟିବା ଏକ ସାଧାରଣ ଘଟଣା। କିଛି ବାଦଲ ଫାଟିବା ଘଟଣା ମଧ୍ୟ ସମତଳ ଭୂମିରେ ଲକ୍ଷ୍ୟ କରାଯାଏ। ୧୯୦୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ବାଦଲ ଫାଟିବା ଯୋଗୁଁ ତେଲଙ୍ଗନା ରାଜ୍ୟର ମୁସି ନଦୀରେ ଅଚାନକ ଜଳସ୍ତର ୩ ରୁ ୪ ମିଟର ବୃଦ୍ଧି ପାଇଥିଲା। ଏହାଦ୍ୱାରା ପ୍ରବଳ ବନ୍ୟା ଆସି ନଦୀ କୂଳରେ ଥିବା ୧୫,୦୦୦ ଲୋକଙ୍କ ମୃତ୍ୟୁ ଘଟିବା ସାଙ୍ଗକୁ ସମୁଦାୟ ୮୦,୦୦୦ ଘର ଭାସିଯାଇଥିଲା। ୧୯୭୦ ମସିହା ଜୁଲାଇ ୨୦ ତାରିଖରେ ଅଲକାନନ୍ଦା ନଦୀର ଉପରମୁଣ୍ଡ ଜଳଗ୍ରହଣ କ୍ଷେତ୍ରରେ ବାଦଲ ଫାଟିବା ଦ୍ୱାରା ଅଚାନକ ବନ୍ୟା ଆସି ୧୩ଟି ସେତୁ, ୩୦ଟି ତୀର୍ଥଯାତ୍ରୀ ବସ୍ ସମେତ ଏକ ବସ୍ତି ସମ୍ପୂର୍ଣ୍ଣ ଭାସିଯାଇଥିଲା। ୧୯୯୭ ମସିହା ଅଗଷ୍ଟ ୧୫ ତାରିଖରେ ହିମାଚଳ ପ୍ରଦେଶର ସିମଳା ଜିଲାର ଚିଦଗାଉଁଠାରେ ବାଦଲ ଫାଟିବା କାରଣରୁ ୧୧୫ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ୧୯୯୮ ମସିହା ଅଗଷ୍ଟ ୧୭ ତାରିଖରେ ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲାରେ ବାଦଲ ଫାଟିବା ଯୋଗୁଁ ଭୂସ୍ଖଳନ ଘଟି ବହୁ କୈଳାଶ-ମାନସରୋବର ତୀର୍ଥଯାତ୍ରୀଙ୍କ ସମେତ ସମୁଦାୟ ୨୫୦ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୦୩ ଜୁଲାଇ ୧୬ ତାରିଖରେ ହିମାଚଳ ପ୍ରଦେଶର ଶିଲାଗଡ଼ଠାରେ ବାଦଲ ଫାଟିବାରୁ ଅଚାନକ ବନ୍ୟା ଆସି ୪୦ ଜଣ ଲୋକଙ୍କ ପ୍ରାଣହାନି ଘଟିଥିଲା। ୨୦୦୫ ମସିହା ଜୁଲାଇ ୨୬ ତାରିଖରେ ବାଦଲ ଫାଟିବା ଯୋଗୁ ବାଣିଜ୍ୟ ନଗରୀ ମୁମ୍ବାଇରେ ୮ ଘଣ୍ଟା ସମୟ ମଧ୍ୟରେ ୯୫୦ ମି.ମି. ବୃଷ୍ଟିପାତ ହୋଇଥିଲା, ଯାହାଦ୍ୱାରା ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ୨୦୦୯ ମସିହା ଅଗଷ୍ଟ ୭ ତାରିଖରେ ଉତ୍ତରାଖଣ୍ଡ ରାଜ୍ୟର ପିଥୋରାଗଡ଼ ଜିଲାର ମୁନସ୍ୟାରି ଗାଁ ନିକଟରେ ବାଦଲ ଫାଟିବା ଫଳରେ ଭୂସ୍ଖଳନ ଘଟି ୩୮ ଜଣ ଲୋକ ପ୍ରାଣ ହରାଇଥିଲେ। ୨୦୧୦ ମସିହା ସେପ୍ଟେମ୍ବର ମାସରେ ଉତ୍ତରାଖଣ୍ଡ ରାଜ୍ୟର ଆଲମୋଡ଼ାଠାରେ ବାଦଲ ଫାଟିବା ଯୋଗୁ ବନ୍ୟା ଆସି ଦୁଇଟି ଗାଁ ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା ଏବଂ ଅଧିକାଂଶ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଥିଲା। ସେହି ୨୦୧୦ ମସିହା ଅଗଷ୍ଟ ୬ ତାରିଖରେ ଲଦାଖ କ୍ଷେତ୍ରର ସୀମନ୍ତ ସହର ଲେହଠାରେ ବାଦଲ ଫାଟିବାରୁ ୧୭୯ ଜଣ ଲୋକଙ୍କ ପ୍ରାଣହାନି ଘଟିଥିଲା। ୨୦୧୩ ମସିହା ଜୁନ୍ ମାସରେ ଉତ୍ତରାଖଣ୍ଡ ରାଜ୍ୟର କେଦାରନାଥଠାରେ ବାଦଲ ଫାଟିବାରୁ ୫୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ ମସିହା ମେ ମାସରେ ସେହି ଉତ୍ତରାଖଣ୍ଡ ରାଜ୍ୟର ଚମୋଲୀ ଜିଲାରେ ବାଦଲ ଫାଟିବା ଦ୍ୱାରା ଅନେକ ଯାନବାହନ ଆବର୍ଜନା ଓ କାଦୁଅରେ ପୋତି ହୋଇପଡ଼ିଥିଲା। ୨୦୨୧ ମସିହା ଜୁଲାଇ ୨୧ ତାରିଖରେ ଜମ୍ମୁ-କଶ୍ମୀରର କିସ୍ତୱାଡା ଜିଲାର ଦଛନ ଅଞ୍ଚଳରେ ବାଦଲ ଫାଟିବାରୁ ୨୬ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା।

ବିଶ୍ୱର ସବୁଠାରୁ ପ୍ରଳୟଙ୍କରୀ ବାଦଲଫଟା ଘଟଣା ୧୯୭୨ ନଭେମ୍ବର ୨୬ ତାରିଖରେ ଆଟ୍‌ଲାଣ୍ଟିକ ମହାସାଗରର କାରିବିଆନ ସାଗର ମଧ୍ୟରେ ଅବସ୍ଥିତ ଫ୍ରାନ୍ସ ଶାସିତ ଏକ ଦ୍ୱୀପପୁଞ୍ଜ ଗୁଆଡେଲୁପର ବାସେ-ଟେରେ ଦ୍ୱୀପରେ ଦେଖିବାକୁ ମିଳିଥିଲା, ଯେଉଁଥିରେ ମାତ୍ର ୧ ମିନିଟ ସମୟ ମଧ୍ୟରେ ୩୮.୧୦ ମି.ମି. ପରିମାଣର ବୃଷ୍ଟିପାତ ରେକର୍ଡ କରାଯାଇଥିଲା। (କ୍ରମଶଃ..)


-ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୦୧୮୭୦୮୮୫୮

## ଚିନ୍ତାଧାରା ସକାରାତ୍ମକ ରହିଲେ...



ଆଜିକାଲି ହୃଦ୍‌ରୋଗ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଉଭା ହୋଇଛି। ଏବେ ଏହାର ଚିକିତ୍ସା ପାଇଁ ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ଅନୁସରଣ କରାଯାଉଛି। ଠିକ୍ ସମୟରେ ଚିକିତ୍ସିତ ହେଲେ ଅନେକେ ଏଥିରୁ ଆରୋଗ୍ୟ ଲାଭ କରିପାରୁଛନ୍ତି। ହେଲେ ଯଦି ଆମେ ନିଜ ଚିନ୍ତାଧାରାକୁ ସକାରାତ୍ମକ ରଖିବା ତେବେ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା କେତେକାଂଶରେ କମ୍ ରହିବ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଏଭଳି ବିଷୟ ଉପରେ ଟୋକିଓ ବିଶ୍ୱବିଦ୍ୟାଳୟର ହୃଦ୍‌ରୋଗ ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। ସକାରାତ୍ମକ ଚିନ୍ତାଧାରା ସହ ବଞ୍ଚୁଥିବା କେତେକ ବ୍ୟକ୍ତିଙ୍କଠାରେ ଏହାର ଲକ୍ଷଣ ଅନ୍ୟମାନଙ୍କ ତୁଳନାରେ ସେମାନେ କମ୍ ଦେଖିବାକୁ ପାଇଥିଲେ। ସବୁଠାରୁ ଅଧିକ ସଂଖ୍ୟାରେ ହେଉଥିବା ହୃଦ୍‌ରୋଗ ଯାହା କରୋନାରୀ ଧମନୀରେ ରକ୍ତ ସଞ୍ଚାଳନରେ ବାଧା ଯୋଗୁ ହୋଇଥାଏ। ବର୍ତ୍ତମାନ ଏହାର ସମ୍ପୂର୍ଣ୍ଣ ଓ ଫଳପ୍ରଦ ଚିକିତ୍ସା କରାଯାଇପାରୁଛି। ତେବେ ଆମ୍ଭେମାନେ ଚାହିଁଲେ ହୃଦ୍‌ରୋଗକୁ କମାଇ ପାରିବା ଏବଂ ହୃଦରୋଗଜନିତ ମୃତ୍ୟୁରୁ ରକ୍ଷା ପାଇପାରିବା। ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ, ଓଜନ ହ୍ରାସ, ଚର୍ବି ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ରକ୍ତରେ ଶର୍କରା ନିୟନ୍ତ୍ରଣ, କମ୍ ଲୁଣ, କମ୍ ଚିନି, ତଟକା ଫଳମୂଳ, ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ, ସୁସ୍ଥ ମନ, ସୁସ୍ଥ ଚିନ୍ତାଧାରା, ମାନସିକ ଚାପ ହ୍ରାସ ଓ ଆହୁରି ଅନେକ ଏହିପରି କାର୍ଯ୍ୟବିଧି ହୃଦ୍‌ଘାତର ଆଶଙ୍କା କମାଇ ଦେଇଥାଏ।

## ଉପାୟ ଆମ ହାତରେ...



ଧୂମପାନ ଏଭଳି ଏକ ଅଭ୍ୟାସ ଯାହା ଜଣଙ୍କୁ ଥରେ କବଳିତ କଲେ ସେ ସେଥିରୁ ମୁକୁଳିବା ସହଜ ହୋଇ ନ ଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯେ ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନଜନିତ ରୋଗରେ ମୃତ୍ୟୁବରଣ କରିଥାଆନ୍ତି। ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ଅସ୍ଥି ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ, ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ। ତେଣୁ ଏହାଠାରୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ରଖିବା ଉପାୟ ନିଜ ହାତରେ ହିଁ ରହିଛି।

## ସ୍ୱାସ୍ଥ୍ୟ ସୂଚନା

➢ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଯଦି ଏଣୁତେଣୁ ଖାଇବା ଏକ ଅଭ୍ୟାସରେ ପରିଣତ ହୋଇଗଲା ତେବେ ଏହା ହଜମ କ୍ରିୟାକୁ ପ୍ରଭାବିତ କରିବା ସହ କେତେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।

➢ରାତିରେ ଯଦି ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତି ତେବେ ଏହାଦ୍ୱାରା ଭଲ ନିଦ ହୋଇ ନ ଥାଏ। ତେଣୁ ଶୋଇବା ପୂର୍ବରୁ ଭଲ ଭାବରେ ମୁହଁ, ଗୋଡ଼ହାତ ଧୁଅନ୍ତୁ। ଶାନ୍ତ ମନରେ ଶୋଇବାକୁ ଯାଆନ୍ତୁ।

➢ଦୀର୍ଘକାଳୀନ ରୋଗରେ ପୀଡ଼ିତ ଥିଲେ ଡାକ୍ତର କେତେକ ନମୁନା ପରୀକ୍ଷା ପାଇଁ ପ୍ରେସ୍‌କ୍ରିପସନରେ ଉଲ୍ଲେଖ କରିଥାଆନ୍ତି। ଏଗୁଡ଼ିକୁ ଅଣଦେଖା କରନ୍ତୁ ନାହିଁ। ପୁରୁଣା ପ୍ରେସ୍‌କ୍ରିପସନ ଏବଂ ନମୁନା ପରୀକ୍ଷା ରିପୋର୍ଟ ଏକ ଫାଇଲ୍ ଭିତରେ ରଖନ୍ତୁ। ହୁଏତ ଏହା ଭବିଷ୍ୟତରେ ଚିକିତ୍ସା ସମୟରେ କାମରେ ଆସିପାରେ।



➢ନିଜକୁ ସୁସ୍ଥ ରଖିବା ଲାଗି ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ, ହେଲେ ପରୋକ୍ଷରେ ଅନେକ ରୋଗକୁ ଆମନ୍ତ୍ରଣ କରିଥାଏ। ଏପରିକି ସେଥିରୁ ଉପଶମ ପାଇବା ଲାଗି ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼େ।

➢ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

➢ଯଦି ଆପଣ ବ୍ଲଡ୍‌ପ୍ରେସର କିମ୍ବା ଡାଇବେଟିସ ସମସ୍ୟା ସହ ଜଡ଼ିତ ତେବେ ଔଷଧ ଖାଇବାରେ ଅନିୟମିତତା କରନ୍ତୁ ନାହିଁ। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# କିପରି ନୀରୋଗ ରହିବେ...

ଆଜିକାଲି ନିଜ ଶରୀରକୁ ସୁସ୍ଥ ତଥା ନୀରୋଗ ରଖିବାକୁ ପଡ଼ିବ। କାରଣ ଦିନକୁ ଦିନ ବିଭିନ୍ନ ପ୍ରକାର ରୋଗଦ୍ୱାରା ଆମେ ଆକ୍ରାନ୍ତ ହେଉଛେ। ତେଣୁ ସୁସ୍ଥ ଶରୀର ପାଇଁ ଏକ ସରଳ ତଥା ସହଜ ଉପାୟ ରହିଛି। ପ୍ରଥମେ ନିଜର ଜୀବନଶୈଳୀକୁ ସନ୍ତୁଳିତ ରଖନ୍ତୁ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ଏଣୁତେଣୁ ଏବଂ ତେଲମସଲାଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। ବ୍ୟାୟାମ ବ୍ୟତୀତ ଯୋଗ, ପ୍ରାଣାୟାମ କରନ୍ତୁ। ବିଶେଷଭାବରେ ଯୋଗର ଅନେକ ଉପକାରୀ ଗୁଣ ରହିଛି। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଆଉ ଏକ କଥା ହେଲା ବିଶ୍ରାମ। ପ୍ରତିଦିନ ୭-୮ ଘଣ୍ଟା ଶୁଅନ୍ତୁ। ଯଦି କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲା, ତେବେ ତାହାକୁ ଅଣଦେଖା କରନ୍ତୁ ନାହିଁ। ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧/୨୦୨୫ Bhubaneswar, Monday, September 1/ 2025

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

**ରାଜଗିର(ବିହାର), ୩୧।୮(ପି.ଟି.)**

ଅଧିନାୟକ ହରମନପ୍ରୀତ ସିଂଙ୍କ ଡବଲ୍ ଗୋଲ ବଳରେ ହକି ଏସିଆ କପ୍‌ରେ ରବିବାର ଜାପାନ ବିପକ୍ଷରେ ଖେଳାଯାଇଥିବା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌କୁ ଭାରତୀୟ ଦଳ ୩-୨ ଗୋଲରେ ଜିତିନେଇଛି। ଲଗାତର ଦ୍ୱିତୀୟ ବିଜୟ ସହ ଭାରତୀୟ ଦଳ ସୁପର-୪ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏହି ବିଜୟ ସହ ଭାରତ ପୁଲ୍-ଏ'ରେ ୬ ପଏଣ୍ଟ ସହ ଶୀର୍ଷରେ ରହିଛି। ଭାରତୀୟ ଦଳ ସୋମବାର ତା'ର ଅନ୍ତିମ ଗ୍ରୁପ୍

## ହକି ଏସିଆ କପ୍

ପର୍ଯ୍ୟାୟ ମ୍ୟାଚ୍‌ରେ କାଜାଖସ୍ତାନକୁ ଭେଟିବ। ଜାପାନ ଓ ଚାଇନା ମଧ୍ୟରେ ହେବାକୁଥିବା ମ୍ୟାଚ୍‌ର ବିଜେତା ପୁଲ୍-ଏ'ରୁ ଦ୍ୱିତୀୟ ଦଳ ଭାବେ ସୁପର-୪ ପର୍ଯ୍ୟାୟରେ ପ୍ରବେଶ କରିବ।

ଏହି ମ୍ୟାଚ୍ ଜରିଆରେ ଭାରତୀୟ ଗୋଲ୍‌କିପର କ୍ରିଶନ ବାହାଦୁର ପାଠକ ଅନ୍ତର୍ଜାତୀୟ କ୍ୟାରିୟରରେ ୧୫୦ତମ ମ୍ୟାଚ୍ ପୂରଣ କରିଛନ୍ତି।

ମ୍ୟାଚ୍ ଆରମ୍ଭରୁ ଭାରତୀୟ ଦଳ ଆଟାକିଂ ଖେଳ ପ୍ରଦର୍ଶନ କରିଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ମନପ୍ରୀତ ଅଳ୍ପକେ ଏକ ଫିଲ୍ଡ ଗୋଲ ସୁଯୋଗ ହାତଛଡ଼ା କରିଥିଲେ। ଏହାର ଦୁଇ ମିନିଟ୍ ପରେ ମନଦୀପ ସିଂ ଏକ ଜବରଦସ୍ତ ଫିଲ୍ଡ ଗୋଲ ଜରିଆରେ ଭାରତକୁ ୧-୦ ଗୋଲ୍‌ର ଅଗ୍ରଣୀ ଆଣିଦେଇଥିଲେ। ପରବର୍ତ୍ତୀ ମିନିଟ୍‌ରେ ଭାରତକୁ ଲଗାତର ଦୁଇଟି ପେନାଲ୍ଟି କର୍ନର ମିଳିଥିଲା। ପ୍ରଥମଟି ବେକାର ସାବ୍ୟସ୍ତ ହୋଇଥିବା ବେଳେ ଦ୍ୱିତୀୟ ପେନାଲ୍ଟି କର୍ନରକୁ ଅଧିନାୟକ ହରମନପ୍ରୀତ ଗୋଲ୍‌ରେ ପରିଣତ କରି ଭାରତର ଅଗ୍ରଣୀ ବ୍ୟବଧାନକୁ ଦ୍ୱିଗୁଣିତ କରିଥିଲେ। ପ୍ରଥମ କ୍ୱାର୍ଟର ଶେଷହେବାର ଦୁଇ ମିନିଟ୍ ପୂର୍ବରୁ ଜାପାନ ଦୁଇଟି ପେନାଲ୍ଟି କର୍ନର ହାସଲ କରିଥିଲା। ହେଲେ ଉଭୟଥର ଭାରତୀୟ ଗୋଲ୍‌କିପର କ୍ରିଷ୍ଣ ବାହାଦୁର ପାଠକ ସେଭ୍ କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତ ୨-୦ ଗୋଲ୍‌ରେ ଆଗରେ ରହିଥିଲା। ଏହି ସ୍କୋର ଲାଇନ୍ ଦ୍ୱିତୀୟ କ୍ୱାର୍ଟର ଶେଷପର୍ଯ୍ୟନ୍ତ ଜାରି ରହିଥିଲା। ତୃତୀୟ କ୍ୱାର୍ଟରର ୩୮ତମ ମିନିଟ୍‌ରେ କୋସେଇ କାୱାବେ ଜାପାନ ପାଇଁ ପ୍ରଥମ ଗୋଲ କରିଥିଲେ। ୪୬ତମ ମିନିଟ୍‌ରେ ପୁଣି ଥରେ ପେନାଲ୍ଟି କର୍ନର ଜରିଆରେ ହରମନପ୍ରୀତ ଭାରତ ପାଇଁ ଗୋଲ ସ୍କୋର କରିଥିଲେ। ମ୍ୟାଚ୍ ଶେଷହେବାର ଦୁଇ ମିନିଟ୍ ପୂର୍ବରୁ କାୱାବେ ଦଳ ପାଇଁ ଓ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ କରିଥିଲେ। ପୁଲ୍-ଏ'ର ଅନ୍ୟ ଏକ ମ୍ୟାଚ୍‌ରେ ଚାଇନା ୧୩-୧ ଗୋଲରେ କାଜାଖସ୍ତାନକୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ଚାଇନା ସୁପର-୪ ପର୍ଯ୍ୟାୟରେ ପହଞ୍ଚିବାର ଆଶାକୁ ଉଜ୍ଜୀବିତ ରଖିଛି।



ଗୋଲ ସ୍କୋର ପରେ ଭାରତୀୟ ଖେଳାଳି ଖୁସି ମନାଉଛନ୍ତି।

# ସାତ୍ତ୍ୱିକ-ଚିରାଗଙ୍କୁ ବ୍ରୋଞ୍ଜ୍ ପଦକ

**ପ୍ୟାରିସ୍, ୩୧।୮ (ପି.ଟି.):** ଭାରତର ଅଗ୍ରଣୀ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ରହିଛନ୍ତି। ପୁରୁଷ ଡବଲ୍ସ ସେମିଫାଇନାଲରେ ସାତ୍ତ୍ୱିକ ଓ ଚିରାଗ ୧୯-୨୧, ୨୧-୧୮, ୧୨-୨୧ ଗେମ୍‌ରେ ୧୧ତମ ସିଡ୍ ଚାଇନାର ଚେନ୍ ବୋ ୟାଙ୍ଗ୍ ଓ ଲ୍ୟୁ ୟିଙ୍ଗଠାରୁ ପରାସ୍ତ ହୋଇଛନ୍ତି। ୬୭ ମିନିଟ୍ ଧରି ଚାଲିଥିବା ମ୍ୟାଚ୍‌ର ପ୍ରଥମ ଗେମ୍‌ରେ ଅଳ୍ପକେ ପରାଜିତ ହୋଇଥିବା ଭାରତୀୟ ଯୋଡ଼ି ଦ୍ୱିତୀୟ ଗେମ୍ ଜିତି ମ୍ୟାଚ୍‌କୁ ଫେରିଥିଲେ। ହେଲେ ତୃତୀୟ ଗେମ୍‌ରେ ସେମାନେ ପ୍ରତିପକ୍ଷ ଚାଇନିଜ୍ ଯୋଡ଼ିର ଉଚିତ ମୁକାବିଲା କରିପାରି ନ ଥିଲେ। ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଏହା ସାତ୍ତ୍ୱିକ-ଚିରାଗଙ୍କ ଲାଗି ଦ୍ୱିତୀୟ ପଦକ। ଏଥିପୂର୍ବରୁ ଏହି ଭାରତୀୟ ଯୋଡ଼ି ୨୦୨୨ ସଂସ୍କରଣରେ ମଧ୍ୟ ବ୍ରୋଞ୍ଜ୍ ପଦକ ଜିତିଥିଲା। ଏମାନଙ୍କ ପରାଜୟ ସହ ଚଳିତ ଟୁର୍ନାମେଣ୍ଟରେ ଭାରତର ପ୍ରତିଦ୍ୱନ୍ଦ୍ୱିତା ଶେଷ ହୋଇଛି। ହେଲେ ୨୦୧୧ରୁ ଏହି ଟୁର୍ନାମେଣ୍ଟର ପ୍ରତ୍ୟେକ ସଂସ୍କରଣରେ ଅତିକମ୍‌ରେ ଜଣେ ଭାରତୀୟ ଶଟ୍‌ଲରଙ୍କ ପଦକ ଜିତିବା ଧାରା ଜାରି ରହିଛି।

# ଦେବାଶିଷ, ବ୍ରେଟ୍ ଲି ବ୍ରାଣ୍ଡ ଆମ୍ବାସାଡର



ସ୍ୱତନ୍ତ୍ର ସାଧାରଣ ବୈଠକରେ ଉପସ୍ଥିତ ଓସିଏ କର୍ମକର୍ତ୍ତା।

**ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ୱତନ୍ତ୍ର ସାଧାରଣ ବୈଠକ ପୁରୀସ୍ଥିତ ସ୍ୱସ୍ତି ପ୍ରିମିୟମ ବିଚ୍ ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଓସିଏ କାଉନ୍‌ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ସିଇଓ ସୁବ୍ରତ ବେହେରା ଏବଂ ଅନ୍ୟ ଅନୁବନ୍ଧିତ ୟୁନିଟ୍‌ଗୁଡ଼ିକର ସଦସ୍ୟ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଓଡ଼ିଶା ପ୍ରୋ ଟି୨୦ ଲିଗ୍ ସମ୍ପର୍କରେ ଆଲୋଚନା ହୋଇଥିଲା। ସେପ୍ଟେମ୍ବର ୧୫ରୁ ୨୪ ପର୍ଯ୍ୟନ୍ତ ହେବାକୁଥିବା ଟୁର୍ନାମେଣ୍ଟରେ ମୋଟ ୬ଟି ଫ୍ରାଞ୍ଚାଇଜ୍ ଦଳ ଅଂଶଗ୍ରହଣ କରିବେ। ଆରିଭା ସ୍ପୋର୍ଟ୍ସ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ପ୍ରତିଦିନ ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଷ୍ଟାର

## ଓଡ଼ିଶା ପ୍ରୋ ଟି୨୦

ସ୍ପୋର୍ଟ୍ସରେ ପ୍ରତିଯୋଗିତାର ସିଧା ପ୍ରସାରଣ ଏବଂ ଫ୍ୟାନ୍‌କୋଡ୍ (ଓଟିଟି)ରେ ଲାଇଭ୍ ଷ୍ଟ୍ରିମିଂ ହେବ। ନିକଟରେ ହେବାକୁଥିବା ପ୍ଲେୟର୍ସ ଡ୍ରାଫ୍ଟ ମାଧ୍ୟମରେ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଖେଳାଳି ଚୟନ କରିବେ। ପୂର୍ବତନ ଅଷ୍ଟ୍ରେଲିଆ ଫାଷ୍ଟ ବୋଲର ବ୍ରେଟ୍ ଲି ଏବଂ ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତିଙ୍କୁ ଲିଗ୍‌ର ବ୍ରାଣ୍ଡ ଆମ୍ବାସାଡର କରାଯାଇଛି। ପ୍ରଥମ ଦିବସରେ ଭବ୍ୟ ଉଦ୍‌ଘାଟନୀ ସମାରୋହ ହେବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଓଡ଼ିଶା ସେଣ୍ଟର ଅଫ୍ ଏକ୍ସିଲେନ୍ସି

ଡ. ହରେକୃଷ୍ଣ ମହତାବ ଫିଡର ସେଣ୍ଟର(ବାଳିକା ଓ ବାଳକଙ୍କ ପାଇଁ ୧୪ ବର୍ଷରୁ କମ୍ ରେସିଡେଣ୍ଟାଲ କ୍ରିକେଟ ଏକାଡେମୀ) ଏବଂ ସଚିନ ତେନ୍ଦୁଲକର ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଚାରବିମର୍ଶ ହୋଇଛି। ୨୦୨୬ ଜାନୁଆରୀ ବେଳକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଉଦ୍‌ଘାଟନ କରିବାକୁ ଆପାତତଃ ଧାର୍ଯ୍ୟ କରାଯାଇଛି।

## ବାରବାଟୀରେ ଅନ୍ତର୍ଜାତୀୟ ମ୍ୟାଚ

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଡିସେମ୍ବର ୯ରେ କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହାକୁ ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା ଏବଂ ମ୍ୟାଚ୍‌ର ସଫଳ ଆୟୋଜନ ଲାଗି ବିଭିନ୍ନ ନିଷ୍ପତ୍ତି ନେବାକୁ ନିର୍ବିବାଦରେ ଓସିଏ ସଭାପତି, ସମ୍ପାଦକ ଏବଂ ଅନ୍ୟ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଓସିଏ ନିର୍ବାଚନ

ଡିସେମ୍ବର ୯ରେ କଟକରେ ଭାରତ-ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ପରେ ଓଡ଼ିଶା କ୍ରିକେଟ ଆସୋସିଏଶନର ନିର୍ବାଚନ ହେବ। ଏହି ପ୍ରସ୍ତାବ ନିର୍ବିବାଦରେ ଅନୁମୋଦିତ ହୋଇଥିଲା।

# ରଶ୍ମିତାଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ରଶ୍ମିତା ସାହୁ

**ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)**

ଶ୍ରୀନଗରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲରେ ସିଙ୍ଗଲ୍ସ ୨୦୦ ଓ ଡବଲ୍ସ ୫୦୦ ମିଟରରେ ୨ଟି ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶାର କାନୋଇଂ ତାରକା ରଶ୍ମିତା ସାହୁଙ୍କ ସହ ରବିବାର ମନ୍ କୀ ବାତ୍‌ର ୧୨୫ତମ ଅଧ୍ୟାୟରେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ ରଶ୍ମିତାଙ୍କୁ ମୋଦି ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କେତେକ ପ୍ରଶ୍ନର ଉତ୍ତରରେ ରଶ୍ମିତା କଟକ ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ କିପରି କାନୋଇଂ ତାଲିମ ଗ୍ରହଣ କରିଥିଲେ ସେ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ଏହି ଅବସରରେ ରଶ୍ମିତା କହିଛନ୍ତି, ମୁଁ ୨୦୧୭ରେ କାନୋଇଂରେ ଯୋଗ ଦେଇଥିଲି। ଇତିମଧ୍ୟରେ ମୁଁ ୪୧ ପଦକ(୧୩ ସ୍ୱର୍ଣ୍ଣ, ୧୪ ରୌପ୍ୟ, ୧୪ ବ୍ରୋଞ୍ଜ୍) ଜିତି ସାରିଛି। ଆମ ଗ୍ରାମରେ କ୍ରୀଡ଼ା ବାତାବରଣ ନ ଥିଲା। ପାଖରେ ନଦୀ ଥିବାରୁ ସନ୍ତରଣ କରୁଥିଲି। ସନ୍ତରଣ କରୁଥିବାବେଳେ ଏକ କାନୋଇଂ-କାୟାକିଂ ବୋଟ୍ ଅତିକ୍ରମ କରିଥିଲା। ଏ ସମ୍ପର୍କରେ ମୁଁ ଜାଣି ନ ଥିଲି। ପରେ ଏହି କ୍ରୀଡ଼ା ପ୍ରତି ମୁଁ ଆଗ୍ରହୀ ହୋଇଥିଲି ଏବଂ ବାପାଙ୍କୁ ଜଣାଇଥିଲି। ପରେ ଜଳକ୍ରୀଡ଼ା କେନ୍ଦ୍ରରେ କୋଚ୍‌ଙ୍କୁ ସାକ୍ଷାତ୍ କରିଥିଲି। ଫେବୃଆରୀ-ମାର୍ଚ୍ଚରେ ହେଉଥିବା ଟ୍ରାଏଲ୍ସରେ ଯୋଗଦେବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ କୃତକାର୍ଯ୍ୟ ହୋଇଥିଲି। କାନୋଇଂ ବ୍ୟତୀତ ରନିଂ ଏବଂ ଫୁଟ୍‌ବଲ ମୋତେ ଭଲଲାଗେ। ପୂର୍ବରୁ ଆର୍ଥିକ ଅନଟନ ଯୋଗୁ ଗ୍ରାମାଞ୍ଚଳର ଅନେକ ଖେଳାଳି ଅଧାରୁ ଖେଳ ଛାଡୁଥିଲେ। ଏବେ ଖେଲୋ ଇଣ୍ଡିଆ ଯୋଗୁ ବହୁ ପ୍ରତିଭା ଚିହ୍ନଟ ହୋଇପାରୁଛନ୍ତି। ଖେଳକୁ ଆପଣାଇବା ଦ୍ୱାରା କେବଳ ପଦକ ମିଳେନାହିଁ, ସୁସ୍ଥ ଜୀବନଯାପନରେ ମଧ୍ୟ ଏହା ସହାୟକ ହୋଇଥାଏ। ଖେଳରେ ଆଗକୁ ବଢ଼ି ଭାରତ ପାଇଁ ଅଧିକରୁ ଅଧିକ ପଦକ ଜିତିବା ଆମ କର୍ତ୍ତବ୍ୟ ବୋଲି ରଶ୍ମିତା ପ୍ରକାଶ କରିଛନ୍ତି।

# ପାଠକ ଖେଳିଲେ ୧୫୦ତମ ମ୍ୟାଚ



କ୍ରିଶନ ବାହାଦୁର ପାଠକଙ୍କୁ ଦିଲୀପ ତିର୍କୀ ସମ୍ବର୍ଦ୍ଧିତ କରୁଛନ୍ତି।

**ରାଜଗିର, ୩୧।୮**

ଏଠାରେ ଚାଲିଥିବା ଏସିଆ କପ୍ ହକି ଟୁର୍ନାମେଣ୍ଟରେ ରବିବାର ଅନୁଷ୍ଠିତ ଜାପାନ ବିପକ୍ଷ ମ୍ୟାଚ୍‌ରେ କ୍ୟାରିୟରର ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି ଗୋଲ୍‌କିପର କ୍ରିଶନ ବାହାଦୁର ପାଠକ। କିମ୍ବଦନ୍ତୀ ଗୋଲ୍‌କିପର ପି.ଆର୍. ଶ୍ରୀଜେଶଙ୍କ ଅବସର ପରେ ପଞ୍ଜାବ କପୁରତାଲାର ୨୮ ବର୍ଷୀୟ କ୍ରିଶନ ଏବେ ଭାରତର ପ୍ରଥମ ପସନ୍ଦ ଗୋଲ୍‌କିପର। ଏସିଆ କପ୍‌ରେ ଚାଇନାକୁ ୪-୩ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ଦ୍ୱିତୀୟ ମ୍ୟାଚରେ ଜାପାନକୁ ପରାସ୍ତ କରିଥିବାରୁ କ୍ରିଶନଙ୍କ ଲାଗି ଏହି ମାଇଲଖୁଣ୍ଟ ମ୍ୟାଚ୍ ସ୍ମରଣୀୟ ହୋଇଛି। ୨୦୧୬ରେ ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିବା ପାଠକ ୨୦୧୮ ଜାନୁଆରୀରେ ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଜାପାନ ବିପକ୍ଷ ମ୍ୟାଚ୍‌ରେ ସିନିୟରସ୍ତରରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ, ''ବର୍ତ୍ତମାନ ସମୟରେ କ୍ରିଶନ ହେଉଛନ୍ତି ଭାରତୀୟ ହକିର ପ୍ରାଚୀର। ଜୁନିୟର ସ୍ତରରୁ ଆରମ୍ଭକରି ବର୍ତ୍ତମାନ ଭାରତର ପ୍ରଥମ ପସନ୍ଦର ଗୋଲ୍‌କିପର ହେବା ପର୍ଯ୍ୟନ୍ତ ତାଙ୍କ ଯାତ୍ରା ଯୁବପିଢ଼ିଙ୍କ ପାଇଁ ପ୍ରେରଣା ସଦୃଶ।''

# ୩ ଭେନ୍ୟୁରେ ହେବ ଏଚ୍‌ଆଇଏଲ୍

**ରାଜଗିର(ବିହାର), ୩୧।୮(ପି.ଟି.)**

ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ପରବର୍ତ୍ତୀ ସଂସ୍କରଣ ଆସନ୍ତା ଜାନୁଆରୀରେ ୩ଟି ଭେନ୍ୟୁରେ ହେବ। ଏ ନେଇ ହକି ଇଣ୍ଡିଆ(ଏଚ୍‌ଆଇ) ସଭାପତି ଦିଲୀପ ତିର୍କୀ ରବିବାର କହିଛନ୍ତି। ପୁରୁଷ ଏଚ୍‌ଆଇଏଲ୍‌ରେ ପୂର୍ବଭଳି ୮ ଦଳ ଭାଗ ନେବେ। କିନ୍ତୁ ମହିଳା ଲିଗ୍‌ରେ ୪ ବଦଳରେ ୬ ଦଳ ଭାଗନେବେ। ଗୋନାସିକା(ପୁରୁଷ) ଏବଂ ଓଡ଼ିଶା ୱାରିଅର୍ସ(୨୦୨୫ ମହିଳା ଚାମ୍ପିୟନ) ବ୍ୟକ୍ତିଗତ କାରଣ ଦର୍ଶାଇ ଲିଗ୍‌ରୁ ଓହରି ଯାଇଛନ୍ତି। 'ଉଭୟ କାଟେଗୋରିରେ ଏଚ୍‌ଆଇଏଲ୍ ହେବ। ପୁରୁଷ ବିଭାଗରେ ଗୋନାସିକ ଛଡ଼ା ଅନ୍ୟ ସମସ୍ତ ଦଳ ଭାଗନେବେ। ଆମେ ଗୋନାସିକା ଦଳର ବଦଳ ଦଳ ଖୁବ୍‌ଶୀଘ୍ର ଘୋଷଣା କରିବୁ। ମହିଳା ବିଭାଗରେ ୪ ଓ ପୁରୁଷ ବିଭାଗରେ ୮ରୁ କମ୍ ଦଳ ଭାଗ ନେବେନାହିଁ। ଆମେ ମହିଳା ବିଭାଗରେ ଦଳ ସଂଖ୍ୟା ୪ରୁ ୬କୁ ବୃଦ୍ଧି କରିବାକୁ ଯୋଜନା କରିଛୁ। ଏଥର ୩ ଭେନ୍ୟୁରେ ଖେଳାଯିବ। ଓଡ଼ିଶାର ଭୁବନେଶ୍ୱର ଓ ରାଉରକେଲା ମଧ୍ୟରୁ ଗୋଟିଏ ଭେନ୍ୟୁରେ ଖେଳାଯିବ ବୋଲି ତିର୍କୀ ଏସିଆ କପ୍ ଅବସରରେ କହିଛନ୍ତି। ଏତଦ୍‌ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ପଞ୍ଜାବରେ ମ୍ୟାଚ୍ ଆୟୋଜନ ଲାଗି ପ୍ରସ୍ତାବ ଆସିଛି। ହେଲେ ଚଣ୍ଡିଗଡ଼ ଓ ମୋହାଲି ଭଳି ସହରରେ ଜାନୁଆରୀରେ ପ୍ରବଳ କୁହୁଡ଼ିର ସମ୍ମୁଖୀନ ହେବାକୁ ପଡ଼ିବ। ଏ ସମ୍ପର୍କରେ ଆମେ ଭବିଷ୍ୟତରେ ଚିନ୍ତା କରିବୁ। ଓଡ଼ିଶା ୱାରିଅର୍ସ ସମ୍ପର୍କରେ ତିର୍କୀ ପ୍ରକାଶ କରିଛନ୍ତି ଯେ, ଓଡ଼ିଶା ୱାରିଅର୍ସ ତା'ର ଖେଳାଳିଙ୍କୁ ଟଙ୍କା ଦେବାରେ ବିଳମ୍ବ କରିଥିଲା। ଆମେ ସେମାନଙ୍କ ସହ ଆଲୋଚନା ପରେ ସେମାନଙ୍କ ପାଇଁ ଖେଳାଳିଙ୍କୁ ଟଙ୍କା ଦେଇଥିଲୁ। ଓଡ଼ିଶା ୱାରିଅର୍ସ ମହିଳାଙ୍କ ମଧ୍ୟରେ ଚାମ୍ପିୟନ ହୋଇଥିଲା। ଏଣୁ ସେମାନଙ୍କ ପୁରସ୍କାର ଟଙ୍କା ଆମ ପାଖରେ ଥିଲା ଏବଂ ଆମେ ସେମାନଙ୍କ ଅନୁମତି ନେବା ପରେ ଖେଳାଳିଙ୍କୁ ଦେଇଥିଲୁ। ଓଡ଼ିଶା ୱାରିଅର୍ସ ଓ ଗୋନାସିକା ଖେଳାଳିମାନେ ଅକ୍ସନକୁ ଯିବେ। କିଛି ଫ୍ରାଞ୍ଚାଇଜ୍ କେତେଜଣ ଖେଳାଳିଙ୍କୁ ରିଟେନ୍ କରି ଅନ୍ୟମାନଙ୍କୁ ରିଲିଜ୍ କରିଛନ୍ତି।




# ଓଡ଼ିଶାରୁ ଭାଗନେବେ ୭ ଫେନ୍‌ସର

**ଭୁବନେଶ୍ୱର, ୩୧।୮(ତପନ ସ୍ୱାଇଁ)**

ଦକ୍ଷିଣ କୋରିଆର ଇକ୍‌ସାନରେ ସେପ୍ଟେମ୍ବର ୨ରୁ ୭ ପର୍ଯ୍ୟନ୍ତ ପାରା ଫେନ୍‌ସିଂ ବିଶ୍ୱ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ଭାରତରୁ ମୋଟ ୧୩ ଜଣ ଭାଗନେବାକୁ ଯାଉଥିବାବେଳେ

## ପାରା ଫେନ୍‌ସିଂ ବିଶ୍ୱ ଚାମ୍ପିୟନଶିପ୍

ଏଥିରେ ଓଡ଼ିଶାର ୭ ଫେନ୍‌ସର ସାମିଲ। ଓଡ଼ିଶାରୁ ଭାଗ ନେଉଥିବା ପ୍ରତିଯୋଗୀମାନେ ହେଲେ ରାଖାଲ କୁମାର ସେଠୀ, ଭି. ରମେଶ ରାଓ, ମାଳତି ପାନାଉରେ, ପବିତ୍ର ସାହୁ, ରୁଦ୍ରନାରାୟଣ ବେହେରା, ଓମ୍ ପ୍ରକାଶ ବେହେରା ଓ ପୂଜାସ୍ୱିନୀ ନାୟକ। ଏମାନେ ବ୍ୟକ୍ତିଗତ ଏବଂ ଦଳୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ଏଫ୍‌ଆଇଭିବି ପ୍ରତିନିଧି ମଣ୍ଡଳୀର କିଟ୍-କିସ୍ ପରିଦର୍ଶନ

**ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)**

ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ(ଏଫ୍‌ଆଇଭିବି)ର ଏକ ପ୍ରତିନିଧି ଦଳ ରବିବାର କିଟ୍ ଓ କିସ୍‌ର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପରିଦର୍ଶନ କରିଛି। ଏହି ପ୍ରତିନିଧି ମଣ୍ଡଳୀରେ ଏଫ୍‌ଆଇଭିବି କ୍ରୀଡ଼ା ନିର୍ଦ୍ଦେଶକ ଷ୍ଟିଭ୍ ଟଟନ ଏବଂ ହିତେଶ ମାଲ୍‌ହୋତ୍ରା ସାମିଲ ଥିଲେ। ଏହି ଅବସରରେ ସେମାନେ କିଟ୍-କିସ୍ ପରିସରରେ ଥିବା ଭଲିବଲ, ବିଚ୍ ଭଲିବଲ ଏକ୍ସିଲେନ୍ସ ସେଣ୍ଟର ସହିତ କିସ୍‌ର ସୁପର ସ୍ପେଶିଆଲିଟି କମ୍ପ୍ଲେକ୍ସ, ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଦେଖି ଅଭିଭୂତ ହୋଇଥିଲେ। ପରେ ପ୍ରତିନିଧି ମଣ୍ଡଳୀ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସାକ୍ଷାତ୍ କରି ଭାରତରେ ଭଲିବଲ୍ ବିକାଶରେ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ପାଇଁ କୃତଜ୍ଞତା ଜଣାଇଥିଲେ। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ଭାବେ ଅଚ୍ୟୁତଙ୍କ କାର୍ଯ୍ୟକାଳ ଅବସରରେ କିଟ୍ ଓ କିସ୍ ଏକାଧିକ ରାଜ୍ୟ ଓ ଜାତୀୟ ପ୍ରତିଯୋଗିତା ଆୟୋଜନ କରିଛି। ଜାତୀୟ ପ୍ରତିଯୋଗିତା ପୂର୍ବରୁ ଏଠାରେ କ୍ୟାମ୍ପମାନ ଅନୁଷ୍ଠିତ ହୋଇଥିବାରୁ ପିଲାମାନେ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ସାକ୍ଷାତ୍ ଅବସରରେ ପ୍ରତିନିଧି ଦଳ ଅଚ୍ୟୁତଙ୍କୁ ପ୍ୟାରିସ୍ ଅଲିମ୍ପିକ୍ ଭଲିବଲ ପ୍ରତିଯୋଗିତାରେ ବ୍ୟବହାର ହୋଇଥିବା ଏକ ଭଲିବଲ ଏବଂ ସ୍ମାରକୀ ପ୍ରଦାନ କରିଥିଲେ। କିଟ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ଏଫ୍‌ଆଇଭିବି ପ୍ରତିନିଧିଙ୍କ ସହ ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ